ISSN No. : 2583-147X (P)



ବାସ୍ତବତାର ପରିପ୍ରକାଶ


# ପ୍ରାଚୀ

# PRACHEE

*The Official Journal of*
*Prachee Centre for Cultural Relations*

ଜୁଲାଇ ୨୦୨୪
ମୂଲ୍ୟ : ୨୫ ଟଙ୍କା





ପ୍ରେରଣାର ଉତ୍ସ
କବି ଜୟନ୍ତ ମହାପାତ୍ର



ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ



ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବ ର୍ନ ଅଛି । ଏହି ବିବ ର୍ନ ଜୀବନର ପରିବ ର୍ନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁ ର୍ଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆ ର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମି   ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମି   ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଆଗାମୀ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ‘ପ୍ରାଚୀ’ର କଲମ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବ ର୍ନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚି ଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସ । । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା’ର ସ୍ୱର୍ଗୀୟ ପ୍ରେମରେ । ତା’ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ ‘ପ୍ରାଚୀ’ ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉ ଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା’ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବ ୍ରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । ‘ପାଗଳ’ ଶବ୍ଦଟି ମୋର ପିତୃଦ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୂନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ’ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା’, ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକିଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

# ପ୍ରାଚୀ ପତ୍ରିକା

ISSN NO. 2583-147X (P)


## ଉପଦେଷ୍ଟା ମଣ୍ଡଳୀ

**ଡକ୍ଟର ପାବକ କାନୁନ୍‌ଗୋ**
ଶିକ୍ଷାବିତ୍

**ଡକ୍ଟର ମନ୍ଦାକିନୀ ଦାସ**
ଶିକ୍ଷାବିତ୍

**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
ଶିକ୍ଷାବିତ୍

**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**ଡକ୍ଟର ନାରାୟଣ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ

## ମୁଖ୍ୟ ସଂପାଦକ

**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

## କାର୍ଯ୍ୟନିର୍ବାହୀ ସମ୍ପାଦକ

**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

## ସଂପାଦକ

**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**

## ସଂପାଦକ ମଣ୍ଡଳୀ

**ନାରାୟଣ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ

**ସମ୍ବିତ ପାଣିଗ୍ରାହୀ**
ପ୍ରଫେସର, ଇଂରାଜୀ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଜୟନ୍ତ କୁମାର ଦାସ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ

**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ଆଲୋକ ବରାଳ**
ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ

**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ, ସେମିଲିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ପ୍ରାଚୀ ପ୍ରଯୁକ୍ତା**
ଶିକ୍ଷାବିତ୍

**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ

**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ
ପାରାଦୀପ କଲେଜ, ପାରାଦୀପ

# ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତ ୍ୟ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଅଭିଜାତ ସର୍ମ୍ପନ୍ନ ଓ ସମୁନ୍ନତ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସର ନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ ଆବଶ୍ୟକସ୍ଥଳେ ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧିକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବା ିଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହ ୍ବା ଜରୁରୀ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପତ୍ରିକା ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ **pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫ ରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

ବାସ୍ତବତାର ପରିପ୍ରକାଶ
ପ୍ରାଚୀ
Vol.- 10, July 2024, Issue No. IV
ISSN NO. 2583-147X(P)
RNI No. : ODIODI/2015/64435
P.R. No. : CK(C)/96/2022-2024

ପ୍ରକାଶକ :
**ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ**
ନିଳାଦ୍ରୀ ବିହାର, ନୂଆବଜାର, କଟକ

ପ୍ରଚ୍ଛଦ ଚିତ୍ର :
**ବିଜୟ କୁମାର ସାହୁ**

ଅକ୍ଷର ସଜ୍ଜା :
**ବିକ୍ରମ କିଶୋର ସାହୁ**

ଡିଟିପି :
**ଶିବ ପ୍ରସାଦ ଧଳ**

ପ୍ରଚ୍ଛଦ :
**ବିଭୁପ୍ରସାଦ ନାୟକ**

ଅଳଙ୍କରଣ :
**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**

ବିତରଣ ଅଧିକାରୀ :
**ସନ୍ତୋଷ କୁମାର ପାଲ୍**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

# ଏଇ ସଂଖ୍ୟାରେ...

ହାତୀ-ନାୟକ : 'ମିଷ୍ଟର ଖର୍‌ସେଲ'
– ଡକ୍ଟର ଆଲୋକ ବରାଳ ୦୯

୧୯୮୦ ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ର ଗଳ୍ପରେ ଆଦିବାସୀଙ୍କ ମାଟିପ୍ରୀତି
– ପ୍ରଶାନ୍ତ କୁମାର ନାୟକ ୧୬

ବିସ୍ଥାପନ ଓ ସନ୍ତ୍ରାସବାଦର ସମୀକରଣ 'କୋକୁଆ'
– ଡକ୍ଟର ମନୋରଞ୍ଜନ ସାହୁ ୨୧

ଝାରଖଣ୍ଡର ମୁଣ୍ଡା ଜନଜାତି
– ଡକ୍ଟର ବିଦ୍ୟାଧର ରାଉତ ୨୯

ପ୍ରତିଭା ଶତପଥୀଙ୍କ ଆତ୍ମଜୀବନୀ
'ଶୈଶବରୁ ସଂସାର' : ଏକ କାବ୍ୟିକ ଅନୁଶୀଳନ
– ଅଞ୍ଜନା କୁଣ୍ଡ ୩୫

ଗାଳ୍ପିକ ଅଖିଳମୋହନ ପଟ୍ଟନାୟକଙ୍କ
ଗଳ୍ପରେ ନାଟକୀୟ ସ୍ୱର ଓ ସ୍ୱାକ୍ଷର
– ଡକ୍ଟର ରୁଦ୍ର ପ୍ରସାଦ ମିଶ୍ର ୪୧

ମହୁମାଛିର ବିଷ
– ଡକ୍ଟର କମଳାକାନ୍ତ ଜେନା ୪୪

# ସଂପାଦକୀୟ...

## କଳ୍ପନାର ପ୍ରେରଣା

ପ୍ରଣାମ ପାଠକ ବନ୍ଧୁ !

ଏହି ପତ୍ରିକାର ସମ୍ପାଦନା ଦାୟିତ୍ୱସହ ସମ୍ପୃକ୍ତ ହେବାପରେ ଆପଣଙ୍କ ସହ ଏହା ମୋର ପ୍ରଥମ ଆଳାପ । ଏଥିପାଇଁ ଏହି ଅନୁଷ୍ଠାନର ବିଭୂଦତ୍ତ ବାବୁଙ୍କ ପାଖରେ କୃତଜ୍ଞ । ଏହି ଦାୟିତ୍ୱ କେତେ ନିଷ୍ଠାର ସହ ତୁଲାଇପାରିବି ସମୟ କହିବ । ପ୍ରଥମ ଆଳାପର ପର୍ବ କଳ୍ପନାରୁ ଆରମ୍ଭ ହେଉ ।

ପିଲାଦିନିଆ ଭୂଗୋଳ ବହିରେ ଆମେ ଯେତେବେଳେ ଚିରହରିତ୍ ଅରଣ୍ୟ ବା ପର୍ଣ୍ଣମୋଚୀ ଅରଣ୍ୟ ଭଳି ଶବ୍ଦସବୁ ପଢୁଥିଲେ ଏବଂ କାଳିଲେସା ଫଟୋରେ ଗଛ ଭଳି ଦିଶୁଥିବା ଚିତ୍ରମାନଙ୍କ ଭିତରୁ କଳ୍ପନା ଜରିଆରେ ଚିରହରିତ୍ ଓ ପର୍ଣ୍ଣମୋଚୀ ଭଳି ଶବ୍ଦକୁ ଅନୁଭବ କରିବାପାଇଁ ଚେଷ୍ଟା କରୁଥିଲେ, ସେଥିରେ କଳ୍ପନା ଶକ୍ତି ବିକଶିତ ହେବାପାଇଁ ଯଥେଷ୍ଟ ସମ୍ଭାବନା ଥିଲା । ହାତ ସିଲେଇରେ ପୁରୁଣା ଘର କାନ୍ଥରେ ଝୁଲୁଥିବା ନବଗୁଞ୍ଜର ବି କିଛି କମ୍ କଳ୍ପନାର ସେତୁ ତିଆରୁ ନଥିଲା ମନରେ । ବୁଢ଼ୀ ମା'ର କାହାଣୀ, ଠାକୁରାଣୀଙ୍କ ମାଟି ଘୋଡ଼ାଠାରୁ ପ୍ରକୃତି ସହ ପ୍ରତ୍ୟକ୍ଷ ସମୟବଇତଆଣରଏ କଳ୍ପନାର ଇନ୍ଦ୍ରଧନୁ ହିଁ ଉଙ୍କି ମାରୁଥିଲା ।

ଆଜିର ସମୟ କିନ୍ତୁ ସାମାଜିକ ଗଣମାଧ୍ୟମର ଦୃଶ୍ୟମୟତା ଭିତରେ ବନ୍ଦୀ । ଏ କ୍ଷେତ୍ରରେ ସବୁଠାରୁ ବଡ଼ ସମସ୍ୟା ହେଉଛି କଳ୍ପନାର ମୃତ୍ୟୁ । ପ୍ରତିଟି ପ୍ରସଙ୍ଗକୁ ସହସା ଦୃଶ୍ୟ ଆକାରରେ ଦେଖିବାର ସୁଯୋଗ ତିଆରି ହେବା ଫଳରେ ମଣିଷର କଳ୍ପନା ଶକ୍ତି ସୀମିତ ହୋଇଗଲା ଭଳି ଅନୁଭବ ହୁଏ । ଅକ୍ଷର ଜରିଆରେ ଶବ୍ଦ ଓ ବାକ୍ୟ ପଠନ ତଥା ବେତାର ମାଧ୍ୟମରେ ଶ୍ରବଣ ଜରିଆରେ ମଣିଷ ଭିତରେ ଯେଉଁ କଳ୍ପନାର ସୂକ୍ଷ୍ମ ପ୍ରବହମାନ ନଦୀଟିଏ ପ୍ରବାହିତ ହେଉଥିଲା ତାହା କ୍ରମଶଃ ମୃତ ହେଇଯାଉଛି । ଆମେ ମଧ୍ୟ ପ୍ରତ୍ୟେକ ବିଷୟକୁ ଦୃଶ୍ୟ ଆକାରରେ ଦେଖିବାର ଚେଷ୍ଟାରେ ନିଜର ବିସ୍ମୟ ଓ ପୁଲକଜନିତ ଅନୁଭବ ଠାରୁ ଦୂରେଇ ଯାଉଛେ ।

କଳ୍ପନାର ସଂରକ୍ଷଣରେ କଳା, ସଂସ୍କୃତି, ସାହିତ୍ୟ, ସଙ୍ଗୀତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏମାନେ କେବଳ ଦୃଶ୍ୟଟିଏ ଦେଖାନ୍ତିନି, ବରଂ ଦୃଶ୍ୟର ଅନ୍ତରାଳକୁ ଗୁରୁତ୍ୱ ଦିଅନ୍ତି । ଚିତ୍ରଟିଏ କେବଳ ଉଠାନ୍ତିନି, ଚିତ୍ରତଳର ଦରଜ ଓ ବ୍ୟଥାକୁ ସମ୍ନାକୁ ଆଣନ୍ତି । ଯଦି କେବଳ ଚିତ୍ର ଉତ୍ତୋଳନ କରିବା ସାହିତ୍ୟ ହୋଇଥାନ୍ତା, ତାହେଲେ ତ ପ୍ରତ୍ୟେକ ଫଟୋଗ୍ରାଫର ମଧ୍ୟ ଜଣେଜଣେ ବିଶିଷ୍ଟ ସାହିତ୍ୟିକର ମର୍ଯ୍ୟାଦା ପାଇଥାନ୍ତେ । ଫଟୋଗ୍ରାଫରଟିଏ ହୁଏତ ଗୋଟିଏ ସମୟକୁ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ତଥା ଅବିକଳ ଭାବରେ ବନ୍ଦୀ କରିଦେଇପାରେ । ମାତ୍ର ସାହିତ୍ୟିକ ସେହି ଦୃଶ୍ୟ ତଳର ଦୁଃଖ, କ୍ଷୋଭ, ହତାଶା, ସୁଖ, ଉଲ୍ଲାସ ଓ ପରିପୂର୍ଣ୍ଣତାକୁ ପରଖି-ତଉଲି କଳିବାକୁ ଚେଷ୍ଟା କରେ । ସେଇଠିଥାଏ ଅନୁଭବର ତୀବ୍ରତା ଓ କଳ୍ପନାର ଉଜ୍ଜ୍ୱଳତା । ଯାନ୍ତ୍ରିକ ମାଧ୍ୟମଟିଏ ଯଦି ମଣିଷକୁ କଳ୍ପନାବିହୀନ କରିଦେଲା, ତାହେଲେ ମାଧ୍ୟମକୁ ବିନିଯୋଗ କରିବାରେ ଆମମାନଙ୍କର ମାନସିକ ଅପରିପକ୍ୱତା ପ୍ରସଙ୍ଗରେ ଆଉଥରେ ବିଚାରିବାକୁ ହେବ ।

କଳ୍ପନାର ମୃତ୍ୟୁ ହିଁ ମାନବ ସଭ୍ୟତା ଓ ବିକାଶର ଅବକ୍ଷୟ । ଏବେ ଆମେ ଏମିତି ଗୋଟିଏ ସମୟରେ ଆସି ପହଞ୍ଚିଲଣି ଯେଉଁଠି କୃତ୍ରିମ ଲେଖକ ତିଆରି ପ୍ରସଙ୍ଗ ମଧ୍ୟ ଗୋଟିଏ ଗୁରୁତ୍ୱପର୍ଣ୍ଣ କଥା ହୋଇଉଠିଛି । ଏଇ କିଛିଦିନ ତଳେ କୃତ୍ରିମତା ତଥା ଯନ୍ତ୍ରକଳ୍ପନା ଜରିଆରେ ଶ୍ରୀରାମଙ୍କ ଫଟୋଚିତ୍ର ମଧ୍ୟ ଚହଳ ସୃଷ୍ଟି କରିଥିବା କଥା ଆପଣମାନେ ଜାଣନ୍ତି । ଅନେକେ ଲେଖାଲେଖି କରିବାପାଇଁ ମଧ୍ୟ ବୌଦ୍ଧିକ କୃତ୍ରିମତା ମାଧ୍ୟମର ସାହାଯ୍ୟ ନେଉଛନ୍ତି ଓ ଆଗକୁ ମଧ୍ୟ ଏହି ଧରଣର ଉଦ୍ୟମର ସଂଖ୍ୟା ବଢ଼ିବ । ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ନେଇ ଅନେକ ନକଲି ଓ ଉଦ୍ଦେଶ୍ୟମୂଳକ ଦୃଶ୍ୟ ମଧ୍ୟ ଚର୍ଚ୍ଚାକୁ ଆସୁଛି । ମାତ୍ର ମନେରଖିବାକୁ ହେବ ଯେ, ଯନ୍ତ୍ର ନୂଆ କଥା କହେନାହିଁ, ଯନ୍ତ୍ର କେବଳ ନିର୍ଦ୍ଦେଶ ପାଳନ କରେ । ଯେଉଁ ନିର୍ଦ୍ଦେଶଗୁଡ଼ିକ ପୂର୍ବରୁ ଯନ୍ତ୍ରରେ ସଙ୍କେତ ଜରିଆରେ ଖଞ୍ଜାଯାଇଥିବ ତାକୁ ଅବିକଳ ପରଷିଦେବା ଯନ୍ତ୍ରର କାମ ।

ପରମ୍ୟୁଟେସନ-କମ୍ବିନେସନ ଭିତରେ ଗଣିତ ବିଦ୍ୟାର ବିକାଶ ଓ ଅଗ୍ରଗତି । 'ସା-ରେ-ଗା-ମା-ପା-ଧା-ନି'ର ଶବ୍ଦସ୍ୱର ଭିତରେ ଗୀତ ମଧ୍ୟ ତିଆରି ହୁଏ । କିନ୍ତୁ ମଣିଷର କଳ୍ପନା ଶକ୍ତିର ପ୍ରୟୋଗରେ ନୂଆନୂଆ ଗୀତର ସ୍ୱର ସମ୍ଭବପର ହେଇପାରେ । ଚିନ୍ତା କରନ୍ତୁ ଯଦି ଯନ୍ତ୍ର ଜରିଆରେ ସଙ୍ଗୀତ ତିଆରି ହେବ ଏବଂ ସବୁ ଗୀତର ସ୍ୱର ଗୋଟିଏ ଭଳି ବା ପୂର୍ବସ୍ୱରର ଅନୁସୃତି ପରି ଲାଗିବ, ତାହେଲେ ଗୀତ କହିଲେ ଯେଉଁ ଚମକ, ପୁଲକ ଓ ମାଧୁର୍ଯ୍ୟ – ତାହା ଅନୁଭବ କରିହେବ କି ?

ସାହିତ୍ୟ ଓ ମଣିଷର କଳ୍ପନା ଯନ୍ତ୍ରକବଳିତ ନହେଉ । ସାହିତ୍ୟର ପ୍ରଚାର ପ୍ରସାରରେ ଯନ୍ତ୍ର ସହାୟକ ହେଉ । ସାହିତ୍ୟିକ କିନ୍ତୁ ଯାନ୍ତ୍ରିକ କଳ୍ପନାର ମାୟାରେ ନପଡୁ ବଂର ଯନ୍ତ୍ରସବୁକୁ ସାହିତ୍ୟମୟ କରିବାରେ ଆମ ସମୟ ବିତୁ ।

ଆପଣମାନଙ୍କୁ ଘୋଷଯାତ୍ରାର ଶୁଭେଚ୍ଛା । ପ୍ରଭୁ ଶ୍ରୀ ଜଗନ୍ନାଥ ଜୀବନ ଓ ଜଗତର ମଙ୍ଗଳ ବିଧାନ କରନ୍ତୁ । ଏଇ ପ୍ରାର୍ଥନା ସହ...

*- ଜ୍ଞାନୀ ଦେବାଶିଷ*

DOI : https://doi.org/10.5281/zenodo.12789680

ମୂଳ ପ୍ରବନ୍ଧ

# ହାତୀ-ନାୟକ : 'ମିଷ୍ଟର ଖର୍‌ସେଲ'

**ଆଲୋକ ବରାଳ**

ଗୋଟିଏ ଅଣ୍ଡିରା ହାତୀ ହୋଇପାରେ ଗୋଟିଏ ଉପନ୍ୟାସର ନାୟକ; ତା'ର ସଫଳ ଉଦାହରଣ ହେଉଛି ଔପନ୍ୟାସିକ ରାଧାମୋହନ ମହାପାତ୍ରଙ୍କ ଉପନ୍ୟାସ 'ମିଷ୍ଟର ଖର୍‌ସେଲ'। ଓଡ଼ିଆ ଉପନ୍ୟାସର ପରିସରକୁ ଅନୁଧ୍ୟାନ କଲେ ଏଭଳି ଜଣେ ମାତ୍ର ଔପନ୍ୟାସିକ ଦୃଷ୍ଟିକୁ ଆସିଥାନ୍ତି; ଯିଏ ସ୍ୱ ଜଙ୍ଗଲ ଅନୁଭୂତିକୁ ଏବଂ ପର୍ଯ୍ୟାବରଣ-ପ୍ରିୟତାକୁ ଉପନ୍ୟାସରେ ଉତାରିପାରନ୍ତି; ସେ କେବଳ ରାଧାମୋହନ ମହାପାତ୍ର ହିଁ ହୋଇପାରନ୍ତି । ଏ ଆଲୋଚକ ତାଙ୍କୁ ଓଡ଼ିଶାର ଜିମ୍ କର୍‌ବେଟ୍ ବୋଲି ଅନ୍ୟ ଅନେକ ଆଲୋଚନାରେ ତୁଳନା କରି ପାଠକୀୟ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି । ସ୍ୱଳ୍ପାଲୋଚିତ ହେଲେ ହେଁ ରାଧାମୋହନଙ୍କର ସୃଷ୍ଟିର ପରିସର ବେଶ୍ ବ୍ୟାପକ। ତାଙ୍କର ବହୁ ସାମାଜିକ ଉପନ୍ୟାସ ଥିଲେ ହେଁ ଏଠାରେ ତାଙ୍କର 'ପରିବେଶ' (ଘବଣ୍ଡଙ୍କଙ୍ଖର) ଓ 'ପର୍ଯ୍ୟାବରଣ' (Environment) ଆଧାରିତ କେତେକ ଉପନ୍ୟାସର ଉଲ୍ଲେଖ କରାଯାଇପାରେ; ଯଥା: 'ଜଙ୍ଗଲର ଜମାନବନ୍ଦୀ' (୧୯୯୪); 'ବ୍ୟାଘ୍ରନିନାଦ' (୧୯୯୫); 'ଅରଣ୍ୟଅତିଥି' (୧୯୯୬); 'ଭୂମିତୃଷ୍ଣା' (୧୯୯୮); 'ମିଷ୍ଟର ଖର୍‌ସେଲ' (୨୦୧୨)। ଏ ସମସ୍ତ ଉପନ୍ୟାସରେ ରାଧାମୋହନଙ୍କର ଜଙ୍ଗଲର ନିସର୍ଗ ଅରଣ୍ୟ ସୁଷମା; ଶିକାର ଅନୁଭୂତି; ପ୍ରକୃତିପ୍ରିୟତା ତଥା ପର୍ଯ୍ୟାବରଣ ପ୍ରତି ନିବିଡ଼ ଭଲପାଇବାକୁ ଅନୁଭବି ହେବ; ତତ୍‌ସହିତ ଲକ୍ଷ୍ୟ କରାଯାଇପାରିବ ବଣ୍ୟ ପଶୁ-ପକ୍ଷୀ-ସରୀସୃପଙ୍କ ସମ୍ପର୍କରେ ଅନେକ ଅଜ୍ଞାତ କଥା ଓ ଅନୁସନ୍ଧାନକୁ । ତାଙ୍କର ଏହି ସବୁ ଅଭିବ୍ୟକ୍ତି ଓ ଅନୁଚିନ୍ତା ପାଇଁ ଏ ଆଲୋଚକ ତାଙ୍କୁ ଅଭିହିତ କରିଛି ଓଡ଼ିଶାର କର୍‌ବେଟ୍ ବୋଲି । ସପ୍ରସଙ୍ଗ ଏଠାରେ ଉଲ୍ଲେଖ କରାଯାଇପାରେ ଲେଖକଙ୍କର ଶ୍ୱାନ-ନାୟକକୁ ଭିତ୍ତିକରି ଲିଖିତ 'ସତ୍ୟମ୍ ଏବ' (୧୯୮୪) ଉପନ୍ୟାସରେ ଗୋଟିଏ କୁକୁରର ଆତ୍ମସମର୍ପଣ ଓ ଆତ୍ମବଳିଦାନର କରୁଣ କାହାଣୀ । ସ୍ରଷ୍ଟା ରାଧାମୋହନଙ୍କ ଅନୁରୂପ ଭାବେ ବାଘ-ଜୀବନକୁ ଭିତ୍ତିକରି ଲେଖା ହୋଇଥିବା ତାଙ୍କର 'ଭୂମିତୃଷ୍ଣା' ଉପନ୍ୟାସ ନିମନ୍ତେ ଲାଭ କରିଥିଲେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ।

ଉତ୍ତର ଆଧୁନିକ ସାହିତ୍ୟିକ ଅନୁଚିନ୍ତା ଭିତରେ ପର୍ଯ୍ୟାବରଣ ପ୍ରତି ଉନ୍ମୁଖତାର ମୂଳରେ ରହିଛି ପରିବେଶ ଓ ପ୍ରକୃତି ନେଇ ସଚେତନତାର ଦୃଷ୍ଟିଭଙ୍ଗୀ। 'Eco Literature' ଏବଂ 'Eco Criticism' ଏହାର ଦୁଇଟି ପ୍ରେକ୍ଷାବୋଲି ମଧ୍ୟ ଅଭିହିତ କରାଯାଇପାରେ; ମାତ୍ର କେବଳ ସଚେତନତାର କଥାକୁ ଲେଖିଦେବା ଅପେକ୍ଷା ସେଥିନେଇ 'ଆଚରଣ' ଏହାକୁ ଅଧିକ ବଳିଷ୍ଠ କରିଥାଏ; ସେଇ ଧାରାରେ 'ଉଚ୍ଚାରଣ' ଓ 'ଆଚରଣ' ଏହାକୁ ଉଭୟରେ ପରିବେଶ ଓ ପର୍ଯ୍ୟାବରଣ ନେଇ ଯେଉଁ ପର୍ଯ୍ୟନ୍ତ ଜଣେ ସ୍ରଷ୍ଟା ବା ଆଲୋଚକ ଭିତରେ ସଚେତନତା ସୃଷ୍ଟି ନହୋଇଛି; ତାହା ନିଛକ 'ପରିବେଶଭିତ୍ତିକ ସାହିତ୍ୟ' (Eco Literature) ବା

**ଯୋଗାଯୋଗ :**
**ଡ. ଆଲୋକ ବରାଳ, ବରିଷ୍ଠ ସହାୟକ ପ୍ରାଧ୍ୟାପକ,(ଓଡ଼ିଆ ବିଭାଗ)**
**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ (ଓଡ଼ିଶା)**
E-Mail ID: dr.alokbaral@gmail.com
ORCID ID: -https://orcid.org/0009-0005-6962-9522

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୫.୨୦୨୪ | ୧୭.୬.୨୦୨୪ | ୨୫.୬.୨୦୨୪ | ୧.୭.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବରାଳ, ଆଲୋକ., ୨୦୨୪ । ହାତୀ-ନାୟକ : 'ମିଷ୍ଟର ଖର୍‌ସେଲ'। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ଘ; ପୃଷ୍ଠା :୯-୧୫ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at :
https://pracheenews.com/

DOI: https://doi.org/10.5281/zenodo.12789680
Article No - BPPP00205

'ପରିବେଶଭିତ୍ତିକ ସମାଲୋଚନା' (Eco Criticism) ରେ ଅବତୀର୍ଣ୍ଣ ହୋଇପାରି ନଥାଏ । ମାତ୍ର ଏକଥାକୁ ଏଠାରେ କହିବାରେ କୌଣସି ଦ୍ୱନ୍ଦ୍ୱ ବା ସଙ୍କଟ ନାହିଁ ଯେ ଔପନ୍ୟାସିକ ରାଧାମୋହନ ମହାପାତ୍ର ଓଡ଼ିଶାରେ ହୋଇପାରନ୍ତି ଜଣେ ସଫଳ Eco Novelist ବା ପରିବେଶ ଔପନ୍ୟାସିକ । ସେଇ ଧାରାରେ ଲେଖକଙ୍କର 'ମିଷ୍ଟର ଖର୍‌ସେଲ' ଏକ ଅନନ୍ୟ ହାତୀର ଆତ୍ମକାହାଣୀ; ଯାହାର ଅଭିବ୍ୟକ୍ତି ଯେତିକି ରୋଚକ; ସେତିକି ଉତ୍କଣ୍ଠାମୂଳକ ।

ରାଧାମୋହନଙ୍କ 'ମିଷ୍ଟର ଖର୍‌ସେଲ' (୨୦୧୨) ଏକ ହାତୀର କାହାଣୀ । ରାଧାମୋହନ ମହାପାତ୍ର ତାଙ୍କର ଅଧିକାଂଶ ସମୟ ସମ୍ବଲପୁର, କଳାହାଣ୍ଡି, କୋରାପୁଟ ରାୟଗଡ଼ା ଇତ୍ୟାଦି ଅଞ୍ଚଳରେ କଟାଇଥିଲେ । 'ମିଷ୍ଟର ଖର୍‌ସେଲ'ର ନାୟକ ହେଉଛି ଏକ ଅନନ୍ୟ ଦନ୍ତାହାତୀ ! ଯାହାକୁ ସେ ତାର ପିଲାବେଳେ ଶଙ୍କର ବେଟା ଏବଂ ପରେ ଡାକିଥିଲେ ମିଷ୍ଟର ଖର୍‌ସେଲ ଭାବରେ । ପାଠକଙ୍କୁ ଉପନ୍ୟାସଟି ମନେହେବ ଏକ ଟ୍ରାଭେଲଗ୍ ଭଳି । ଉପନ୍ୟାସର ପ୍ରାରମ୍ଭରେ ଲେଖକ ଷଷ୍ଠ ଓ ସପ୍ତମ ଦଶକର କଥାକୁ ଉଲ୍ଲେଖ କରିଛନ୍ତି; ଯେତେବେଳେ କି ରାୟଗଡ଼ାରେ ସେ ଅବସ୍ଥାନ କରୁଥିଲେ; ସେଠାରୁ ପ୍ରାୟ ଶହେ କିଲୋମିଟର ଦୂରବର୍ତ୍ତୀ ଅରଣ୍ୟ ପରିବେଷ୍ଟିତ ବେଲଘର ଡାକବଙ୍ଗଳାକୁ ଭ୍ରମଣ ଉଦ୍ଦେଶ୍ୟରେ ତାଙ୍କର କେତେଜଣ ବନ୍ଧୁଙ୍କ ସହିତ ଯିବାର ଅନୁଭୂତି ଆଦି ଏଥିରେ ସ୍ଥାନୀତ ହୋଇଛି । ସମାନ୍ତରାଳ ଭାବେ ସେ ରୋମନ୍ଥନ କରିଛନ୍ତି ଝାରସୁଗୁଡ଼ା ହେମଗିରି ବନାଞ୍ଚଳର ଆଭ୍ୟନ୍ତର ଡାଘୋର ଚିର୍ମୋରା ଆଦିବାସୀ ଗାଁ ଏବଂ ବିଶାଳକାୟ ଭାଲୁର ଆକ୍ରମଣ ପ୍ରସଙ୍ଗ ବେଲଘର ପାଇଁ ଦୁଇଟି ରାସ୍ତା ରହିଥିଲେ ହେଁ ରାୟଗଡ଼ାଠାରୁ ଆମ୍ବାଦୁଲା ଅପେକ୍ଷାକୃତ କମ ବାଟ ହେଉଥିବାରୁ ସବୁବେଳେ ସେଇ ରାସ୍ତା ହିଁ ଲେଖକଙ୍କୁ ଭଲ ଲାଗୁଥିଲା । ରାୟଗଡ଼ାଠାରୁ ମୁନିଗୁଡ଼ା ଛଅଷଠି କିଲୋମିଟର; ମୁନିଗୁଡ଼ା ଛକଠାରୁ ଭବାନୀପାଟାଣା ରାସ୍ତାରେ ୨୬ କି.ମି. ପରେ ପଡ଼େ ଆମ୍ବାଦୁଲା; ସେଇଠାରୁ ଜାତୀୟ ରାଜପଥ ଭାଙ୍ଗି ବେଲଘର ପହଞ୍ଚିବାକୁ ହୋଇଥାଏ । (ପୃ-୨୪-୨୫) ରାୟଗଡ଼ା ବେଲଘର ରାସ୍ତାରେ କୁଆଁରମୁଣ୍ଡା ଗାଁରୁ ସହଯୋଗୀ ବନସାଥୀ ଭାବେ ଆଦିବାସୀ ସୁବଳ ଭୋଇକୁ ସେ ନେଇଥିଲେ ସାଙ୍ଗରେ । ଲେଖକ କୁଆଁରମୁଣ୍ଡା ପ୍ରସଙ୍ଗରେ କନ୍ଧ ଜାତିଙ୍କ ପ୍ରକାର, ଚଳଣି, ଜୀବନଧାରା, ଭାଷା ଓ ସଂସ୍କୃତି ସମ୍ପର୍କରେ ସମାନ୍ତରାଳ ଭାବେ ସଂଯୋଗ କରିଛନ୍ତି । ସେହିଭଳି 'ଝିଙ୍କାରି ପୂଜା' ବା 'ପୋଡ଼ପୂଜା' ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଛନ୍ତି । ପୌଷମାସ ପ୍ରଥମ ମଙ୍ଗଳବାରରେ ଝିଙ୍କାରୀ ଦେବୀଙ୍କର ପୂଜା-ଆରାଧନା ମହୁଲ ଗଛର ଛାମୁଣ୍ଡିଆ ତଳେ ପାଳିତ ହୋଇଥାଏ । ପୋଢ, ଘୁଷୁରି, କୁକୁଡ଼ା ଆଦି ବଳି ଦିଆଯାଇ ବିଭିନ୍ନ ନୀତିନିୟମରେ ଏହା ପାଳିତ ହୋଇଥାଏ । ଉପନ୍ୟାସରେ ସୁବଳର ପୋଢପର୍ବର ବର୍ଣ୍ଣନା ବେଶ୍ ବ୍ୟାପକ; ସୁବଳର ନିମନ୍ତ୍ରଣ କ୍ରମେ ଲେଖକ ପୋଢପର୍ବରେ ଯୋଗଦେଇ ପୋଢ-ଅତିଥି ଭାବେ ସମ୍ମାନିତ ହୋଇଛନ୍ତି । ସୁବଳ ସେଇ ପୋଢପର୍ବରେ ଲିଆଖଜା ଖାଇ ହାତ ଧରିଥିଲା ସୁନ୍‌କୀର; ମାତ୍ର ଗୋଟିଏ ବର୍ଷ ତିଷ୍ଠିଥିଲା ସେମାନଙ୍କର ବାହାଘର । ତା' ଆର ବର୍ଷ ସୁନ୍‌କୀ ଧୁର୍ଷିର ହାତଧରି ସୁରିଆ ଏକତ୍ର ତା' ସହିତ ରହୁଥିବା କଥାରେ ଏକ ସ୍ୱଚ୍ଛନ୍ଦ କନ୍ଧଜୀବନ କଥାକୁ ଲେଖକ ଉତ୍‌ଥାପିତ କରିଛନ୍ତି । ସୁବଳ କନ୍ଧକବି ଭୀମ ଭୋଇ ଯେ ତାଙ୍କ ଜାତିର ମଣିଷ କହି ଗର୍ବକରେ; ଆଉ ସୁବଳ ଭିତରେ ବି ରହିଥିଲା ଅଦ୍‌ଭୁତ କବିତ୍ୱ ଯାହା ଉଲ୍ଲେଖ କରିଛନ୍ତି ଲେଖକ ।

କୁଆଁରମୁଣ୍ଡା ଗାଁ ବୁଲାଣିଠାରୁ ପାଞ୍ଚ କିଲୋମିଟର ପରେ ପର୍ବତର ପାଦଦେଶରେ ଆଠ ଫୁଟ ଗଭୀର ଏବଂ ୧୦ ଫୁଟ ଚଉଡ଼ା ଟ୍ରେଞ୍ଚ୍ ଖୋଳାଯାଇଥିଲା ହାତୀମାନଙ୍କ ସକାଶେ । ବେଲଘର ଥିଲା ହାତୀମାନଙ୍କର ଅଭୟାରଣ୍ୟ । ରାଧାମୋହନ କେବେହେଲେ ହାତୀ ଉପରକୁ ବନ୍ଧୁକ ଚଳାନ୍ତି ନାହିଁ; ଦଣ୍ଡବତ ହୁଅନ୍ତି । ସପ୍ରସଙ୍ଗ ଉପନ୍ୟାସରେ ପଟିଆର ପାଗଳ ହାତୀଙ୍କଠାରୁ ଲୋକଙ୍କୁ ସୁରକ୍ଷିତ କରିବାରେ ମୋହନ ଓ ପ୍ରେମ୍‌ଙ୍କର ସମ୍ବେଦନଶୀଳତାକୁ ଲକ୍ଷ୍ୟ କରିହେବ । ସେହିଭଳି ବଡ଼ରମ୍ଭା ଉଷାକୋଠି ଘୋର ଅରଣ୍ୟଅଞ୍ଚଳରେ ଯୁର୍ଗୀବାଡ଼ିର ଧୁଡୁ କିର୍ସାନ ସହ ବଣରେ ବୁଲୁବୁଲୁ ହାତୀଦଳର ସଂକେତ ପାଇବା ଅବସରରେ ଲେଖକଙ୍କର ହାତୀ ଅଭିଜ୍ଞତାର ବିଷୟ ଓ ତଥ୍ୟ ବେଶ୍ ରୋଚକ ଓ ଗବେଷଣାତ୍ମକ । ଅନୁରୂପ ଭାବରେ ବାଦୁଡ଼ିକୁ ଗ୍ରାସ କରୁଥିବା ଅହିରାଜର ଦୃଶ୍ୟମାନ ହେବା ଏବଂ ଅହିରାଜ ସଂପର୍କିତ ତଥ୍ୟ ଏବଂ ତତ୍ତ୍ୱ ମଧ୍ୟ ସଂଯୋଗିତ ହୋଇଛି ପ୍ରସଙ୍ଗାନୁସାରେ ଉପନ୍ୟାସରେ ।

ମୟୂରଭଞ୍ଜ ରାଜାଙ୍କ ଦ୍ୱାରା ଶିମିଳିପାଳ ଅଭୟାରଣ୍ୟ ଭିତରେ ବାଘ ଶିକାର ପାଇଁ ନିର୍ମିତ ଜଳାଶୟର ଉପରମୁଣ୍ଡସ୍ଥ କାଠର କୋଠରିର କଥା; ଅତର୍କିତ ଭାବେ ଜଙ୍ଗଲରେ ଗୁଳିର ଶବ୍ଦହେବା; ହାତୀମାନେ ଜଳାଶୟରୁ ତରକି ଚାଲିଯିବା; ବାଘଟି ହେଣ୍ଟାଳ ଦେବା; ହାତୀମାନେ ପ୍ରତିଶୋଧପରାୟଣ ହୋଇ ଉଠିବା ଏବଂ କାଠକୋଠି ତଳେଥିବା ଜିପ୍‌ଟିକୁ ହାତୀମାନେ ଶୁଣ୍ଢରେ ଟେକି ଖାତ ଭିତରକୁ ଫୋପାଡ଼ି ଦେବା; ସମସ୍ତେ କାକୁସ୍ଥ ହୋଇ କାଠଘର ସୋପାନରେ ଅବସ୍ଥାନ କରିବା ଥିଲା ବେଶ୍ ଅପ୍ରତ୍ୟାଶିତ । ଅନେକ ଶ୍ରମ ସ୍ୱୀକାର କରିବା ପରେ କ୍ରେନ୍ ଆଣି ଗାଡିକୁ ଉଦ୍ଧାର କରାଯାଇଥିଲା ଜଙ୍ଗଲ ଜମାଦାରଙ୍କ ସାହାଯ୍ୟରେ । ପରେ ଜଣାପଡ଼ିଥିଲା ଯେ ରାତିରେ ତାହା ଗୁଳିର ଶବ୍ଦ ନଥିଲା, ଶବ୍ଦଥିଲା ଗାଡ଼ିର ଚକ ଫାଟିବାର ।

ବେଲଘରିଆ ହାତୀ ରାସ୍ତାରୋକ କରି ନଥିଲେ, ରାସ୍ତାରୋକର କାରଣ ଥିଲା ଗୋଟିଏ ହାତୀ ଭୋଗ କରୁଥିଲା ପ୍ରସବବେଦନା ।

ଜଙ୍ଗଲ ଭିତରେ ବାଘଙ୍କ ଉପଦ୍ରବ ପାଇଁ ସେମାନେ ଜଙ୍ଗଲକୁ ପଶୁନଥିଲେ । କାରଣ ବାଘର ସ୍ୱଭାବ ଆକ୍ରମଣାତ୍ମକ ହୋଇଥିବା ସ୍ଥଳେ ହାତୀର ଆତ୍ମରକ୍ଷା ସ୍ୱଭାବ ଅଟେ । (ପୃ-୬୦) ତିନିବର୍ଷ ତଳେ ଭୂତଖିଆ ପୋଖରୀର ହାତୀ ଉଦ୍ଧାର ପ୍ରସଙ୍ଗରେ ଲେଖକ ପଶୁମାନଙ୍କର ମଣିଷର ସାହାଯ୍ୟ ଲୋଡ଼ିବାର ଗ୍ରହଣୀୟତାକୁ ସ୍ମରଣ କରିଛନ୍ତି । ଏପରିକି ଏ ପ୍ରସଙ୍ଗରେ ପ୍ରଖ୍ୟାତ ହାତୀ ଶିକାରୀ ଓ ହାତୀଖେଦା ବିଶାରଦ ଫ୍ରାଙ୍କ୍ ନିକୋଲାସଙ୍କର 'ଏସିଆନ ଏଲିଫେଣ୍ଟ' ପୁସ୍ତକର ଉଲ୍ଲେଖ କରି ବିଶଦ ଭାବେ ବ୍ୟାଖ୍ୟା କରିଛନ୍ତି ମଣିଷ ପ୍ରତି ହାତୀର ବ୍ୟବହାର । (ପୃ-୬୩-୬୪) କାହାଣୀରେ ବାଘଦ୍ୱାରା ହାତୀଛୁଆର ମୃତ୍ୟୁ ଏବଂ ଶିକାର ପରେ ପଡ଼ିଥିବା ଅସ୍ଥିପାଖରେ ମା' ହାତୁଣୀର ରୋଦନର ସମ୍ବେଦନଶୀଳ କାହାଣୀଟି ବେଶ୍ ହୃଦୟବିଦାରକ । ସେହିଭଳି ଲେଖକ ହାତୀ ସମ୍ପର୍କିତ ଆଉ କେତେକ ପ୍ରସଙ୍ଗର ଅବତାରଣା କରିଛନ୍ତି । ବେଶୀଭାଗ କାହାଣୀର କଥକ ଉପନ୍ୟାସର ସୁବଳ ଅଟେ; କାରଣ ହାତୀଉଦ୍ଧାର ଏବଂ ହାତୀଙ୍କ ଗତିବିଧି ସମ୍ପର୍କରେ ତାର ଥିଲା ବିଶେଷ ଅନୁଭୂତି ଓ ଉପଲବ୍ଧି । ହାତୀମାନେ ରାସ୍ତା ଛାଡୁନଥିଲେ; ଏପଟେ ବନ୍ଧୁ ଗଣପତି ନାଥଶର୍ମା; ଆଲୋକବାବୁଙ୍କ ଅବସ୍ଥା ଥିଲା ଅସମ୍ଭାଳ; ମାଈ ହାତୀଟି ଛୁଆ ଜନ୍ମ କଲାପରେ ସେମାନେ କ୍ରମଶଃ ରାସ୍ତା ଛାଡ଼ି ବଣ ଭିତରକୁ ପ୍ରବେଶ କଲେ । ସଦ୍ୟଜାତ ଶିଶୁଟିକୁ ବଳୟ ଭିତରେ ରଖିଥିଲେ ସେମାନେ । ସମସ୍ତେ ଫେରି ଆସିଥିଲେ ଦୁର୍ଗମ ଅଞ୍ଚଳରେ ଥିବା ବଙ୍ଗଳାକୁ । ଅସାବଧାନତାରୁ ଦିଆସିଲିର ଅଭାବ ଜନିତ ଅସୁବିଧା; ଜଙ୍ଗଲରେ ଆଧୁନିକ ମଣିଷର କାକୁସ୍ଥଭାବକୁ ଉପନ୍ୟାସରେ ଲକ୍ଷ୍ୟ କରାଯାଇପାରିବ । କାରଣ ରୋଷେଇ କିମ୍ବା ପେଟ୍ରୋମାକ୍ସ ଜଳା ଯାଇପାରିବ ନାହିଁ ବିନା ଅଗ୍ନିରେ । ଅଳ୍ପ ପେଟ୍ରୋଲ ଥିବାରୁ ଡ୍ରାଇଭର ସତ୍ୟାନନ୍ଦ ବି ଅରାଜି ଥିଲା ଦଶ କିଲୋମିଟର ଯାଇ ଦିଆସିଲି ଆଣିବା ପାଇଁ । ଜଙ୍ଗଲର ଜୀବନକୁ ଏହା ସୂଚିତ କରୁଥିଲା ଯେ ଜଙ୍ଗଲ ଜୀବନ ସହ ସାଧାରଣ ଆଧୁନିକ ଜୀବନଶୈଳୀ ବେଶ୍ ଭିନ୍ନ । ଲେଖକ ଏହି ପ୍ରସଙ୍ଗରେ ସ୍ମରଣ କରିଥିଲେ ତାଙ୍କର ଶିକାର ଗୁରୁ ତଥା ଜଙ୍ଗଲସାଥୀ ସ୍ୱର୍ଗବାସୀ କ୍ୟାପ୍‌ଟେନ ପ୍ରେମ ତିଓ୍ୱାରୀଙ୍କୁ । ଏକଦା ସମ୍ବଲପୁର ରେଢାଖୋଲର ପଡିଆବାହାଲ ଆଭ୍ୟନ୍ତର ଅ*ଳରେ ଅତ୍ୟନ୍ତ ସିଗାରେଟ ପ୍ରିୟ ପ୍ରେମ୍‌ଙ୍କର ଓଦା ଦିଆସିଲି ପ୍ୟାକେଟ ପାଇଁ ଆତୁରତା ଯେ କେତେ ଅଧିକ ହୋଇପାରେ; ନଚେତ୍ ଦରପୋଡା ଜୁଇର ନିଆଁରୁ ସେ ଲଗାଇ ନଥାନ୍ତେ ସିଗାରେଟ କିମ୍ବା ଚା'ମଗକୁ ଜୁଇର ନିଆଁରେ କରିନଥାନ୍ତେ ଗରମ । (ପୃ-୭୫-୭୬)ଏହି କଥାର ସ୍ମରଣ ସହ ବଣରେ ଘଟୁଥିବା ବନାଗ୍ନି ଯେ କେତେ ଭୟଙ୍କର ରୂପ ନିଏ ଏବଂ ଜଙ୍ଗଲର ଜୈବବିବିଧତାକୁ ନଷ୍ଟ କରେ ପ୍ରସଙ୍ଗରେ ଲେଖକଙ୍କର ଜଙ୍ଗଲପ୍ରିୟତାର ପରିଚୟ ମିଳିଥାଏ ।

'ମିଷ୍ଟର ଖର୍‌ସେଲ' ଉପନ୍ୟାସରେ ଜଣେ ପରିବେଶବିତ୍ ଭଳି ଲେଖକ ଝିଙ୍କ-କୋଚିଲାଖାଇ ଏବଂ ବଜ୍ରକାପ୍ତା ସମ୍ପର୍କରେ ସବିଶେଷ ତଥ୍ୟ ସଂଯୋଗ କରିଛନ୍ତି ଅତ୍ୟନ୍ତ ବୈଜ୍ଞାନିକ ଭଙ୍ଗୀରେ । ପ୍ରସଙ୍ଗଟି ଜଙ୍ଗଲର ବନାଗ୍ନିରୁ ସଂଗୃହୀତ ଅର୍ଦ୍ଧଦଗ୍ଧ ଝିଙ୍କରୁ ପ୍ରାରମ୍ଭ ହୋଇ ତାହା ପ୍ରଭାତରେ ପକ୍ଷୀ ଗଣିବାର ସୂତ୍ର; ଘରେ ସଯତ୍ନରେ ପାଳିତ ଦୁଇ କୋଚିଲାଖାଇ ଚଢେଇଙ୍କର ବୃତ୍ତାନ୍ତ; ସେଇ କୋଚିଲାଖାଇ (ରୁମା ଓ ରାମା) କୁ ନନ୍ଦନକାନନକୁ ସମର୍ପି ଦେବା; ଜଙ୍ଗଲରେ ମୋହନଙ୍କ ଦ୍ୱାରା ଦୁଇଟି କୋଚିଲାଖାଇ ପକ୍ଷୀ ଶିକାର କରିବା; ବଜ୍ରକାପ୍ତାର (ଭରଦ୍ୱାଜ ପକ୍ଷୀ) ପୌରାଣିକ ମହାଭାରତର କାହାଣୀର ଅବତାରଣା ମଧ୍ୟ ଉପନ୍ୟାସ ମଧ୍ୟରେ ବେଶ୍ ରୋଚକ । ସୁବଳର ଭୂତଖିଆ ପୋଖରୀ ଓ ପାହାଡ଼ର ରହସ୍ୟମୟ ବୃତ୍ତାନ୍ତରେ ଅଜଗର ଓ ଚିତାବାଘର ମୃତ୍ୟୁପରେ ଲୋକେ ଆଉ ଭୂତ ନଦେଖିବା କିମ୍ବା କୌଣସି ଶବ୍ଦ ନ ଶୁଣିବାରେ ବିଦେଶୀ ସାହେବଙ୍କର ସାପ ଓ ଚିତା ଶିକାର କରିବା ପରେ ହିଁ ତାହା ସମାଧାନ ହୋଇଥିବା କଥା ଉଲ୍ଲେଖ କରଛନ୍ତି ଲେଖକ । କାରଣ ସେମାନଙ୍କ ଶିକାର ପରେ ଆଉ କିଛି ଅଘଟଣ ଘଟୁନଥିଲା ସେଇ ଅଞ୍ଚଳରେ । ସପ୍ରସଙ୍ଗ ଲେଖକ ଡାଇନୋସର ବିଲୁପ୍ତି ଭଳି ଦିନେ ଯେ ବିଶାଳ ହସ୍ତୀ ସବୁ ଏ ଭୂପୃଷ୍ଠରୁ ନିର୍ମୂଳ ହୋଇଯିବେ ସେହିଭଳି ଆଶଙ୍କା ପୋଷଣରେ ଜଣେ ପର୍ଯ୍ୟାବରଣ ସଂରକ୍ଷକଙ୍କର ଦୃଷ୍ଟିକୁ ଏଡ଼ାଇ ଦିଆଯାଇ ନପାରେ । ଏହି ଆଧାରରେ ସେ ବେଲଘର ଅଭୟାରଣ୍ୟରୁ ସଂଗୃହୀତ ଏକ ବିଶାଳ ହାତୀର କଙ୍କାଳ ପ୍ରସଙ୍ଗରେ ଏଡ୍‌ଗାର ଉଇଲିୟମ୍ ରୋବେଇରୋଙ୍କର ନାମୋଲ୍ଲେଖ କରିଛନ୍ତି । (ପୃ-୯୭)

ଉପକୂଳବର୍ତ୍ତୀ ଧୋଇଆ ଅ*ଳ ଅଜଗର ସାପମାନଙ୍କର ବାସସ୍ଥଳୀ ନୁହେଁ । ସେମାନେ ବର୍ଷାଜଳ ଓ ବନ୍ୟାଜଳରେ ଘଞ୍ଚଅରଣ୍ୟରୁ ଭାସିଆସି ସମତଳ ଅଞ୍ଚଳକୁ ଆବୋରି ବଂଶ ବିସ୍ତାର କରି ରହନ୍ତି । ଧୋଇଆ ଅ*ଳରେ ଶେଠ୍ ବିଶନ୍‌ଲାଲ କାପାଡିଆଙ୍କ ବାଣିଜ୍ୟିକ ସାମ୍ରାଜ୍ୟ ମହାନଦୀର ଅବବାହିକାର ତ୍ରିକୋଣଭୂମି ଗ୍ରାମା*ଳକୁ ଆବୋରି କିପରି କାୟା ମେଲାଇଥିଲା; କିଭଳି ଏକଦା ପ୍ରବଳ ବନ୍ୟା ଆସିଥିଲା ସେ ଅ*ଳରେ; ଶେଠ୍‌ର ଅବସ୍ଥା ମଧ୍ୟ ଜଳବନ୍ଦୀ ଭିତରେ ଅନ୍ୟ ସମସ୍ତଙ୍କ ପରି ହୋଇଥିଲା; ଯାହାଙ୍କ ଗୋଦାମଘରେ ଜିନିଷ ଥିଲା ଭର୍ତ୍ତି; ମାତ୍ର ସେ ଚାହିଁ ବସିଥିଲା ରିଲିଫକୁ । ଆଉ ତାକୁ ଶିକ୍ଷା ଦେଇଦେଲା ସ୍କୁଲ ଜଗୁଆଳିର ଷଷ୍ଠ ଶ୍ରେଣୀର ଛୁଆ; ଯିଏ ଭାସିକି ଆସିଥିଲା ଦୁଇଟି କାଠଗଣ୍ଡିରେ ଏବଂ ଶେଠ୍‌ର ଲଜ୍ଜାନିବାରଣ ପାଇଁ ନିଜ ପିନ୍ଧା ଗାମୁଛା ଏବଂ ରିଲିଫ୍‌ର ପୁଟୁଳି ଦେଇଥିଲା । ଦୁଇଦିନ ପରେ ବନ୍ୟାଜଳ ଗଲାପରେ ଶେଠ୍ ଦେଖିଥିଲା ଜଗୁଆଳି ପୁଅ ସନ୍ତୁରା ଭାସିବା ପାଇଁ ଯାହା ବ୍ୟବହାର କରିଥିଲା ତାହା କାଠଗଣ୍ଡି ନଥିଲା; ତାହା

ସହବାସରୀତିରେ ଦୁଇଟି ବିରାଟ ଅଜଗର ସାପ ଥିଲେ । ଲେଖକ ଏ ସତ୍ୟ କାହାଣୀର ସଂଯୋଗ ସହିତ ଅଜଗର ସର୍ପ ସମ୍ପର୍କରେ ପରିବେଶବିତ୍ ଅନୁରୂପ ବୈଜ୍ଞାନିକ ତଥ୍ୟକୁ ବେଶ୍ ବିସ୍ତୃତ ଭାବେ ସଂଯୋଜିତ କରିଛନ୍ତି ଉପନ୍ୟାସରେ ।

ଏପରିକି କୃଷ୍ଣ ସିଂହ ମହାଭାରତର ଆଦି ପର୍ବରେ ସର୍ପବଂଶ ଓ ସେମାନଙ୍କର ବିଭିନ୍ନ ନାମ ବିଷୟରେ ଉଲ୍ଲେଖ କରିଛନ୍ତି । ସେଥିରେ ଏହାର ସଂଖ୍ୟା ୭୮ ହୋଇଥିବା ସ୍ଥଳେ ବୈଜ୍ଞାନିକ ପଦ୍ଧତିରେ ଭାରତୀୟ ବିଷଧର ସର୍ପଙ୍କର ସଂଖ୍ୟା ୭୪ଟି ଥିବା ଉଲ୍ଲେଖ କରିଛନ୍ତି । ଏହାକୁ ଲେଖକ ବେଶ୍ ଆଶ୍ଚର୍ଯ୍ୟକର ବୋଲି କହିଛନ୍ତି । (ପୃ-୧୦୭-୧୦୯) ଅର୍ଥାତ ଆମର ପାରମ୍ପରିକ ଭାରତୀୟ ଜ୍ଞାନ ମଧ୍ୟ ବେଶ୍ ଉଚ୍ଚକଟୀର; ସେହି କଥାକୁ ସେ ସ୍ମରଣ କରିଛନ୍ତି । ଅନୁରୂପ ଭାବରେ ସାପକୁ କେନ୍ଦ୍ର କରି କେଳାଜାତି; ସାପଙ୍କର 'ଅଣ୍ଡଜ' ଓ 'ଜନ୍ମଜ' ଭଳି ବିଭାଜନ ସହିତ ବେଶ୍ ସୂକ୍ଷ୍ମାତିସୂକ୍ଷ୍ମ ପର୍ଯ୍ୟାଲୋଚନା ରହିଛି ଉପନ୍ୟାସରେ । ସେହିଭଳି ମହୁମାଛିମାନଙ୍କର ପ୍ରସଙ୍ଗର ସଂଯୁକ୍ତି; ନିଜ ପିତାଙ୍କର ଗୋପାଳନ ଏବଂ ସେଥିନେଇ ବିଶେଷ ଜ୍ଞାନ; ସତ୍ୟଉଦ୍ୟାନ ଓ ଗୋପାଳପୁର ପ୍ରତିଷ୍ଠା ଭଳି ବିଷୟର ଉଲ୍ଲେଖ କରିଛନ୍ତି ।

ବେଲ୍‌ଘର ଅଭୟାରଣ୍ୟ ଚାରିପାଖେ କଣ୍ଟାପାଲି, କୁଆଁରମୁଣ୍ଡା, ଧୂର୍ସି, ଶାବଣା, ଚମ୍ପାନଳୀ, କତରକେଲା ଇତ୍ୟାଦି ଅଞ୍ଚଳ ଅବସ୍ଥିତ । ଟ୍ରେଞ୍ଚଖୋଳା କାମ ଚାଲିଥାଏ । ଫୋର୍ସ ଲଗାଇ ହାତୀମାନଙ୍କୁ ଟ୍ରେଞ୍ଚ୍ ସେପଟକୁ ତଡ଼ି ଦିଆଯାଇଥିଲା । ବେଲଘର ବଙ୍ଗଳାକୁ ଯିବା ରାସ୍ତାରେ ପିତାପାଲିରେ ପଟାପୋଲ ତିଆରି କରାଗଲା । ତା'ପରେ ହାତୀମାନେ ଜବତ୍ ହୋଇଥିଲେ । ତଥାପି ମାଇହାତୀଟିଏ ଟ୍ରକ୍ ଆଦି ଅଟାକାଇ ଧାନ ଖାଇବା ବୃତ୍ତାନ୍ତ; ଭୋକ ଲାଗିଲେ ଗାଡ଼ିମାନଙ୍କୁ ଅପେକ୍ଷା କରିବା; କେତେକ ଗାଡ଼ିର ଲୋକେ ଫଳମୂଳ ଦେବା ଆରମ୍ଭ କରିଦେଲେ । ନିଜେ ଖାଇବା ସହ ତା'ର ଛୁଆକୁ ଖୁଆଇବା ଶିଖାଉଥିଲା ମା'ହାତୀ । କ୍ରମଶଃ ମୁନିଗୁଡ଼ା ମହାକାଳ ବସ୍‌ରୁ ମାନସିକ ପୂଜାସାମଗ୍ରୀ ସବୁ ବସ୍‌ରୁ ଓଟାରି ଖାଇବା; ଲୋକେ ହାତୀମୁଣ୍ଡରେ ସିନ୍ଦୂର ଲେପିବା; ଛୁଆକୁ ବି ଖାଇବାକୁ ଦେଇ ସିନ୍ଦୂର ଲଗାଇ ଦେବା, ଧୂପଦୀପ ଜଳାଇ ପୂଜା କରିବା; ଅମ୍ବା ଦେଈଙ୍କର ସିନ୍ଦୂରବୋଳା ପଥର ମୂର୍ତ୍ତି ପାଖରେ ଠାକୁରାଣୀ ଭଳି ଆସ୍ଥାନ ଜମାଇ ଉଭା ହେବାର କଥା; ତତ୍‌କାଳରେ ଚାଂଲ୍ୟ ମଧ୍ୟ ସୃଷ୍ଟି କରିଥିଲା । କ୍ରମଶଃ ଭୂତୁଣୀ ହାତୀ ଭାବେ ଖ୍ୟାତିଲାଭ କରିଥିଲେ ସେହି ମାଇ ହାତୀ ଏବଂ ତା'ର ଛୁଆ । ଭୂତୁଣୀ ପୋଖରୀରୁ ଉଦ୍ଧାର ବେଳେ ତା'ର ଶୁଣ୍ଢ ପାଖରେ ଅର୍ଦ୍ଧକର୍ତ୍ତିତ ରଶିଟି ଲାଗି ରହିଥିବା ଯୋଗୁଁ ସମସ୍ତେ ତାକୁ ମାହୁନ୍ତବିହୀନ ପୋଷ୍ୟହାତୀ ଭାବି ଡରୁ ନଥିଲେ; ଯଦିଓ ସେ ଥିଲା ଏକ ଜଙ୍ଗଲୀ ହାତୀ, ଏକଦା ତୃଷାର୍ତ୍ତ ହାତୀ ତୃଷା ନିବାରଣ ପାଇଁ ଗୁଜାବନ୍ଧ ଅଞ୍ଚଳକୁ ଯାଇଥିବା ବେଳେ ଶୁଣ୍ଢରେ ଲାଗିଥିବା ଦଉଡ଼ି ଯାଇ ଦୁଇଟି ବିଜୁଳି ତାରରେ ଗୁଡ଼େଇ ହୋଇଗଲା ଏବଂ ତାର ଖୁଣ୍ଟିଟି ଛିଣ୍ଡିଯିବା କାରଣରୁ ବିଦ୍ୟୁତ୍ ଆଘାତରେ ତା'ର ଦୁଃଖଦ ମୃତ୍ୟୁ ଘଟିଥିଲା । ସେ ଅଂଚଳର ଲୋକଙ୍କର ଆସ୍ଥାର ସୂଚକ ହାତୀଟିର ମୃତ୍ୟୁ ଥିଲା ବେଶ୍ ଭାବନାତ୍ମକ ଓ ସମ୍ବେଦନଶୀଳ ।

ଉପନ୍ୟାସରେ ହାତୀଛୁଆ 'ଶଙ୍କର ବେଟା' ବଞ୍ଚିଯାଇଥିଲା । କାରଣ ସେ ଜଳାଶୟ ପାଣିରେ ଖେଳୁଥିବା ବେଳେ ଦୂରରେ ଘଟଣାଟି ଘଟିଥିଲା । ସମୟକ୍ରମେ ମହାବଳ ବାଘର ହାବୁଡ଼ରେ ପଡ଼ି ଶଙ୍କର ଖଣ୍ଡିଆଖାବରା ମଧ୍ୟ ହୋଇଥିଲା । ଦଳବଦ୍ଧ ମଇଁଷି ବାଘଙ୍କଠାରୁ ତାକୁ ଦେଇଥିଲେ ସୁରକ୍ଷା । ଅଳ୍ପ ଦିନ ପୂର୍ବରୁ ଡେକାନ୍ ସର୍କସର ମ୍ୟାନେଜର ଖୋଜୁଥିଲେ ଏକ ଶିଶୁ ହାତୀ; କାରଣ ତାଙ୍କର ମା'ହାତୀ ଶିଶୁହାତୀକୁ ହରାଇ ଥିଲା ଏବଂ ଦୁଃଖରେ ଥିଲା; ତେଣୁ ଆଂଳିକ ବନବିଭାଗ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରି ହାତୀ ଛୁଆକୁ ପୋଷ୍ୟ କରିବା ପାଇଁ ଚିନ୍ତାକଲେ ସେ ଏବଂ ମଇଁଷିଆଳମାନେ ନିଜ ଉତ୍ସୁକତା ଦୂରେଇ ହାତୀଛୁଆକୁ ହସ୍ତାନ୍ତର କରିଥିଲେ । ସେତେବେଳକୁ ଶଙ୍କର ମଇଁଷି ପହ୍ନାରୁ କ୍ଷୀର ଖାଇ ନିଜକୁ ବଞ୍ଚେଇ ରଖିବାରେ ହୋଇଥିଲା ସମର୍ଥ । ସୁବଳ ଥିଲା ଏ ସମସ୍ତ ଘଟଣାର ପ୍ରତ୍ୟକ୍ଷ ସାକ୍ଷୀ । ଉପନ୍ୟାସରେ ନାଥଶର୍ମାଙ୍କର ଜ୍ୟୋତିଷ ବାଣୀ ଏବଂ କରଣୀୟ, ବାର, ବସ୍ତ୍ର, ଶୁଭବେଳା, ବର୍ଜନୀୟ ରାହୁ ବେଳା ଆଦି ସମ୍ପର୍କରେ ମଧ୍ୟ ଲେଖକ ବେଶ୍ କେତେକ ପୃଷ୍ଠା ପୂର୍ଣ୍ଣତଃ ଉଦ୍ଧାର କରିଛନ୍ତି । ସେତେବେଳ ପର୍ଯ୍ୟନ୍ତ ଉପନ୍ୟାସରେ ଲେଖକ ଦେଖି ନାହାନ୍ତି ଶଙ୍କର ବେଟାକୁ ସ୍ୱ ଚକ୍ଷୁରେ । ଗୋଟିଏ ସର୍କସର ଖେଳ ଦେଖୁଦେଖୁ ହାତୀ-କୁକୁର-ଆଦି ପଶୁ-ପକ୍ଷୀଙ୍କର ବର୍ଣ୍ଣନା ଓ ବ୍ୟାଖ୍ୟାରେ ପରିବେଶ ଓ ପର୍ଯ୍ୟାବରଣ ସଚେତନ ଜଣେ ଲେଖକଙ୍କୁ ସମଗ୍ର 'ମିଷ୍ଟର ଖର୍‌ସେଲ'ରେ ଦେଖିହେବ ।

ଡେକାନ୍ ସର୍କସ କ୍ରମଶଃ ଦେବାଳିଆ ହୋଇଗଲା; ସବୁ ପଶୁପକ୍ଷୀ ସେମାନେ ବିକ୍ରୀ କରିଦେଲେ, ଶେଷରେ ହାତୀ ଶଙ୍କର ବେଟାର କଥା ପଡ଼ିଲା; ସେତେ ବେଳେ ହାତୀ ଦାୟିତ୍ୱରେ ଥିବା ଜଗତ୍‌ସିଂହପୁର, ପୁରୋହିତ ପଡାର ରବୀନ୍ଦ୍ର ପରମାଣିକ ଦାୟିତ୍ୱ ନେଇଥିଲା ଶଙ୍କର ବେଟାର । ଏକଦା କିଛି ସୂଚନା ନଦେଇ ଶଙ୍କର କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା । ପରେ ଜଣାଗଲା ଶଙ୍କର ମାଇହାତୀ ସହିତ ମିଳିତ ହେବାପାଇଁ ଚାଲିଯାଇଥିଲା । ତାଗିଦ୍ କଲା ଶଙ୍କର ବେଟାକୁ ରବୀନ୍ଦ୍ର । ଏହି ପ୍ରସଙ୍ଗରୁ ବିଷୟାନ୍ତର ହୋଇ ଲେଖକ ତାଙ୍କ ପିଉସାଙ୍କର ଦୁଇ ପୁତ୍ର ନରେନ୍ ଓ ସୁରେନ୍ ସହିତ ବୁଲା (କୁକୁର) ର ସମ୍ପର୍କ; ବିଦ୍ୟୁତ୍ ତାର ଆଘାତରୁ ଦୁଇ ପୁଅଙ୍କୁ ବଞ୍ଚେଇବାକୁ ଯାଇ ବୁଲାର ମୃତ୍ୟୁ; ବାଲେଶ୍ୱର ସତ୍ୟାଶ୍ରମର ନିଜ ଫାର୍ମ ହାଉସରେ ବାଘା ଓ ଟୀକାର ପ୍ରସଙ୍ଗ; ରବୀନ୍ଦ୍ରର ପ୍ରିୟ କୁକୁର ମୋତିର ପ୍ରସଙ୍ଗ ଅବତାରଣା ବେଳେ

କୁକୁରର ବିଶ୍ୱାସୀ ଓ ସାହାସୀ ଗୁଣାବଳୀକୁ ଲେଖକ ବେଶ୍ ସକରାତ୍ମକତାର ସହ ଉଲ୍ଲେଖ କରିଛନ୍ତି । ଘଟଣାକ୍ରମେ ରବୀନ୍ଦ୍ର ଫୁଲବାଣୀର ଚନ୍ଦ୍ରପୁରରେ ଜଣେ ମହିଳାଙ୍କ ସ୍ତନରୁ କ୍ଷୀର ଖାଉଥିବା ମାଙ୍କଡକୁ ଦେଖିଥିଲା । ସେହି ବଢେଇଆଣୀ ରଙ୍ଗୀ ଅପାର ସାପକାମୁଡ଼ାରେ ମୃତ୍ୟୁ ହେବାପରେ ରବୀନ୍ଦ୍ର ମାଙ୍କଡକୁ ନେଇଆସିଥିଲା ଏବଂ ମୋତିକୁ ବି ସେଠାରୁ ପାଇବା ଭିତରେ ଦୁଇଟି ସମ୍ବେଦନଶୀଳ ସ୍ୱତନ୍ତ୍ର କାହାଣୀ ସଂଯୁକ୍ତ ରହିଛି ।

ଉପନ୍ୟାସରେ ସତର ନମ୍ବର ପରିଚ୍ଛେଦରେ ମାର୍ଚ୍ଚ ୨୪, ୧୯୯୬ର ସମ୍ବାଦପତ୍ରର ରବିବାସରୀୟ ପୃଷ୍ଠାରେ 'ମିଷ୍ଟର ଖର୍‌ସେଲ୍ ଶିରୋନାମାରେ ପ୍ରକାଶିତ ଫିଚରଟି ଦୃଷ୍ଟି ଆକର୍ଷଣ କଲା ଲେଖକଙ୍କୁ: "ସେ ନଥିଲା ଜଣେ ରାଜନେତା । କିନ୍ତୁ ତାକୁ ନେଇ ବିଧାନ ସଭାରେ ଉଠିଲା ଝଡ଼ । ସେ ନଥିଲା ଅପରାଧୀ; କିନ୍ତୁ ତା' ପାଇଁ ଆଇନ୍ ଅଦାଲତରେ ମାମଲା ଦାୟର ହେଲା । ତା' ପାଇଁ ଚହଳ ପଡିଗଲା ଦେଶ ସାରା । କିଛି ଲୋକ ଚାହୁଁଥିଲେ ତା'ର ଗୁଳିବିଦ୍ଧ ଶରୀର, ତାର ତୁରନ୍ତ ମୃତ୍ୟୁ । କିନ୍ତୁ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ସକାଶେ ତା ପାଇଁ ହୋଇଥିଲା ବନ୍ଦପାଳନ, ହରତାଳ, ଅନେକ ବି ଥିଲେ ତାର ସମର୍ଥକ । ସେମାନେ ଚାହୁଁଥିଲେ ତାର ମୁକ୍ତି । ସେ ହେଲା ବହୁ ଚର୍ଚ୍ଚିତ ନାୟକ ମିଷ୍ଟର ଖର୍‌ସେଲ । (ପୃ-୧୯୫) ଏ ଖର୍‌ସେଲ ତାଙ୍କର ବେଟା କି ! ଭଳି ପ୍ରଶ୍ନ ଉଙ୍କି ମାରିଥିଲା ଲେଖକଙ୍କର । ବର୍ଷେ ପୂର୍ବରୁ ଖର୍‌ସେଲର ମାହୁନ୍ତକୁ କୌଣସି ଏକ ଅପରାଧରେ ପୋଲିସ୍ ଗିରଫ୍ କରିବା ପରେ ବିନା ମାହୁନ୍ତରେ ଉଗ୍ର ହୋଇ ଅବାଧ ଓ ହିଂସ୍ର ହେଇଉଠିଥିଲା ଶଙ୍କର । ଡିସେମ୍ବର ମାସରେ ବଲାଙ୍ଗୀରରୁ ଧରାଯାଇ ତାକୁ ଚନ୍ଦକା ଅଣାଗଲା । ଖର୍‌ସେଲ ଥିଲା ଅନ୍ୟ ହାତୀଙ୍କଠାରୁ ଭିନ୍ନ; ତେଣୁ ଚର୍ଚ୍ଚିତ । ତା'ର ଲମ୍ବଥିଲା ୧୨ ଫୁଟ ୫ ଇଞ୍ଚ । ଉଚ୍ଚତା ଥିଲା ୧୩ ଫୁଟ ୪ ଇଞ୍ଚ । ବୟସ ତୁଳନାରେ ଅଧିକ ପୃଥୁଳ । ତା'ର ମସୃଣ ଦାନ୍ତର ଲମ୍ବ ଥିଲା ୯ ଫୁଟ ୯ ଇଞ୍ଚ । ବୟସ ଅନୁପାତରେ ସବୁ ଅଧିକ ଥିଲା ଖର୍‌ସେଲର । ବଲାଙ୍ଗୀରରେ ଗିରଫ ଅବସ୍ଥାରେ ଖର୍‌ସେଲ ପ୍ରବଳ କ୍ରୋଧୀ ହୋଇପଡ଼ିଥିଲା । ସେତେବେଳେ ଓକିଲ ପର୍ଶୁରାମ ଶତପଥୀ ସ୍ଥାନୀୟ କୋର୍ଟରେ ଖର୍‌ସେଲ ତରଫରୁ ମକଦ୍ଦମା କରିଥିଲେ । ୱାଇଲ୍ଡ ଲାଇଫ୍ ସୋସାଇଟି ଏବଂ 'ଜୀବେଦୟା' ସଙ୍ଗଠନ ତରଫରୁ ତାର ମୁକ୍ତି ନେଇ ଦାବି କରିଥିଲେ । (ପୃ-୧୯୬) ମାତ୍ର ଦୟାର ପାତ୍ର ନସାଜି ଖର୍‌ସେଲ ବନ୍ଧା ଯାଇଥିବା ଲୌହ ଶିକୁଳିକୁ ଛିଣ୍ଡାଇ ପଳାଇ ଯାଇଥିଲା । ୨୦/୨୫ ବର୍ଷ ବୟସ୍କ ଖର୍‌ସେଲ ସେମାନଙ୍କ ସହ ମିଶିଲା ନାହିଁ; ସେମାନେ ଭୟ କଲେ ଖର୍‌ସେଲକୁ । ଏ ପ୍ରସଙ୍ଗରେ ଲେଖକ କହିଥିବା କଥାଟି ବେଶ୍ ଗୁରୁତ୍ୱପୂର୍ଣ୍ଣ: ଓଡ଼ିଶାର ବଣୁଆ ହାତୀକୁ ତାଲିମ୍ ଦେବାପାଇଁ କୁମ୍‌କା ଜାତୀୟ ହାତୀ ନଥିବାରୁ ସମସ୍ୟା ସମାଧାନ ହୋଇ ପାରୁନାହିଁ ଏବଂ ସେଥିପାଇଁ ୧୯୮୨ ରେ ଅଗସ୍ତି ନାମକ ଏକ ବଣୁଆ ହାତୀକୁ ଭଞ୍ଜନଗର ରେଞ୍ଜ୍‌କୁ ଅଣାଯାଇ ନନ୍ଦନକାନନରେ ରଖାଯାଇଥିଲା ବୋଲି ସୂଚିତ କରିଛନ୍ତି । (ପୃ-୧୯୬-୧୯୭) ସେଠାରେ ବାରବର୍ଷ ପରେ ୧୯୯୪ ଅଗଷ୍ଟରେ ମୃତ୍ୟୁ ହୋଇଥିଲା । ପରେ ଭୋଳୀ ନାମକ ଏକ ହିଂସ୍ର ହାତୀ ଅଣାଯାଇଥିଲା; ମାତ୍ର ହିଂସ୍ରତା ପାଇଁ ତାକୁ ଗୁଳିକରି ମାରି ଦିଆଯାଇଥିଲା । (ପୃ-୧୯୭) ଖର୍‌ସେଲକୁ କାବୁ କରିବା ପାଇଁ ନିକଟସ୍ଥ ଷ୍ଟେସନପଡ଼ା ଅଞ୍ଚଳରେ ରହୁଥିବା ଜଣେ ମାହୁନ୍ତର ପୋଷା ମାଈହାତୀ ସହ ଖର୍‌ସେଲକୁ ସୁଯୋଗ ଦିଆଯାଇ ଖର୍‌ସେଲକୁ ନିୟନ୍ତ୍ରଣରେ ଅଣାଯାଇଥିଲା । ଏକୋଇଶ ମାସ ପରେ ସେଇ ମାଈହାତୀ ଅଣ୍ଡିରା ଛୁଆଟିଏ ଜନ୍ମ ଦେଇଥିବା ସୂଚନା ବେଶ୍ ସକରାତ୍ମକ । ପରିସ୍ଥିତି କ୍ରମେ ଜଟିଳ ହେଲା ଏବଂ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ ବିଧାନସଭା ମୌସୁମୀ କାଳୀନ ଅଧିବେଶନର ଏକ ଧ୍ୟାନଆକର୍ଷଣକାରୀ ନୋଟିସ୍ ଆଗତ କଲେ । ଖର୍‌ସେଲର ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଥିବାରୁ ଜୁଲାଇ ୧୮ ତାରିଖରେ ବଲାଙ୍ଗୀର ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ୨୪ ତାରିଖରେ ତାଙ୍କୁ ଘେରାଉ କରିଥିଲେ । (ପୃ-୧୯୯)

ପରେ ପ୍ରାଣୀ ବିଭାଗର ମୁଖ୍ୟ ହାତୀକୁ ପାଗଳ ହାତୀ ଭାବେ ଘୋଷଣା କରି ତା'କୁ ମାରିବା ପାଇଁ ବମ୍ବେ ଏବଂ କଲିକତାରୁ ଦୁଇ ଜଣ ସ୍ୱୀକୃତିପ୍ରାପ୍ତ ଶିକାରୀଙ୍କୁ ଅଣାଯାଇଥିଲା । ଶିକାରୀ ଦୁଇଜଣ ମଧ୍ୟ ହସ୍ତୀକୁ ମାରିବା ପାଇଁ ଉଦ୍ୟମ କଲାବେଳେ ହାତୀଟି ତା'ର ଶୁଣ୍ଢ ଓ ଆଗ ଗୋଡ଼ ଦୁଇଟିକୁ ଟେକି କାନ୍ଦିବାକୁ ଆରମ୍ଭ କରିଥିଲା । ଶିକାରୀ ଦୁଇ ଜଣ ହାତୀକୁ ଶାନ୍ତ ହୋଇଯିବାର ଦେଖି ନମାରି ଫେରି ଆସିଥିଲେ । ସେ ଶିକାରୀଙ୍କ ସହିତ କର୍ଣ୍ଣାଟକର ବଣ୍ୟପ୍ରାଣୀ ବିଭାଗର ମୁଖ୍ୟ ଡ. ଶାଦ୍‌ରୀ ମଧ୍ୟ ହାତୀ ଧରିବା ପାଇଁ ସାଙ୍ଗରେ ଆସିଥିଲେ । ସେ ହିଁ ଖର୍‌ସେଲକୁ ମାରିବା ପାଇଁ କୁଣ୍ଠା କଲେ ଏବଂ ତାକୁ ନନ୍ଦନକାନନ ଆଣିବା ପାଇଁ ମତ ଦେଇଥିଲେ । (ପୃ-୧୯୯) ଏକ ସ୍ୱତନ୍ତ୍ର ଯନ୍ତା ସେଥିପାଇଁ ନିର୍ମିତ ହୋଇଥିଲା । ତାକୁ ଧରିବା ପାଇଁ ଶିମିଳିପାଳର ବନ୍ୟଜନ୍ତୁ ବିଶେଷଜ୍ଞ ଡ. ଲାଲା, ଏ.କେ.ସିଂହ, ସମ୍ବଲପୁର ଡିଏଫଓ ଏନ୍. ନାୟକ ଏବଂ ବଲାଙ୍ଗୀର ଡିଏଫ୍‌ଓ ଶିଶିର କୁମାର ଆଚାର୍ଯ୍ୟଙ୍କ ମିଳିତ ନେତୃତ୍ୱରେ ୫୦ ଜଣ କର୍ମଚାରୀ ଓ ଦୁଇ ପ୍ଲାଟୁନ୍ ପୋଲିସଙ୍କ ସାହାଯ୍ୟରେ ପାଞ୍ଚ ଘଣ୍ଟାର ପରିଶ୍ରମ ପରେ ତାକୁ ଠାବ କରାଯାଇଥିଲା । ସେଠାରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରି ଖର୍‌ସେଲ ଆଣ୍ଠେଇ ପଡ଼ି ଆତ୍ମସମର୍ପଣ ଢଙ୍ଗରେ ଠିଆ ହେବା ସମସ୍ତଙ୍କୁ ବିସ୍ମିତ କରିଥିଲା । (ପୃ-୨୦୦) ଡିସେମ୍ବର ୧ ତାରିଖରେ ନିଷ୍ଚେତକ ଦିଆଯାଇ ଖର୍‌ସେଲକୁ ବିଳମ୍ବିତ ରାତିରେ ବଲାଙ୍ଗୀରକୁ ଅଣାଯାଇ ସେଠାରୁ

ନନ୍ଦନକାନନ ପାଇଁ ବାହାରିଥିଲା ସ୍ୱତନ୍ତ୍ର ଏକ ଗାଡ଼ି । ଅନ୍ୟ ଦୁଇଟି ଟ୍ରକରେ ମାଇହାତୀ ପ୍ରେମା ଓ ବାସନ୍ତୀ ମଧ୍ୟ ଯାଇଥିଲେ । ସପ୍ତାହକ ପରେ ଜଣାଗଲା ଖରସେଲର ଦ୍ୱନ୍ଦ୍ୱଯୁଦ୍ଧ ହୋଇଥିଲା ଏକ ମାଇ ବାଘୁଣୀ ସହିତ ଏବଂ ତା'ର ମୃତ୍ୟୁ ବେଳକୁ ତା' ପେଟରେ ଥିଲେ ଚାରିଟି ଛୁଆ; ଘଟଣାଟି ଚାରିଛକ ସାତପାହାଡ଼ ମହାନଦୀ କୂଳସ୍ଥ ଜଙ୍ଗଲରେ ଘଟିଥିଲା । ନନ୍ଦନକାନନରେ ଖରସେଲ ଆଉ ଅବାଧ ହେଉନଥିଲେ ମଧ୍ୟ ସେ ମୁକ୍ତ ନଥିଲା । ନନ୍ଦନକାନନର ନିର୍ଦ୍ଦେଶକ ସରୋଜ କୁମାର ପଟ୍ଟନାୟକ ତାଙ୍କ ଜୀବଦ୍ଦଶାରେ ପ୍ରଥମେ ଦେଖିଥିଲେ ଖରସେଲ ଭଳି ଅନନ୍ୟ ହାତୀକୁ । (ପୃ-୯)

ବଲାଙ୍ଗୀର ଥାନାରେ ରବୀନ୍ଦ୍ରର କେସ୍ ଫାଇଲ ଦେଖି ଲେଖକ ଜାଣିଲେ ଯେ ପୋଲିସ ଦୃଷ୍ଟିରେ ସେ ଜଣେ ଦୁର୍ଦ୍ଦାନ୍ତ ନକ୍ସଲପନ୍ଥୀ । ବଲାଙ୍ଗୀରରୁ ରବୀନ୍ଦ୍ର ସ୍ଥାନାନ୍ତରିତ ହୋଇଥିଲା ବୌଦ୍ଧକୁ । ତାର ମାଙ୍କଡ଼ ଜେଲ୍‌ର ଆଗ ପଛ ହୋଇ ସୁଉଚ୍ଚ ପାଚେରି ଡେଇଁ ହେଉଥିଲା ରବୀନ୍ଦ୍ରର ପଛପଛ ! କୁକୁରଟି ସେପରି ଜେଲ୍ ବାହାରେ ଲୋକଙ୍କୁ କୁମୁଡ଼ାକାମୁଡ଼ି ଆଉ ଭୁକାଭୁକି କରୁଥିବାର ଖବର ମିଳିଥିଲା ଲେଖକଙ୍କୁ । ତା'ର ଦୁର୍ଦ୍ଦାନ୍ତ ହାତୀ ମଧ୍ୟ ଆସି ଜେଲ୍ ବାହାରେ ଉତ୍ପାତ କରିଥିଲା । ସେତେବେଳକୁ ହାତୀ ନାଁରେ ତିନିଟି ହତ୍ୟା ଅଭିଯୋଗ ହୋଇସାରିଥିଲା । ଗୋଟିଏ ବଲାଙ୍ଗୀର ସହରର ମୋଦିପଡ଼ା ବସ୍ତି, ଗୋଟିଏ ଫୁଲବାଣୀର ଫୁଲଝରା ଗାଁ; ଅନ୍ୟଟି ବିଜନପାଲି ଅଞ୍ଚଳ; ମାତ୍ର ତାଙ୍କର ବେଟା କୌଣସିଠାରେ ମଣିଷକୁ ମାରିନଥିଲା । ଯଦିଓ ତାର ପାଗଳାମୀ ଏବଂ ପ୍ରତିଶୋଧପରାୟଣ ହେବାପାଇଁ ଦାୟୀ କିଏ ? ଏହା ହିଁ ସୃଷ୍ଟି କରିଥିଲା ପ୍ରଶ୍ନବାଚୀ ! ମଣିଷ ମାରିବା ଶଙ୍କର ବେଟାର ସ୍ୱଭାବ ନଥିଲା; କେବଳ ହତ୍ୟାକାରୀ ବୋଲି ଲୋକେ ଯାହା ପ୍ରଚାରିତ କରିଥିଲେ । (ପୃ-୨୧୫) ରବୀନ୍ଦ୍ରର କୁକୁରଟି ଜେଲ୍ ବାହାରେ ରହିଗଲା ଏବଂ ରବୀନ୍ଦ୍ର ବୌଦ୍ଧ ସ୍ଥାନାନ୍ତରିତ ହେବାପରେ ମାଙ୍କଡ଼ ବି ମିତ୍ରପୁର ଗାଁର ମଙ୍ଗଳା ମନ୍ଦିରରେ ରହିବାକୁ ଲାଗିଲା । ଲେଖକ ବୌଦ୍ଧ ଜେଲ ଯାଇ ଭେଟିଥିଲେ ରବୀନ୍ଦ୍ରକୁ । ଶୁଣିଥିଲେ ଅସଲ ଘଟଣା । ଏକଦା ଗାଁ ହାଟମାନଙ୍କରେ ଖେଳଦେଖାଇ ଫେରୁଥିବା ବେଳେ ହାତୀପିଠିରୁ ଓହ୍ଲାଇ ପରିସ୍ରା କରିବାବେଳେ ଗୋଟିଏ ପୁଟୁଳା ଓ ବନ୍ଧୁକଟେ ରାସ୍ତାକଡ଼ରେ ପଡ଼ିଥିବାର ଦେଖି ସେଗୁଡ଼ିକୁ ନେଇ ବଲାଙ୍ଗୀର ଥାନାରେ ଦାଖଲ କରିବା ପାଇଁ ସେ ଯାଇଥିଲା; ପୋଲିସ୍ ତା'ପାଖରୁ ସେଗୁଡ଼ିକୁ ଛଡ଼େଇ ନେଇ ଦେଖିଥିଲେ ଏବଂ ଏହା ମାଓବାଦୀଙ୍କ ଦ୍ୱାରା ଥାନା ମାଲଖାନାକୁ ଚଢାଉ କରି ଲୁଟ୍ ଅସ୍ତ୍ର ବୋଲି ଜଣାଇଥିଲେ । ଏପରିକି ତାକୁ ନକ୍ସଲବାଦୀ କହି ଗିରଫ୍ କରିଥିଲେ । ସେହି ଜାଗା ଦେଖାଇବାକୁ କହି ପୋଲିସ୍ ସେଠାରେ ଡିନାମାଇଟ ଓ ବିସ୍ଫୋରକ ଦ୍ରବ୍ୟ ଆଦି ଥିବା ଦେଖିଥିଲେ । ମାତ୍ର ତା' କଥାକୁ କେହି ବିଶ୍ୱାସ କଲେ ନାହିଁ । ରବୀନ୍ଦ୍ର ବାରମ୍ବାର ଲେଖକଙ୍କୁ ପଚାରୁଥିଲା ଏ ନକ୍ସଲମାନେ କିଏ ? ନିଜ ପୋଷ୍ୟଜୀବଙ୍କୁ ନେଇ ଚିନ୍ତିତ ଥିଲା ରବୀନ୍ଦ୍ର । ଲେଖକ ଶଙ୍କର-ମୋତି-ମନୁର ଠାବ କରିସାରିଥିଲେ ଏବଂ ସେମାନଙ୍କର ମୁକ୍ତି ପାଇଁ ଚେଷ୍ଟା କରିବେ ବୋଲି କହିଥିଲେ ରବୀନ୍ଦ୍ରକୁ । ସେ ରବୀନ୍ଦ୍ରର ଜାମିନ୍ ଆବେଦନ କଲେ ଏବଂ ନିଜେ ଗ୍ୟାରେ[ର ଭାବେ ଦାୟିତ୍ୱ ମୁଣ୍ଡକୁ ନେଲେ । ତୃତୀୟଥର ମାମଲାଟି ଶୁଣାଣି ପରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ରବୀନ୍ଦ୍ରର ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଥିଲେ । ସର୍ତ୍ତ ମୁତାବକ ରବୀନ୍ଦ୍ରକୁ ବଲାଙ୍ଗୀର ଥାନାରେ ହଜାର କରାଇବାକୁ ପଡିଥିଲା । ରବୀନ୍ଦ୍ର ଭିତରେ ଶଙ୍କରକୁ ଦେଖିବାର ପ୍ରଚଣ୍ଡ ଉତ୍ସୁକତା ଭିତରେ ଲେଖକ ଅଦ୍‌ଭୁତ ଏକ ଆବେଗକୁ ଲକ୍ଷ୍ୟ କରିଥିଲେ । ଜେଲ୍ ୱାର୍ଡର ଚକ୍ରଧର ମାଝୀଙ୍କ ଘରେ ଛୁଆମାନଙ୍କର ମା' ହୋଇ ମୋତି ସୁରକ୍ଷିତ ଥିଲା; ରବୀନ୍ଦ୍ରକୁ ଦେଖି ମୋତି ତା' ଉପରକୁ ଚଢିଗଲା; ମୋତି ଏବଂ ତିନି କୁକୁର ଛୁଆଙ୍କୁ ଧରି ଫେରିଥିଲେ ଲେଖକ ଓ ରବୀନ୍ଦ୍ର । ମନୁ ମଧ୍ୟ ମିତ୍ରପୁର ଗାଁମୁଣ୍ଡ ଆମ୍ବତୋଟାକୁ ଲାଗି ମଙ୍ଗଳା ମନ୍ଦିରରେ ଥିଲା । ରବୀନ୍ଦ୍ରର ପାଟି ଶୁଣି କୁଆଡ଼େ ଥିଲା ଧାଇଁ ଆସି ଝୁଲି ପଡ଼ିଥିଲା ମନୁ । ମନୁକୁ ମଧ୍ୟ ସାଙ୍ଗରେ ଧରି ଲେଖକ ଓ ଅନ୍ୟମାନେ ଯାଇଥିଲେ ନନ୍ଦନକାନନ ଅଭିମୁଖେ । ସକାଳୁ ସକାଳୁ ପହଞ୍ଚିଥିଲେ ନନ୍ଦନକାନନରେ । ସେଠାରେ ଶଙ୍କର ଓ ରବୀନ୍ଦ୍ରଙ୍କର ମହାମିଳନ ଘଟିଥିଲା; ରବୀନ୍ଦ୍ର ଝୁଲିପଡିଲା ଶଙ୍କରର ଶୁଣ୍ଢରେ । ସେଠାରେ ସମସ୍ତେ ମୁକ୍ତ ଥିଲେ; କିନ୍ତୁ ଶଙ୍କର ଥିଲା ଶିକୁଳିରେ ବନ୍ଧା । ଶଙ୍କର ପାଇଁ ଯାଇଥିବା ଫଳସବୁ ରବୀନ୍ଦ୍ର ହାତରୁ ଶଙ୍କର ଖାଇଥିଲା । ଶଙ୍କର ସତେ ଯେପରି ବହୁ ବର୍ଷ ଧରି ବୁଭୁକ୍ଷୁ ଥିଲା । ମନୁବି ଚଢିଯାଇଥିଲା ଶଙ୍କର ପିଠିକୁ । କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ଶଙ୍କର ଓରଫ୍ ଖରସେଲକୁ ଶିକୁଳି ମୁକ୍ତ କରାଯାଇ ତା'ର ବ୍ୟବହାର, ଆଚରଣ ଆଦି ଭିଡ଼ିଓ ରେକର୍ଡ ହେବା ସହିତ ଲିପିବଦ୍ଧ କରାଗଲା । ଲେଖକ ଏହି ପରିଚ୍ଛେଦରେ ହାତୀମାନଙ୍କ ବ୍ୟବହାର, ଆଚରଣ ଓ ଜୀବନଧାରା ସମ୍ପର୍କରେ ବ୍ୟାପକ ଭାବେ ଆଲୋଚନା କରିଛନ୍ତି । ଏ ସମସ୍ତ ତଥ୍ୟ ଉପନ୍ୟାସର ପ୍ରମୁଖ ଏକ ଅଂଶ ଯେଉଁଥିରେ ପ୍ରକୃତି, ପର୍ଯ୍ୟାବରଣ ଓ ପଶୁସମ୍ପଦ ପ୍ରତି ରହିଥିବା ସକରାତ୍ମକ ଆଭିମୁଖ୍ୟକୁ ଲକ୍ଷ୍ୟ କରାଯାଇପାରିବ । ଖରସେଲର ପରବର୍ତ୍ତୀ ସମୟରେ ବେଶ୍ ଖ୍ୟାତି ବଢ଼ିଥିଲା ନିଜର ସ୍ୱାତନ୍ତ୍ର୍ୟ ପାଇଁ । ଭୂତୁଣୀ ହାତୀ ବା ଗୁଣ୍ଡୁଣୀ ହାତୀ ଏବଂ ତାର ଶିଶୁହାତୀ ଶଙ୍କର ବେଟାଠାରୁ ଖରସେଲ ହେବାର ଏ କାହାଣୀ ଭିତରେ ଲେଖକଙ୍କର ପ୍ରଶୁସଂପଦ ପ୍ରତି ସଂଯୁକ୍ତ ଆତ୍ମୀୟ ଭାବାବେଗକୁ ଲକ୍ଷ୍ୟ କରାଯାଇପାରିବ ସମଗ୍ର ଉପନ୍ୟାସରେ ।

ଔପନ୍ୟାସିକ ରାଧାମୋହନଙ୍କର 'ମିଷ୍ଟର ଖରସେଲ'ରେ ଭୂତୁଣୀ ହାତୀ-ଗୁଣ୍ଡୁଣୀ ହାତୀ-ଶଙ୍କର ବେଟା-ଖରସେଲର ବିବର୍ତ୍ତନ

ଭିତରେ ଏକ ଉପନ୍ୟାସୀୟ ରୂପ ଏବଂ ଅଭିବ୍ୟକ୍ତି ଭିତରେ ଅନୁଭବି ହେବ ଗୋଟିଏ ଅଣ୍ଡିରା ହାତୀର ମନୋଦଶା ଏବଂ ସାମାଜିକ ସ୍ୱୀକୃତିକୁ ନେଇ ସଂଘର୍ଷ; ଖର୍‌ସେଲ ସହ ଜଡ଼ିତ ବଲାଙ୍ଗୀରର ସଂଯୁକ୍ତି ବେଶ୍ ଗଭୀର; ଯେଉଁଠି ସେ ଯେତିକି ବଦ୍‌ନାମ; ଯେତିକି ଚର୍ଚ୍ଚିତ; ସେତିକି ପ୍ରଶଂସିତ ଓ ତତୋଧିକ ପରିଚିତ । ଏଠାରେ ଏ ଆଲୋଚକ ତା'ର ପ୍ରାକ୍ ଯୌବନରେ ଶିକୁଳିବଦ୍ଧ ଖର୍‌ସେଲକୁ ଦେଖିବାପାଇଁ ସାଇକେଲରେ ଅରଣ୍ୟ-ଘାଟୀ ବେଷ୍ଟିତ ଅଂଚଳକୁ ଧାଇଁ ଯାଇଥିବାର ଅନୁଭୂତି ଆଜି ବି ସଜୀବ ହୋଇରହିଛି ! ସେହି ଅନନ୍ୟ ହାତୀକୁ ନେଇ ଲିଖିତ ତଥା ଓଡ଼ିଶାରେ ଏକ ହାତୀକୁ ଉପନ୍ୟାସର ନାୟକ କରି ଲେଖାଯାଇଥିବା ଏକମାତ୍ର ଉପନ୍ୟାସ 'ମିଷ୍ଟର ଖର୍‌ସେଲ' ସତରେ ବେଶ୍ ସ୍ୱତନ୍ତ୍ର ! ଗୋଟିଏ ହାତୀକୁ ନାୟକ (Hero) କରି ଭ୍ରାମ୍ୟମାଣ ଶୈଳୀ (Travelogue Style) ରେ 'ପରିବେଶ' (Nature) ଓ 'ପର୍ଯ୍ୟାବରଣ' (Environment)କୁ ଗୁରୁତ୍ୱ ଦେଇ ପର୍ଯ୍ୟାବରଣ ଭିତ୍ତିକ ଉପନ୍ୟାସ (Eco Novel) ରେ ରୂପପାନ୍ତରଣ କରିବାରେ ଔପନ୍ୟାସିକ ରାଧାମୋହନ ମହାପାତ୍ରଙ୍କର ବଳିଷ୍ଠ କଥାୟନ ଓ ଅନୁଚିନ୍ତାକୁ ପରଖିବା ହିଁ ଏ ଆଲେଖ୍ୟର ମୂଳ ଉଦ୍ଦେଶ୍ୟ; ତଥ୍ୟଗତ ଆଧାର ଅଧିକ ସତ୍ୟ-ସ୍ୱଚ୍ଛ କଳ୍ପନା; ଯାହା ହେଉନା କାହିଁକି ମିଷ୍ଟର ଖରସେଲ ଓଡ଼ିଆ ଉପନ୍ୟାସରେ ତା'ର ପଦଚାରଣ ପାଇଁ ସର୍ବଦା ସ୍ମରଣୀୟ ହୋଇ ରହିବ ।

**ଅନୁଷଙ୍ଗ ସୂଚୀ :**

୧. ମହାପାତ୍ର, ରାଧାମୋହନ, ମିଷ୍ଟର ଖରସେଲ୍, ଶ୍ରୀମତୀ ପ୍ରତିଭା ମହାପାତ୍ର, ବୁଦ୍ଧେଶ୍ୱରୀ ପୋଷ୍ଟ୍ ଅଫିସ୍, ଲେନ୍, ଭୁବନେଶ୍ୱର, ପ୍ରଥମ ପ୍ରକାଶ-୨୦୧୨, ପୃ-୨୪-୨୫.

❖ ❖ ❖

DOI :https://doi.org/10.5281/zenodo.12789769

ମୂଳ ପ୍ରବନ୍ଧ

# ୧୯୮୦ ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ର ଗଳ୍ପରେ ଆଦିବାସୀଙ୍କ ମାଟିପ୍ରୀତି

**ପ୍ରଶାନ୍ତ କୁମାର ନାୟକ**

ସୃଷ୍ଟିର ଆଦିମ ରୂପ ହେଉଛି ଆଦିବାସୀ । ଜଙ୍ଗଲୀ ପରିବେଶରେ ସେମାନଙ୍କର ଜନ୍ମ ଓ ବିକାଶ ହୋଇଥାଏ । ପ୍ରକୃତି ସହିତ ସେମାନଙ୍କର ପ୍ରତ୍ୟକ୍ଷ ଭାବେ ସଂପର୍କ ଥାଏ । ବଣ, ଜଙ୍ଗଲ ହେଉଛି ସେମାନଙ୍କର ବିହାରସ୍ଥଳୀ । ସେମାନଙ୍କର ଜୀବନଯାପନ ପ୍ରଣାଳୀ ସରଳ ଅଟେ । ପୃଥିବୀର ବିଭିନ୍ନ ଦେଶର ଆଦିବାସୀ ଯେତେ ଅଛନ୍ତି ତା' ଭିତରେ ଭାରତର ଆଦିବାସୀ ସଂଖ୍ୟା ଅଧିକ । କୃଷି ହେଉଛି ସେମାନଙ୍କର ପ୍ରଧାନ ଜୀବିକା, ଫସଲ ଅମଳ ସମୟରେ ସେମାନେ ନାନା ଉତ୍ସବ ଆୟୋଜନ କରିଥାନ୍ତି ଓ ତାହା ବ୍ୟତୀତ ଜନ୍ମ, ମୃତ୍ୟୁ, ବିବାହ, ଅନ୍ୟାନ୍ୟ ପର୍ବପର୍ବାଣୀରେ ନାନା ଉତ୍ସବ ଅନୁଷ୍ଠିତ ହୋଇଥାଏ । ଆଦିବାସୀମାନେ ଖାଦ୍ୟ ଉତ୍ପାଦନ, ବଂଟନ, ସଂଗ୍ରହ କ୍ଷେତ୍ରରେ ମିଳିତ ସହଯୋଗ କରିଥାନ୍ତି । ଆଦିବାସୀମାନେ ସେମାନଙ୍କର ପାରପାଂରିକ ଜୀବନ ଧାରାକୁ ଅକ୍ଷୁର୍ଣ୍ଣ ରଖିଥାନ୍ତି । ସେମାନଙ୍କର ଜୀବନଧାରା ଶୈଳୀ ସ୍ୱତନ୍ତ୍ର ଓ ଭିନ୍ନ ଅଟେ । ଆଦିବାସୀ ସମାଜରେ ଶୃଙ୍ଖଳା ଓ ସାମାଜିକ ନିୟନ୍ତ୍ରଣ ପାଇଁ ମୁଖିଆମାନେ ସବୁ ବୁଝନ୍ତି । ଗ୍ରାମସଭାରେ ମୁଖିଆମାନେ ବସି ସମସ୍ତଙ୍କର ସମସ୍ୟାଗୁଡ଼ିକୁ ସମାଧାନ କରନ୍ତି । ସେମାନଙ୍କ ଜୀବନରେ ଯେତେ ସମସ୍ୟା ଆସିଲେ ବି ନିଜର ସାମାଜିକ, ସାଂସ୍କୃତିକ, ପାରପାଂରିକ ଶୈଳୀକୁ ଅକ୍ଷୁର୍ଣ୍ଣ ରଖିଥାନ୍ତି । ଓଡ଼ିଶାର ସଂସ୍କୃତି ଓତଃପ୍ରୋତଃ ଭାବରେ ଅଦିବାସୀମାନଙ୍କର ସଂସ୍କୃତି ସହିତ ଜଡ଼ିତ । ଓଡ଼ିଶାର ଲୋକକଥା, ଲୋକଗୀତ, ପର୍ବପର୍ବାଣୀ, ବ୍ରତ ଇତ୍ୟାଦିରେ ଆଦିବାସୀ ସଂସ୍କୃତିର ପ୍ରଭାବ ଦେଖାଯାଏ । ଏହି ଦୃଷ୍ଟିରୁ ଓଡ଼ିଆ ସାହିତ୍ୟରେ ଆଦିବାସୀମାନଙ୍କର ସାମାଜିକ, ସାଂସ୍କୃତିକ, ପାରପାଂରିକ ପ୍ରଭାବ ବହୁଳମାତ୍ରରେ ପଡ଼ିଥିବାରେ ଦେଖାଯାଏ । ଓଡ଼ିଆ ଭାଷା, ସଂସ୍କୃତି, ସାହିତ୍ୟ କ୍ଷେତ୍ରରେ ଓଡ଼ିଶାରେ ବାସ କରୁଥିବା ଆଦିବାସୀମାନଙ୍କର ପ୍ରଭାବ ଯଥେଷ୍ଟ ରହିଛି । ଆଦିବାସୀ ମାନଙ୍କର ଧର୍ମଧାରଣା, ଭାଷା, ସଂସ୍କୃତି ଓ ଜୀବନଧାରା ଇତ୍ୟାଦିକୁ ଛାଡ଼ି ଓଡ଼ିଶାର ସଂସ୍କୃତି, ସାହିତ୍ୟ ପୂର୍ଣ୍ଣହୋଇ ନପାରେ । ଆଦିବାସୀ ସଂପ୍ରଦାୟମାନଙ୍କରେ ବିବାହ ପ୍ରଥା ଅନେକ ପ୍ରକାରର ପ୍ରଚଳିତ ଅଛି । କନ୍ୟାକୁ ଝିଙ୍କି ନେଇ ବିବାହ କରିବା ବା ପ୍ରେମବିବାହ, ରାଜିହୋଇ ପଳାଇବା, କନ୍ୟାପଣ ବିବାହ ପଦ୍ଧତି ରହିଛି । ଆଦିବାସୀ ସମାଜରେ ପ୍ରଚଳିତ ଦେବତାମାନଙ୍କ ମଧ୍ୟରେ ସୂର୍ଯ୍ୟଙ୍କୁ ମୁଖ୍ୟ ଦେବତା ଭାବରେ ପୂଜା କରନ୍ତି । ଏହା ବ୍ୟତୀତ ଧରିତ୍ରୀମାତା, ପିତୃପୁରୁଷ ଗଣ, ଅନ୍ୟ ଦେବଦେବୀଙ୍କୁ ପୂଜା କରିଥାନ୍ତି । ଗୃହପାଳିତ ପଶୁ, ପକ୍ଷୀଙ୍କୁ ବଳିଦେଇ ପିତୃପୁରୁଷ ଓ ଦେବଦେବୀମାନଙ୍କୁ ସନ୍ତୁଷ୍ଟ କରିବାର ବିଧିବିଧାନ ରହିଛି । ଏହା ବ୍ୟତୀତ କାଳିଶି ଲାଗିବା, ନିଆଁରେ ଚାଲିବା, ବିଭିନ୍ନ ଯନ୍ତ୍ରରେ ନିଜ ଶରୀରକୁ କଷ୍ଟଦେବା ଇତ୍ୟାଦି ଦୃଶ୍ୟ ପୂଜା-ପର୍ବକୁ ଅଧିକ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at :
https://pracheenews.com/
DOI:https://doi.org/10.5281/zenodo.12789769
Article No - BPPP00206

ଯୋଗାଯୋଗ :
**ପ୍ରଶାନ୍ତ କୁମାର ନାୟକ, ଗବେଷକ, ଭାଷା ଓ ସାହିତ୍ୟ ବିଭାଗ**
**ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ, ପଶ୍ଚିମବଙ୍ଗ**
**E-Mail ID:** prasantanayak0011@gmail.com
**ORCID ID:** -https://orcid.org/0009-0006-6063-1439

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୧.୫.୨୦୨୪ | ୧୭.୬.୨୦୨୪ | ୨୫.୬.୨୦୨୪ | ୧.୭.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ନାୟକ, ପ୍ରଶାନ୍ତ କୁମାର., ୨୦୨୪ । **୧୯୮୦ ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ର ଗଳ୍ପରେ ଆଦିବାସୀଙ୍କ ମାଟିପ୍ରୀତି** । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଘ; ପୃଷ୍ଠା :୧୬-୨୦ ।

ଆକର୍ଷିତ କରିଥାଏ । ଆକାଶ, ବଣ, ପାହାଡ଼, ଝରଣା, ଗଛଲତା ସବୁ ତାଙ୍କ ପାଇଁ ଜୀବନ୍ତ ଅଟେ । ପଶୁ-ପକ୍ଷୀ ଶିକାର କରିବା, ମଉଜ-ମଜଲିସ୍‌ରେ ଜୀବନ ବିତାଇବା ଆଦିବାସୀମାନଙ୍କର ସହଜାତ ଗୁଣ । ପୂର୍ବପୁରୁଷର ପ୍ରଚଳିତ ପ୍ରଥା, ଚିରାଚରିତ ବିଶ୍ୱାସକୁ ସେମାନେ ସହଜରେ ମାନି ନିଅନ୍ତି । ଆଦିବାସୀ ଜୀବନଜୀବିକାର ଦୁଇଟି ମୁଖ୍ୟ ଦିଗ ହେଉଛି କୃଷିକାର୍ଯ୍ୟ କରି ଖାଦ୍ୟ ଅମଳ କରିବା ଓ ଅନ୍ୟଟି ବଣରୁ ଖାଦ୍ୟ ସଂଗ୍ରହ କରିବା । ଆଦିବାସୀମାନଙ୍କର ଚଇତିପର୍ବ ଏକ ପ୍ରଧାନ ପର୍ବ, ଏହି ପର୍ବରେ ସେମାନେ ଜଙ୍ଗଲରୁ ଫଳମୂଳ ସଂଗ୍ରହ କରିବା, ଶିକାର କରିବା, ନିଶାପାଣି ସେବନ କରି ନୃତ୍ୟ-ଗୀତରେ ତାଳେତାଳେ ଝୁମି ଉଠନ୍ତି । ଲୋକନୃତ୍ୟଗୁଡ଼ିକ ଆଦିବାସୀ ଜନଜାତି ମଧ୍ୟରେ ପ୍ରଚଳିତ । ଓଡ଼ିଶାରେ ଭିନ୍ନଭିନ୍ନ ଜିଲ୍ଲାରେ ଭିନ୍ନଭିନ୍ନ ଆଦିବାସୀ ନୃତ୍ୟ ଦେଖିବାକୁ ମିଳେ । ସେହି ନୃତ୍ୟଗୁଡ଼ିକ ମଧ୍ୟରେ ଯଥା - ପରଜାନୃତ୍ୟ, କନ୍ଧନୃତ୍ୟ, କୋୟାନୃତ୍ୟ, ଘୁମୁରାନୃତ୍ୟ, ଚଇତି ନୃତ୍ୟ, ଚୋକିପରବ ନୃତ୍ୟ, କାଳିସୀ ନୃତ୍ୟ, କୋଶିଆବାଡ଼ି ନୃତ୍ୟ, ଖରିଆସାନ୍ତାଳ ନୃତ୍ୟ ଇତ୍ୟାଦି ପ୍ରଧାନ । ଏମାନେ ନିଜ ନିଜ ଭିତରେ ନୃତ୍ୟକରି ଆନନ୍ଦ ଉପଭୋଗ କରନ୍ତି । ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ନୃତ୍ୟରେ ଅଂଶ ଗ୍ରହଣ କରନ୍ତି । ମୁଖ୍ୟତଃ ଆଦିବାସୀମାନେ ଧାଡ଼ିବାନ୍ଧି ଗୋଲାକାର ଭାବରେ ନୃତ୍ୟ ପରିବେଷଣ କରନ୍ତି । ପୁରୁଷମାନେ ମଝିରେ ରହି ବିଭିନ୍ନ ପ୍ରକାର ବାଦ୍ୟ ବଜାନ୍ତି; ଆଦିବାସୀ ରମଣୀମାନେ ସ୍ୱତନ୍ତ୍ର ବେଶପୋଷାକ ପରିଧାନ କରି ତାଙ୍କୁ ଘେରି ନୃତ୍ୟ କରିଥାନ୍ତି । ଆଦୀବାସୀମାନଙ୍କର ନୃତ୍ୟ ସହିତ ସଂଗୀତ ମଧ୍ୟ ତାଙ୍କ ଜୀବନର ଏକ ବିଶିଷ୍ଟ ଅଙ୍ଗ । ତାଙ୍କ ଗୀତଗୁଡ଼ିକ ମୌଖିକ ଗୀତ ଭାବରେ ମୁଖରୁ ମୁଖ ଗୋଟେ ପିଢ଼ିରୁ ଅନ୍ୟ ପିଢ଼ିକୁ ପ୍ରଚଳିତ । ସଂଗୀତ ମଧ୍ୟରେ ରସରକେଲୀ ଗୀତ, ଜାଇଫୁଲ ଗୀତ, ଡାଲଖାଇ ଗୀତ, ଘୁମୁରା ଗୀତ, ଓରାମ ଗୀତ, ସଉରା ଗୀତ, ମାଦଳ ଗୀତ, କିସାନ ଗୀତ ଇତ୍ୟାଦି ପ୍ରଧାନ ।

ଓଡ଼ିଆସାହିତ୍ୟ, ସଂସ୍କୃତିଉପରେ ଆଦିବାସୀମାନଙ୍କର ଭାଷା, ଧର୍ମ ଓ ସଂସ୍କୃତିର ପ୍ରଭାବ ପଡ଼ିଥିବାର ଲକ୍ଷ୍ୟ କରାଯାଏ । ଓଡ଼ିଆ କ୍ଷୁଦ୍ରଗଳ୍ପରେ ଆଦିବାସୀ ସମାଜ, ପରମ୍ପରା, ସଂସ୍କୃତି ଓ ଜୀବନ-ଚର୍ଯ୍ୟା ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି । ତେଣୁ ୧୯୮୦ ପରବର୍ତ୍ତୀ ସମୟରେ ଯେଉଁ କଥାକାରମାନଙ୍କର ଗଳ୍ପଗୁଡ଼ିକରେ ଆଦିବାସୀମାନଙ୍କର ମାଟି ପ୍ରୀତି ପ୍ରକାଶ ପାଇଛି ତାହା ମୋ ଆଲୋଚନାର ପରିସରଭୁକ୍ତ । ହୃଷୀକେଶ ପଣ୍ଡାଙ୍କ 'ସାହାବ ଦେବତା' ଗଳ୍ପ ସଂକଳନର 'ଛଞ୍ଚାଣ' ଗଳ୍ପରେ ଆଦବାସୀମାନଙ୍କର ସୁରକ୍ଷା ପାଇଁ ଲେଖକଙ୍କର ସାରସ୍ୱତ ଆଭିମୁଖ୍ୟ ସୁପ୍ରକଟିତ । ବିଦେଶୀମାନେ ଆର୍ଥିକ ବିକାଶ ଆଳରେ ସରଳ ଆଦିବାସୀମାନଙ୍କ ସ୍ୱାର୍ଥ ସଂପଦ ଲୁଟ୍ କରିବା ପାଇଁ ଆମ ଶିକ୍ଷିତ, ଚାକିରିଆ ଓ ରାଜନେତାମାନଙ୍କର ପଦକ୍ଷେପକୁ ଲେଖକ କଟାକ୍ଷପାତ କରିଛନ୍ତି । 'ପେଟ୍ରୋଲିୟମ' ଗଛ ଚାଷ ପାଇଁ ବିଦେଶୀ କଂପାନୀ ସୁନାପୁଟ ଗାଁକୁ ନଷ୍ଟ କରିଦେଇଛି, ଆଦିବାସୀମାନଙ୍କର ଭିଟାମାଟିକୁ ଲୁଟି ନେଇଛି । ଅରଣ୍ୟ ଧ୍ୱଂସକରି କଳକାରଖାନା ସ୍ଥାପନ କରିବା, ଅରଣ୍ୟର ଜନଜାତି ଆଦିବାସୀମାନଙ୍କୁ ସୁନାପୁଟରୁ ଉଚ୍ଛେଦ କରି ସେମାନଙ୍କ ଆହାର ଜଙ୍ଗଲଜାତ ଦ୍ରବ୍ୟରୁ ବଂଚିତ କରିବା ଆଦି ଘଟଣାକୁ ଗାଳ୍ପିକ ତୀବ୍ର ବିରୋଧ କରିଛନ୍ତି । ଦିସାରିର ପାର୍ଥନା ଭିତରେ ଆଦିବାସୀମାନଙ୍କର ମାଟି ପ୍ରତି ଥିବା ନିଗୂଢ଼ ସଂପର୍କଟି ପ୍ରକାଶ ପାଇଛି । ଏଠାରେ ଗାଳ୍ପିକଙ୍କ ଆଦିବାସୀମାନଙ୍କ ପ୍ରତି ଥିବା ସମ୍ବେଦନା, ତାଙ୍କ ଉପରେ ହେଉଥିବା ଅନ୍ୟାୟକୁ ଘୋର ବିରୋଧ କରିଛନ୍ତି । ସଂକଳନର 'ସାହାବ ଦେବତା' ଶୀର୍ଷକ ଗଳ୍ପରେ ଆଦିବାସୀ ଅଧ୍ୟୁଷିତ 'ସର୍ଗିଗୁଡ଼ା' ଗାଁରେ ସରକାରଙ୍କର ପ୍ରଚାରଧର୍ମୀ ଗ୍ରାମ୍ୟ ଉନ୍ନୟନ ଯୋଜନାଗୁଡ଼ିକ କିପରି ନିଷ୍ଫଳ ହୋଇଛି ତାହା ଏହି ଗଳ୍ପରେ ଦେଖିବାକୁ ମିଳେ । ପ୍ରଗତିର ଡିଣ୍ଡିମ ପିଟୁଥିବା ସରକାରଙ୍କର ବିଶ୍ୱସ୍ତ କର୍ମଚାରୀ ଓ ରାଜନେତାମାନଙ୍କର ଧପ୍ପାବାଜୀ ଦ୍ୱାରା ଆଦିବାସୀମାନଙ୍କ ପାଖରେ ଠିକ୍ ଭାବରେ ସହାୟତା ପହଞ୍ଚି ପାରୁନି । ଆମ ଦେଶର ପ୍ରସାଶନିକ ବ୍ୟବସ୍ଥାରେ ଆଦିବାସୀ ଉନ୍ନୟନ ଯୋଜନା ଓ ପରିକଳ୍ପନା ଯେ ଲୋକଦେଖାଣିଆ, ମିଛ ପ୍ରତିଶ୍ରୁତି ଓ ଭାଷଣବାଜି ଅନ୍ଧଗଳି ଭିତରେ ଯୋଜନାର ବାସ୍ତବ ସଫଳତା ହଜିଯାଇଛି, ପ୍ରକୃତ ହିତାଧିକାରୀ ସାହାଯ୍ୟ ପାଇ ପାରୁନାହିଁ ତାହା ଏହି ଗଳ୍ପରେ ଦେଖିବାକୁ ପାଉ । ତାଙ୍କର 'ସିସିଫସ୍ ଓ ବୋଣ୍ଡା' ଶୀର୍ଷକ କ୍ଷୁଦ୍ରଗଳ୍ପରେ ଆଦିବାସୀମାନଙ୍କୁ ଜମିଦାରମାନେ କିପରି ଶୋଷଣ କରିଛନ୍ତି ତାହା ଏହିଗଳ୍ପରେ ବର୍ଣ୍ଣିତ । ଆଦିବାସୀମାନେ ଜଙ୍ଗଲକୁ ପୋଡ଼ି ପୋଡୁଚାଷ କରି ଜୀବିକା ନିର୍ବାହ କରନ୍ତି । କିନ୍ତୁ ସାଉକାର ସରଳ, ନିରୀହ ଆଦିବାସୀମାନଙ୍କୁ ଡରାଇ ତାଙ୍କଠାରୁ ସେହି ଜମିଗୁଡ଼ିକୁ ନିଜର କରିନିଏ । ଗ୍ରାମର ସାହୁକାର ଚକ୍ରାନ୍ତ କରି ସିସିଫସ୍ ବଣ୍ଡାର ଚାଷଜମି, ବଳଦ ସବୁ ଛଡ଼ାଇ ନେଇଛି । 'ସିସିଫସ୍‌ବଣ୍ଡା' ସରକାର ଅଫିସରଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେଠୁ ନିରାଶ ହୋଇ ଫେରିଛି । ସାହୁକାର ସରକାରୀ ଅଫିସରଙ୍କୁ ଲାଞ୍ଚଦେଇ ସେମାନଙ୍କୁ କିଣି ନେଇଛି ।

ରଞ୍ଜନ ପ୍ରଧାନଙ୍କ 'ଡୁମାଦେବତା ଓ ଅନ୍ୟାନ୍ୟ ଗପ' ଗଳ୍ପ ସଂକଳନର 'ଡୁମାଦେବତା' ଶୀର୍ଷକ ଗଳ୍ପରେ ପ୍ରଗତିର ଦ୍ୱାହି ଦେଇ

ସରକାର ଆଦିବାସୀମାନଙ୍କୁ ନିଜ ଭିଟାମାଟିରୁ ବିସ୍ଥାପନ କରନ୍ତି । ସରକାର ସେମାନଙ୍କୁ ଘର, ଜମି, କର୍ମ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦିଅନ୍ତି । ଏହା ବ୍ୟତୀତ ସ୍କୁଲ ପ୍ରତିଷ୍ଠା, ବିଜୁଳି, ଡାକ୍ତରଖାନା ପ୍ରତିଷ୍ଠା, ଗମନାଗମନ ସୁବିଧା ପାଇଁ ରାସ୍ତା ଦିଆଯିବ ବୋଲି ସର୍ବସମ୍ମୁଖରେ ଘୋଷଣା କରାଯାଏ କିନ୍ତୁ ସେସବୁ ବିସ୍ଥାପିତଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ ଭଳି କାର୍ଯ୍ୟ ହୁଏ । ସରକାର ସମୃଦ୍ଧି ଓ ବିକାଶର ସ୍ଲୋଗାନ ଦେଇ ସାଧାରଣ ଜନତାକୁ ବାଧ୍ୟ କରନ୍ତି ଭିଟାମାଟି ଛାଡ଼ିବାକୁ । ଯଦି ଜନତା ସରକାରଙ୍କ ଆଦେଶକୁ ଅମାନ୍ୟ କରେ ତା' ଉପରେ ବଳପୂର୍ବକ ପଦେକ୍ଷେପ ଗ୍ରହଣ କରାଯାଏ । ଗାଁର ଦେବଦେବୀ, ଡଙ୍ଗର, ନଈ, ଝରଣା, ସଳପ ଗଛ, ପୂର୍ବଜଙ୍କ ସ୍ମୃତି ସହିତ ଆଦିବାସୀମାନଙ୍କର ବଂଶାନୁକ୍ରମିକ ସଂପର୍କ ରହିଛି । ଏସବୁକୁ ଆଦିବାସୀମାନେ ସହଜରେ ଛାଡ଼ି ପାରନ୍ତି ନାହିଁ । ବିସ୍ଥାପିତ ହେଉଥିବା ମଣିଷ ଭିତରେ ଏକ ଆଶଙ୍କିତ ଭୟ ଦେଖାଦିଏ । ଗାଁ ଛାଡ଼ିବା ପୂର୍ବରୁ ନିଜ ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୂଜାର୍ଚ୍ଚନା ସହ ବଳି ଦିଆଯାଏ । କାନ୍ଦ ବୋବାଳି ମଧ୍ୟରେ ଗାଁ କମ୍ପିଉଠେ । ପୁଣି ପରଜାମାନେ ଡୁମାମାନଙ୍କ ସହ ବିଳାପ କରନ୍ତି । ଗଳ୍ପର ଦୁଇଟି ଚରିତ୍ର ବୁଦ୍ଧୁ ଯାନୀ ଓ ରବଟ ଡମ୍ବ । ବୁଦ୍ଧୁ ଯାନୀ ହେଉଛନ୍ତି ପରମ୍ପରାର ବାର୍ତ୍ତାବହ । ତା'ର ପ୍ରତିଟି ରକ୍ତବିନ୍ଦୁରେ ନୀତି, ଆଦର୍ଶ ପରମ୍ପରା, ଧାର୍ମିକ ବିଶ୍ୱାସର ଧାରା ପ୍ରବାହିତ । 'ବୁଦ୍ଧୁ ଯାନୀ' ଭିଟାମାଟି ଛାଡ଼ି ନୂଆ ପୁନର୍ବାସ ସ୍ଥଳୀରେ ପହଂଚିବା ପୂର୍ବରୁ ଇହଲୋକରୁ ବିଦାୟ ନେଇ ସାରିଥିଲା । ବୁଦ୍ଧୁ ଯାନୀ ଭିଟାମାଟି ସହିତ ଉଭୟ ଶାରୀରିକ ଓ ମାନସିକ ସଂଯୋଗରେ ବିଚ୍ଛିନ୍ନତାକୁ କଦାପି ସ୍ୱୀକାର କରିପାରି ନାହିଁ । ସେହିପରି 'ଠାକୁରାଣୀ' ଶୀର୍ଷକ ଗଳ୍ପରେ ଆଦିବାସୀ ସଂସ୍କୃତି ଓ ପରମ୍ପରାର ଅବକ୍ଷୟ ଚିତ୍ର ଦେଖିବାକୁ ମିଳେ । ଆଦିବାସୀ ଜୀବନ ଜୀବିକା, ଚଳଣି, ପରମ୍ପରା, ଖାଦ୍ୟପେୟ, ବେଶପୋଷାକ ପ୍ରଭୃତିରେ ଆଧୁନିକ ସଭ୍ୟତା ତା'ର କାୟାବିସ୍ତାର କରୁଛି । ସହରର ଚାକଚକ୍ୟ ଜୀବନ ପ୍ରତି ଆଦିବାସୀ ଯୁବକ-ଯୁବତୀଙ୍କ ଅଶେଷ ମୋହ ଫଳରେ ଏମାନେ ନିଜ ପାରମ୍ପରିକ ଦେବଦେବୀ ଓ ପ୍ରଥାକୁ ଅବଜ୍ଞା କଲେଣି । ପୁଣି ଆଦିବାସୀମାନେ ନିଜ ପେଟପାଟଣା ପାଇଁ ସହରାଭିମୁଖୀ । ଗାଁରେ ବାଲି ଧାଙ୍ଗିଡ଼ି ନିଜ ପସନ୍ଦର ପୁଅ ସହ ଗାଁ ଛାଡ଼ି ପଳାଇବା ଘଟଣା ସବୁ ଗାଁରେ ଘଟିବା ଦ୍ୱାରା ଗାଁ ଠାକୁରାଣୀ ଓ ଅନ୍ୟାନ୍ୟ ଦେବଦେବୀ ଅସନ୍ତୁଷ୍ଟ ଅଛନ୍ତି । ଆଦିବାସୀ ପରମ୍ପରାରେ ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ବଳି ଦେବା ଅନିବାର୍ଯ୍ୟ । ଏମିତି ଅନ୍ଧବିଶ୍ୱାସ ମାନବ ସମାଜକୁ ଦିଗଭ୍ରଷ୍ଟ କରିଥାଏ । 'ଲକ୍ଷ୍ମୀ ପାଙ୍ଗଣ ଏଥରର କଭର ଷ୍ଟୋରୀ' ଶୀର୍ଷକ ଗଳ୍ପରେ ଅନ୍ଧବିଶ୍ୱାସ ମଣିଷକୁ ନିଷ୍ଠୁର, ନିର୍ମମ କରିଦେବା ସଂଗେସଂଗେ ସାମାଜିକ ଜୀବନଧାରା ଓ ଧରାକୁ ବିପର୍ଯ୍ୟସ୍ତ କରି ପକାଏ ତା'ର ଚିତ୍ର ଏହି ଗଳ୍ପରେ ବର୍ଣ୍ଣିତ । ଗାଁର ଶିଶୁମାନେ ଅଖାଦ୍ୟ ଗ୍ରହଣ ଓ ଦୂଷିତ ଜଳପାନ ଯୋଗୁଁ ନାନା ରୋଗରେ ଶିକାର ହୋଇଛନ୍ତି । ଗ୍ରାମବାସୀ ଏହି ରୋଗର ପ୍ରତିକାର ନିମନ୍ତେ ବିଧିବ୍ୟବସ୍ଥା ଗ୍ରହଣକରି ନ କରି ଦେବତାଙ୍କ କୋପ ବୋଲି କହିଥାନ୍ତି । 'ମାଲ୍‌କି, ଟୁନ୍ଦ୍ରୀ ଓ ଗ୍ରହ ଦେବତାର ପୂଜା' ଗଳ୍ପରେ ଅନ୍ଧବିଶ୍ୱାସର ସ୍ୱରୂପ ପରିଲକ୍ଷିତ ହୋଇଥାଏ । ମାଲ୍‌କି ଓ ଟୁନ୍ଦ୍ରି ବିବାହର ଦୀର୍ଘ ପାଂଚବର୍ଷ ବିତିଯାଇଥିଲେ ସତ୍ତ୍ୱେ ସନ୍ତାନଟିଏ ହୋଇ ନଥିଲା । ସେଥିପାଇଁ ଉଭୟେ ଗ୍ରହ ଦେବତା ପୂଜା କରିବାକୁ ନିଷ୍ପତ୍ତି ନେଇଛନ୍ତି । ଗ୍ରହ ଦେବାତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେମାନଙ୍କୁ ବଳି ଦେବାକୁ ପଡ଼ିଛି । ପରବର୍ତ୍ତୀ ସମୟରେ ଟୁନ୍ଦୁରୀ ଗର୍ଭବତୀ ହୁଏ, ମାଲ୍‌କି ଖୁସୀରେ ଫାଟି ପଡ଼ିଛି । ଦୁର୍ଭାଗ୍ୟବଶତଃ ଗର୍ଭବତୀ ଅବସ୍ଥାରେ ଟୁନ୍ଦୁରୀର ଅଜଣା ରୋଗରେ ମୃତ୍ୟୁ ଘଟିଛି । ଏହି ଘଟଣାକୁ ନେଇ ସଧାରଣ ଲୋକ କୁହାକୁହି ହୁଅନ୍ତି, ଦେଓପେନୁ ସନ୍ତୁଷ୍ଟ ନ ହେବାରୁ ଟୁନ୍ଦୁରିକୁ ନିଜ ସାଥୀରେ ନେଇଗଲେ । କିପରି ଆଦିବାସୀମାନେ ଅନ୍ଧବିଶ୍ୱାସରେ ବଶବର୍ତ୍ତୀ ହୋଇ ନିଜକୁ ମୃତ୍ୟୁ ମୁଖକୁ ଠେଲିଦେଉଛନ୍ତି, ଗାଳ୍ପିକ ତାହାକୁ ଦେଖାଇବା ସହିତ, ଅନ୍ଧବିଶ୍ୱାସ ଠାରୁ ଦୂରେଇ ରହିବା ପାଇଁ ମଧ୍ୟ ଉପଦେଶ ଦେଇଛନ୍ତି ଏହି ଗଳ୍ପରେ । 'ସୁନା ପାହାଡ଼ର ସୂର୍ଯ୍ୟାସ୍ତ' ଗଳ୍ପଟିରେ ପାହାଡ଼, ନଦୀ, ଝରଣା, ସବୁଜବନାନୀ; ଏସବୁ ଈଶ୍ୱରଙ୍କ ବରଦାନ ବୋଲି ଆଦିବାସୀମାନେ ବିଚାର କରନ୍ତି । ତାଙ୍କର ଈଶ୍ୱର ସେମାନଙ୍କୁ ଗଢ଼ିଲେ, ସେମାନଙ୍କର ଲାଳନପାଳନ ପାଇଁ ଈଶ୍ୱର ତା' ପୂର୍ବରୁ ଏଇ ନଦୀ, ଝରଣା, ଜଙ୍ଗଲ ସୃଷ୍ଟିକରି ସାରିଥିଲେ । ସେଥିପାଇଁ ଆଦିବାସୀ ନିଜକୁ ପ୍ରକୃତିର ସନ୍ତାନ ବୋଲି ଦାବି କରେ । ପ୍ରକୃତି ସହିତ ଏମାନଙ୍କର ନିବିଡ଼ ସଂପର୍କ ରହିଥାଏ । ଉତ୍ତମ କୁମାର ପ୍ରଧାନଙ୍କ 'ଘଟାନ୍ତର' ଗଳ୍ପରେ କନ୍ଧ ସଂପ୍ରଦାୟର ମୁଖ୍ୟ ପର୍ବ ଝାମୁଯାତ୍ରା ଚିତ୍ର ପ୍ରକାଶ ପାଇଛି । କନ୍ଧ ସଂପ୍ରଦାୟର ଲୋକମାନେ ପାରମ୍ପରିକ ବାଜାବଜାଇ ନାଚିବା, ନିଆଁରେ ଚାଲିବା ସହିତ ଆଦିବାସୀ ଯୁବତୀମାନଙ୍କର ହୁଳୁହୁଳିରେ ପରିବେଶ ପ୍ରକମ୍ପିତ ହୋଇଉଠିଛି । ସହରୀ ମଣିଷ ନିଜର ସଂସ୍କୃତକୁ ଭୁଲି ଯାଉଥିବା ବେଳେ; ଆଦିବାସୀ ସଂପ୍ରଦାୟର ଲୋକମାନେ ନିଜ ସଂସ୍କୃତିକୁ ବଂଚେଇ ରଖିବା ସହିତ ବହୁତ ଧୁମ୍‌ଧାମ୍‌ରେ ପାଳନ କରୁଥିବାର ଦୃଶ୍ୟ ଉକ୍ତ ଗଳ୍ପରେ ଦେଖିବାକୁ ପାଉ । ତାଙ୍କର ଅନ୍ୟ ଏକ 'ମଧୁ ! ମଧୁ !! ମଧୁ !!!' ଗଳ୍ପରେ ଆଦିବାସୀ ମହୁଆ ସଂପ୍ରଦାୟର

କଥା ପ୍ରକାଶ ପାଇବା ସହିତ, ସେମାନଙ୍କର ରୀତି ନୀତି, ପୂଜାପର୍ବଣ, ବିବାହ ଅଦିର ଚିତ୍ର ଦେଖିବାକୁ ମିଳେ । ମହୁଆ ସଂପ୍ରଦାୟର ଲୋକମାନେ ବିବାହ ଦିନ ଗ୍ରାମ୍ୟ ଦେବୀଙ୍କଠାରେ ଯୁବକ- ଯୁବତୀମାନେ ମଦ୍ୟପାନ କରି ନାଚିବା ଠାକୁରଙ୍କ ପାଖରେ ମହିଁଷିବଳୀ ପଡ଼ିବା, ଗ୍ରାମର ସର୍ଦ୍ଦାର ବଳି ପଡ଼ିଥିବା ମଇଁଷିର ରକ୍ତ ପିଇବା । ସେହିପରି ଏହି ସଂପ୍ରଦାୟର ବିଶ୍ୱାସ ଯେ କୁମାରୀ କନ୍ୟାକୁ ମହୁମାଛି ନ କାମୁଡ଼ିବା, ରତୁମତୀ ନାରୀର ବାସ୍ନା ବାଜିଲେ ମହୁମାଛି ମାରାତ୍ମକ ହୋଇଯିବା, ଅବିବାହିତ ନାରୀ ଅଙ୍ଗ ସ୍ପର୍ଶ କରି ନଥିବା ଯୁବକ ହିଁ ମହୁ ସଂଗ୍ରହ କରିବା, ମହୁ ସଂଗ୍ରହ କରିବା ସମୟରେ ମହୁଆ ଲତା କାନରେ ଖୋସି ମହୁ ସଂଗ୍ରହ କଲେ ମହୁମାଛି ଆକ୍ରମଣ ନ କରିବା ପୁଣି ମହୁ ସଂଗ୍ରହ କରିବା ସମୟରେ ସାତପଦିଆ ମନ୍ତ୍ର ଜପ କଲେ ମହୁମାଛି ବର୍ଷା ଛାଡ଼ିବା ଇତ୍ୟାଦି ଲୋକବିଶ୍ୱାସକୁ ନିଛକ ଭାବରେ ଉପସ୍ଥାପନା କରିଛନ୍ତି । ତାଙ୍କର ଅନ୍ୟ ଏକ ଗଳ୍ପ 'ରକ୍ତ ସଂପର୍କୀୟ' କନ୍ଧ ସଂପ୍ରଦାୟର ପରସ୍ପର ପ୍ରତି ଥିବା ବିଶ୍ୱାସ ଓ ଅନ୍ଧ ବିଶ୍ୱାସର ଚିତ୍ର ଉକ୍ତ ଗଳ୍ପରେ ଦେଖିବାକୁ ମିଳେ । ଏହି ଗଳ୍ପରେ ଭାଲୁ ଅକ୍ରମଣରେ ଶିକାର ହୋଇଥିବା କନ୍ଧ ଯୁବକ ରକ୍ତାତ ହୋଇ ପଡ଼ିଛି, ଯେତେ ଚିକିତ୍ସା କଲେ ବି ତା'ର ଦେହର ରକ୍ତ ବନ୍ଦ ହୋଇନାହିଁ । ଯାହାକୁ ଦେଖି ଗାଁର ଝଙ୍କର କହିଛି ଯେ ସେହି ଲୋକଟି ନୂଆଖାଇ ଆଗରୁ କଖାରୁ ଫୁଲ ଛିଡ଼େଇ ଥିବାରୁ ଦେବୀ ତା'ଉପରେ କୋପ କରିଛି ଓ ତା'ର ଏପରି ବିପତ୍ତି ଘଟିଛି । ଏପରି ଅବସ୍ଥାରେ ଗାଁ ଦେବୀଙ୍କୁ ଶାନ୍ତ କରିବା ପାଇଁ ଦେବୀଙ୍କ ପାଖରେ ବୋଦା, ଛେଳି, କୁକୁଡ଼ା ଆଦି ବଳିଦେଇ ରକ୍ତପାନ କରେଇବା କଥାଟିକୁ ପରପାଂରା କ୍ରମେ ବିଶ୍ୱାସ କରି ଆସିଛନ୍ତି । ଗାଳ୍ପିକଙ୍କ ଭାଷାରେ "ଗାଁର ଜାନୀ ନିଦାନ କରିଥିଲା ଯେ, ଲୋକଟି ନୂଆଖାଇ ଆଗରୁ କଖାରୁ ଫୁଲ ଛିଣ୍ଡାଇଛି, ତେଣୁ ଏ ବିପତ୍ତି । ତେବେ ଧରଣୀଶୀଳା, କୁକୁଡ଼ା ବା ଛେଳିର ରକ୍ତ ପାଇଲେ, ଲୋକଟି ଭଲ ହୋଇଯିବ । ଯଥାରୀତି, କୁକୁଡ଼ା ଓ ଛେଳିର ରକ୍ତ ପାଇଲା ପରେ ମଧ୍ୟ ଲୋକଟି ଚେତା ଫେରି ପାଇନଥିଲା" । (ରକ୍ତ ସଂପର୍କୀୟ, କଳାହାଣ୍ଡିର କଥାକାର, ପୃଷ୍ଠା-୪୫) । ଉକ୍ତ ଗଳ୍ପରେ ଆଦିବାସୀ ଯୁବକ, ଯୁବତୀମାନଙ୍କର ନିଃସ୍ୱାର୍ଥପର ପ୍ରେମର ଚିତ୍ର, ପରସ୍ପର ପ୍ରତି ଥିବା ବିଶ୍ୱାସ ଆଦି ଗଳ୍ପରେ ସୁନ୍ଦର ଭାବରେ ପରିପ୍ରକାଶ ଘଟିଛି । ସେହିପରି ଅନ୍ୟ ଏକ ଗଳ୍ପ 'ଶେଷ ପୁତ୍ତଳିକାର କାହାଣୀ' ରେବଫଲୀମାଳି ପାହାଡ଼ରେ ବସବାସ କରୁଥିବା ଆଦିବାସୀ କନ୍ଧ ସଂପ୍ରଦାୟର ଲୋକମାନଙ୍କ ଜୀବନକୁ ଆଧାର କରି ଗଳ୍ପର କାହାଣୀ ଗଢ଼ିଉଠିଛି । ଏହି ଗଳ୍ପର ଭ୍ରଷ୍ଟାଚାରୀ ରାଜନେତା, ଖଣି ମାଲିକମାନଙ୍କର ମିଳିତ ଉଦ୍ୟମରେ ବଫାଲୀମାଳିଠାରେ ଆଲୁମିନିୟମ କାରଖାନା ତିଆରି କରିବା ପାଇଁ ଆସିଛନ୍ତି । ସେଠାରେ ବସବାସ କରୁଥିବା ଆଦିବାସୀ କନ୍ଧ ଯୁବକମାନଙ୍କୁ ଟଙ୍କାର ଲୋଭ ଦେଖାଇ ସେମାନଙ୍କୁ ସେଠାରୁ ସ୍ଥାନାନ୍ତରିତ କରିବା ପାଇଁ ଚାହିଁଛନ୍ତି । କିନ୍ତୁ ସେଠାକାର ଆଦିବାସୀମାନେ ନିଜ ଗାଁ, ମାଟି ମା'କୁ ଛାଡ଼ି ଯିବାପାଇଁ ରାଜି ହୋଇ ନାହାଁନ୍ତି । ପରିଶେଷରେ ସେଠାକାର ରାଜନେତା ଓ ସରକାର କର୍ମଚାରୀମାନେ ମିଳିତ ହୋଇ କିଛି କନ୍ଧ ଯୁବକମାନଙ୍କୁ ଧରି ଜେଲକୁ ପଠାଇ ଦେଇଛନ୍ତି ଓ ସେଠାକାର କନ୍ଧ ସଂପ୍ରଦାୟ ଲୋକମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରାଇଛନ୍ତି । କିନ୍ତୁ ସେ ଭୟକୁ ସେଠାକାର ଲୋକମାନେ ଖାତିର ନକରି ବାଡ଼ି-ଠେଙ୍ଗା, ଅସ୍ତ୍ରଶସ୍ତ୍ର ଧରି ସେମାନଙ୍କୁ ଆକ୍ରମଣ କରିଛନ୍ତି ଓ ଶେଷରେ ଆଦିବାସୀ କନ୍ଧମାନେ ବିଜୟ ହୋଇଛନ୍ତି । ଯେଉଁ ଆଦିବାସୀମାନଙ୍କୁ ଆଦିମ କାଳରୁ ସରଳ, ନିରୀହ ଭାବରେ ଜାଣି ଆସିଥିଲୁ, ସେମାନେ ଆଜି ପରିସ୍ଥିତିର ତାଡ଼ନାରେ ହିଂସ୍ର ହୋଇଉଠିଛନ୍ତି । କାରଣ ଏହି ସମାଜ ତାଙ୍କୁ ବାଧ କରିଛି ହିଂସ୍ର ହେବା ପାଇଁ । ସମୟ ଥିଲା ଆଦିବାସୀମାନେ ସବୁ ଅନ୍ୟାୟ ଅତ୍ୟାଚାରକୁ ସହି ଯାଇଥିଲେ କିନ୍ତୁ ସେମାନେ ଆଜି ନିଜ ହକ୍ ପାଇଁ ଅନ୍ୟାୟ ବିରୋଧରେ ଲଢ଼େଇ କରୁଛନ୍ତି । ପରେଶ କୁମାର ପଟ୍ଟନାୟକଙ୍କ 'ବିସ୍ଥାପିତ' ଗଳ୍ପରେ ମୁଣ୍ଡାଜାତିର ଲୋକମାନଙ୍କୁ ଉଭୟ ସରକାର ଓ ଶିଳ୍ପପତିମାନେ ଆଦିବାସୀମାନଙ୍କୁ ବିସ୍ଥାପନ କରିବା ପାଇଁ ଚକ୍ରାନ୍ତ କରିଛନ୍ତି ତା'ର ଚିତ୍ର ଏହି ଗଳ୍ପରେ ଦେଖିବାକୁ ମିଳେ । ଆଦିମ କାଳରୁ ରହି ଆସୁଥିବ ।ମୁଣ୍ଡାଜାତି ନିଜ ଭିଟାମାଟି ଛାଡ଼ିବା ରାଜି ହୋଇ ନାହାଁନ୍ତି । ସେମାନେ ସରକାରଙ୍କଠାରୁ କ୍ଷତି ପୂରଣ ପାଇଥିଲେ ମଧ୍ୟ ନିଜ ଭିଟାମାଟି ଛାଡ଼ି ଯିବା ପାଇଁ ଚାହିଁ ନାହାଁନ୍ତି । ସରକାରଙ୍କ ବିରୋଧରେ ମୁଣ୍ଡାଜାତି ସଂଗ୍ରାମ କରିଛି ହେଲେ କିଛି ଫଳପ୍ରଦ ହୋଇନାହିଁ । ଶେଷରେ ପୁଲିସର ଗୁଳିଚାଳନାରେ ଅନେକ ଲୋକ ମୃତ୍ୟୁବରଣ କରିଛନ୍ତି, ସେମାନଙ୍କର ମୁଖିଆ ଗରିଆମୁଣ୍ଡା ଗୁଳିଖାଇ ଛୋଟା ହୋଇ ଡାକ୍ତରଖାନାରେ ପଡ଼ିଛି । ସରକାର ଗାଁ ଚାରିପଟେ ପାଚେରି ଉଠାଇ ସଂପୂର୍ଣ୍ଣ ଭାବରେ ବନ୍ଧ କରି ଦେଇଛି । ଯେତେବେଳେ ଗରିଆ ମୁଣ୍ଡା ଡାକ୍ତରଖାନାରୁ ଭଲ ହୋଇ ଗାଁକୁ ଫେରି ଦେଖିଛି ଗାଁ ଚାରିପଟେ ପାଚେରି ଘେରା ହୋଇଯାଇଛି, ରାଗରେ ହିଂସ୍ର ପାଲଟି ଯାଇ ପାଗଳ ପ୍ରାୟ ହୋଇ ଟେକାପଥର ଫିଙ୍ଗି ଭାଙ୍ଗିବା ପାଇଁ ବୃଥା ଚେଷ୍ଟା କରି ଶେଷରେ ନିଷ୍ଫଳ ହୋଇଛି । ପ୍ରକୃତରେ ସରଳ, ଶାନ୍ତ ଆଦିବାସୀ ମଣିଷଟି ସେମାନଙ୍କୁ ଯେତେବେଳେ ନିଜ ଭିଟାମାଟିରୁ

ବେଦଖଲ କରାଯାଉଛି, ସେମାନେ ହିଂସ୍ର ପାଲଟି ଯାଉଛନ୍ତି ଓ ସରକାରଙ୍କ ବିରୋଧରେ ଆନ୍ଦୋଳନ କରୁଛନ୍ତି । ଗାୟତ୍ରୀ ସରାଫ୍ଙ୍କ 'ଜଳିଜଳି ଯାଉଥିବା ପାହାଡ଼' ଗଳ୍ପରେ ପଶ୍ଚିମ ଓଡ଼ିଶାର ଗୋଟିଏ ଆଦିବାସୀ ଗାଁର ଲୋକମାନଙ୍କର ଦାଦନ ସମସ୍ୟାକୁ ନେଇ ଉକ୍ତ ଗଳ୍ପଟି ରଚିତ । ଜଙ୍ଗଲ, ପାହାଡ଼ଘେରା ଗାଁରେ ସୀମାରୁ ଓ ଉକିଆର ହସ-ଖୁସୀର ଦାମ୍ପତ୍ୟ ଜୀବନ ସାହୁକାର ଛଡ଼ାଇ ନେଇଛି । ସାହୁକାର କିଛି ପଇସା ପାଇଁ ସେମାନଙ୍କୁ ଦାଦନ ଖଟାଇ, ଶାରୀରିକ ନିର୍ଯ୍ୟାତନା ଦେଇଛି । କିନ୍ତୁ ସ୍ୱାମୀ-ସ୍ତ୍ରୀ ଦୁଇଜଣ ମାଥାପାତି ସବୁ ସହି ଯାଇଛନ୍ତି, ତିଳେଟିଏ ହେଲେ ବିରୋଧ କରିନାହାଁନ୍ତି । ଏହି ଗଳ୍ପରେ ଦାଦନ ସମସ୍ୟା ବ୍ୟତୀତ, ଶିଶୁକନ୍ୟା ବିକ୍ରୀ, ନାରୀମାନଙ୍କୁ ନିର୍ଯ୍ୟାତନା ପରି ଅନେକ କଥା ବର୍ଣ୍ଣନା କରିଛନ୍ତି ଗାଳ୍ପିକ ।

**ସହାୟକ ଗ୍ରନ୍ଥସୂଚୀ :**


୧. ପ୍ରଧାନ, ମନ୍ମଥ କୁମାର, ସଂସ୍କୃତି ଓ ସାହିତ୍ୟ, ନବଦିଗନ୍ତ, କଟକ, ଦ୍ୱିତୀୟ ସଂସ୍କରଣ, ୨୦୧୬ ।

୨. ଗାହାଣ, କପିଳେଶ୍ୱର, ଓଡ଼ିଆ କ୍ଷୁଦ୍ରଗଳ୍ପ : ସ୍ରଷ୍ଟା-ସହୃଦୟ, ଅଗ୍ରଦୂତ, କଟକ, ପ୍ରଥମ ପ୍ରକାଶ, ୨୦୦୭ ।

୩. ସାମଲ, ବୈଷ୍ଣବ ଚରଣ, ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିବୃତ୍ତ, ପ୍ରେଣ୍ଡସ୍ ପବ୍ଲିଶର୍ସ , କଟକ, ପ୍ରଥମ ସଂସ୍କରଣ, ୨୦୧୯ ।

୪. ବାରିକ, କବିତା, ଶହେ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ ଏକ ତାତ୍ତ୍ୱିକ ବିଶ୍ଳେଷଣ (୧୮୯୮ ରୁ ୧୯୯୮), ବିଦ୍ୟାପୁରୀ, କଟକ, ତୃତୀୟ ମୁଦ୍ରଣ ଅକ୍ଟୋବର ୨୦୧୭ ।


❖ ❖ ❖

DOI :https://doi.org/10.5281/zenodo.12789779 ମୂଳ ପ୍ରବନ୍ଧ

# ବିସ୍ଥାପନ ଓ ସନ୍ତ୍ରାସବାଦର ସମୀକରଣ 'କୋକୁଆ'

**ମନୋରଞ୍ଜନ ସାହୁ**

ଓଡ଼ିଆ ସାହିତ୍ୟରେ ଜଣେ ବହୁମୁଖୀ ପ୍ରତିଭା ନାଟ୍ୟକାର ବିଜୟ କୁମାର ଶତପଥୀ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ତାଙ୍କର ଦକ୍ଷତା ଥିଲେ ମଧ୍ୟ ସେ ଜଣେ ପୋଖତ ନାଟୁଆ ଭାବେ ପାଠୁଆଙ୍କ ପାଖରେ ପରିଚିତ । ପାରମ୍ପରିକ ନାଟ୍ୟଶୈଳୀକୁ ପରିତ୍ୟାଗ କରି ନବନାଟ୍ୟ ଶୈଳୀକୁ ନିଜ ନାଟକରେ ସ୍ଥାନ ଦେଇଛନ୍ତି ଏହି ନାଟ୍ୟକାର । ପରିବର୍ତ୍ତିତ ପରିସ୍ଥିତି ସହ ପାଦଥାପି ଆଗକୁ ଯିବାପାଇଁ ପଥ ଉନ୍ମୁକ୍ତ କରିଛନ୍ତି । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଚେତନା ମଧ୍ୟରେ ସମନ୍ୱୟ ସ୍ଥାପନ କରିବାକୁ ପ୍ରୟାସ କରିଛନ୍ତି ମଧ୍ୟ । ସେ ଜଣେ ସାମ୍ୟବାଦୀ ଭାବ ଚେତନାର ମଣିଷ । ସମାଜରେ ସମାନତା ପ୍ରତିଷ୍ଠାକୁ ସେ ଗୁରୁତ୍ୱ ଦିଅନ୍ତି । ସର୍ବହରା ଓ ପୁଞ୍ଜିପତି ମଧ୍ୟରେ ଚାଲିଥିବା ଶ୍ରେଣୀସଂଘର୍ଷର ଚିତ୍ର ତାଙ୍କ ରଚନାରେ ପରିଲକ୍ଷିତ । ପୁରାଣକଳ୍ପଠାରୁ ଆରମ୍ଭ କରି ସାମ୍ପ୍ରତିକ ସାମାଜିକ ଘଟଣାବଳୀ ପର୍ଯ୍ୟନ୍ତ ତାଙ୍କ ନାଟକର ପରିସରବ୍ୟାପ୍ତ । ଅତୀତର ପୁରାଣ ପୃଷ୍ଠାରୁ ଆଖ୍ୟାନ, ଉପାଖ୍ୟାନ, ଚରିତ୍ର ଉଦ୍ଧାର କରି ସାମ୍ପ୍ରତିକ ପ୍ରେକ୍ଷାପଟ୍ଟରେ ତା'ର ନବ ମୂଲ୍ୟାୟନ କରିବା ନାଟ୍ୟକାରଙ୍କ ଅଭିନବ ପ୍ରୟାସ । କେତେବେଳେ ମହାଭାରତର ମହାନାୟକ ମହାବଳୀ ଉପେକ୍ଷିତ କର୍ଣ୍ଣ ପାଇଁ ନ୍ୟାୟ ମାଗିଛନ୍ତି ତ କେତେବେଳେ ନିରୀହ, ଅସହାୟ, ଅଭାବୀ ଆଦିବାସୀମାନଙ୍କ ସ୍ୱାଭିମାନ, ସ୍ୱାଧୀକାର ଓ ସ୍ୱାଧୀନତା ଫେରାଇ ଆଣିବା ପାଇଁ ବାକ୍‌ଯୁଦ୍ଧ କରିଛନ୍ତି ଲେଖନୀ ମାଧ୍ୟମରେ । କେତେବେଳେ ପୁରାଣବର୍ଣ୍ଣିତ କଂସରାଜାର ଅତ୍ୟାଚାର ଓ ବ୍ୟଭିଚାର ପ୍ରସଙ୍ଗ ଉତ୍‌ଥାପନ କରି କଂସର ଏପରି ପ୍ରଜାପୀଡ଼ନ ଶାସନ ବ୍ୟବସ୍ଥାକୁ ନିନ୍ଦା କରିଛନ୍ତି ତ କେତେବେଳେ ପୁରାଣର ସେହି କଂସ ଚରିତ୍ରମାନଙ୍କୁ ଏବଂ ତାଙ୍କର ସେହି ସ୍ୱେଚ୍ଛାଚାରୀ ଶାସନ ପଦ୍ଧତିକୁ ସାମ୍ପ୍ରତିକ ପ୍ରେକ୍ଷାପଟ୍ଟରେ ସମୀକରଣ କରି ଯୁଗେ ଯୁଗେ କଂସମାନଙ୍କର ଅସ୍ତିତ୍ୱକୁ ଦୃଷ୍ଟିଗୋଚର କରିଛନ୍ତି । ବାସ୍ତବରେ ନାଟ୍ୟକାର ଶତପଥୀଙ୍କ ନାଟ୍ୟଚାରଣ ଭୂମି କିମ୍ବଦନ୍ତୀ, ପୁରାଣ, ଇତିହାସର ପୃଷ୍ଠାଠାରୁ ଆରମ୍ଭ କରି ସାମ୍ପ୍ରତିକ ସାମାଜର ବହୁ ସମସ୍ୟାମୂଳକ ବିଷୟ ପର୍ଯ୍ୟନ୍ତ ପରିବ୍ୟାପ୍ତ । ସେହିପରି ନାଟ୍ୟାଙ୍ଗିକରେ ଅଭିନବ କୌଶଳ ପ୍ରୟୋଗ କରିବା ଏବଂ ପାଠକମାନଙ୍କର ଅଭିରୁଚିକୁ ସମ୍ମାନ ପ୍ରଦର୍ଶନ କରି ନାଟକ ରଚନା କରିବା ନାଟ୍ୟକାରଙ୍କ ସବୁଠାରୁ ବୃହତ୍ତର ମହୌଷଧି । ସେ ଜଣେ ସଚେତନଶୀଳ ନାଟ୍ୟକାର । ଜଣେ ସ୍ରଷ୍ଟା ସାହିତ୍ୟ ସୃଷ୍ଟି କଲାବେଳେ ସାମାଜିକ ଆଦୃତି, ପାଠକୀୟ ମନନଶୀଳତା, ବାର୍ତ୍ତମାନିକ ପ୍ରେକ୍ଷାପଟ୍ଟର ସମୀକରଣ, ଭବିଷ୍ୟତର ମୂଲ୍ୟାୟନ ପରି କେତୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନିଜ ରଚନାରେ ସଂସ୍ଥାପନ କରିବାକୁ ସର୍ବଦା ପ୍ରୟାସ କରେ । ଏ ଦିଗରେ ନାଟ୍ୟକାର ଶତପଥୀ ଜଣେ ଧୂରୀଣ ପ୍ରତିଭା । 'ଫସିଲର ନିଦ୍ରାଭଙ୍ଗ', 'କଂସର ଆତ୍ମା', 'କ୍ଷୁଧିତ ସରୀସୃପ', 'ବିଷାଦ ବୃତ୍ତର କାହାଣୀ', 'କର୍ଣ୍ଣ', 'ଶୋଣିତ ସ୍ୱାକ୍ଷର', 'ଏଇ ଯେ ସୂର୍ଯ୍ୟ ଉଏଁ', 'ପ୍ରଳୟ ପରେ', 'ନୀଳଶୈଳ', 'ତୃତୀୟ ପର୍ବ', 'ଲୁହାର

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at :
https://pracheenews.com/
DOI:https://doi.org/10.5281/zenodo.12789779
Article No - BPPP00207

**ଯୋଗାଯୋଗ :**
ଡ. ମନୋରଞ୍ଜନ ସାହୁ, ଓଡ଼ିଆ ବିଭାଗ ମୁଖ୍ୟ
**ବ୍ରାହ୍ମଣୀ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା (ଓଡ଼ିଶା)**
**E-Mail ID:** mnsahu92@gmail.com
**ORCID ID:** -https://orcid.org/0009-0001-5830-0060

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୫.୨୦୨୪ | ୨୭.୬.୨୦୨୪ | ୧୫.୬.୨୦୨୪ | ୧.୭.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ, ମନୋରଞ୍ଜନ., ୨୦୨୪ । **ବିସ୍ଥାପନ ଓ ସନ୍ତ୍ରାସବାଦର ସମୀକରଣ 'କୋକୁଆ'** । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଘ, ପୃଷ୍ଠା :୨୧-୨୮ ।

ମଣିଷ', 'ଫୋନ୍ ଡାଏରୀ', 'କାରାଗାରାର କାହାଣୀ', 'ପକା ପଇସା ଦେଖ୍ ତାମ୍‌ସା', 'ମାଫିଆ', 'ଏକ ପରାଜିତ ନାୟକର ସ୍ୱଗତୋକ୍ତି', 'ନଷ୍ଟ ନୀଡ଼ର ଉପକଥା', 'ସୋସିଆଲ ଟ୍ରାଜେଡ଼ିର ତିନୋଟି ନାଟକ', 'ସୁନ୍ଦରୀ ପ୍ରତିଯୋଗିତା ଓ ଅନ୍ୟାନ୍ୟ ନାଟିକା', 'ଜଣେ କୃଷକର ଆତ୍ମହତ୍ୟାକୁ ନେଇ', 'ଅନ୍ଧାରର ବିଭୀଷିକା', 'କଙ୍କଣ ଦାସୀ କଥା', 'ମଙ୍ଗଳ ଅମଙ୍ଗଳ ବିଲ୍ୱମଙ୍ଗଳ' ଏବଂ 'କୋକୁଆ' ପ୍ରଭୃତି ନାଟକରେ ନାଟ୍ୟକାର ମଣିଷ ଜୀବନ ଓ ସମାଜ ଜୀବନ ମଧ୍ୟରେ ସମୀକରଣ କରିଛନ୍ତି । ସେ ମାନବବାଦର ପ୍ରତିଷ୍ଠା କରିବାକୁ ଚେଷ୍ଟା କରିଛନ୍ତି । ପ୍ରତୀକାତ୍ମକ ସଂଳାପ, ମିଥ୍‌ର ପୁନର୍ମୂଲ୍ୟାୟନ, ନବଇତିହାସବାଦୀ ତାତ୍ତ୍ୱିକ ଭାବଧାରାର ପ୍ରୟୋଗ, କୁହୁକ ବାସ୍ତବତାର ପରୀକ୍ଷଣ ଆଦି ପରି କେତେକ ଉତ୍ତର ଆଧୁନିକ ଭାବ ଚେତନାର ଇସ୍ତାହାର ତାଙ୍କ ନାଟ୍ୟମାନସ । ନାଟ୍ୟକାରଙ୍କ ବଡ଼ ବିଶେଷତଃ ହେଲା ସେ ଯେତେବେଳେ ନାଟକ ରଚନା କରିବା ପାଇଁ ଭାବଭୂମି ପ୍ରସ୍ତୁତ କରନ୍ତି ସେତେବେଳେ ସେହି ବିଷୟ ସହ ଅସ୍ଥିମଜ୍ଜାଗତ ହୁଅନ୍ତି । ଘଟଣା ସହ ଏକାତ୍ମ ହୁଅନ୍ତି । ନିଜ ଆତ୍ମିକ ସତ୍ତାକୁ ରଚନାର ଭାବକକ୍ଷ ଭିତରେ ତଲୀନ କରିଦିଅନ୍ତି । ଘଟଣା, ପରିବେଶ, ପୃଷ୍ଠଭୂମି, ଚରିତ୍ର ସହ ପ୍ରତ୍ୟକ୍ଷ ଭାବେ ସମ୍ପର୍କ ସ୍ଥାପନ କରି ନାଟକର ବାସ୍ତବ ଦିଗକୁ ତ୍ୱରାନ୍ୱିତ କରନ୍ତି । ତେଣୁ ସେ ଜଣେ ଅଭିଜ୍ଞତା ଓ ଅନୁଭୂତି ସମ୍ପନ୍ନ ନାଟ୍ୟକାର । ଯାହା ତାଙ୍କ ନାଟକକୁ ବାସ୍ତବାୟିତ କରିବା ସହ ଜୀବନ୍ତ କରିଛି ।

ନାଟ୍ୟକାରଙ୍କ ଲେଖନୀ ସୃଷ୍ଟ 'କୋକୁଆ' ଏକ ବହୁ ପରିଚିତ ନାଟକ ତଥା ଲୋକପ୍ରିୟ ନାଟକ । ପାଠକମାନଙ୍କୁ ଏହା ଅଧିକ ପ୍ରଭାବିତ କରିଛି । ଆନ୍ଦୋଳିତ କରିଛି । ଜନ ମାନସରେ ଆଲୋଡ଼ନ ସୃଷ୍ଟି କରିଛି । ୨୦୧୭ ମସିହାରେ ଅଗ୍ରଦୂତ, କଟକ ଦ୍ୱାରା ଏହାର ପ୍ରଥମ ପ୍ରକାଶ ହୋଇଥିଲା । ତ୍ରିନେତ୍ର ତରଫରୁ ଏହା ପ୍ରଥମେ ରବୀନ୍ଦ୍ର ମଣ୍ଡପଠାରେ ୨୦୧୩ ମସିହାରେ ଅଭିନୟ ହୋଇଥିଲା । ଏହି ନାଟକରେ ନାଟ୍ୟକାର ଆଦିବାସୀମାନଙ୍କର ବିସ୍ଥାପନ ଓ ସନ୍ତ୍ରାସବାଦ ସମସ୍ୟା ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି । ସାମ୍ପ୍ରତିକ ଆଦିବାସୀ ସମାଜରେ ବହୁବିଧ ସମସ୍ୟା ମୁଣ୍ଡ ଟେକିଥିଲେ ମଧ୍ୟ ସେଥିମଧ୍ୟରୁ ସର୍ବବୃହତ୍ତ ସମସ୍ୟାର ସ୍ଥାନ ନେଇଛି ବିସ୍ଥାପନ ସମସ୍ୟା । ଏହା ନିରୀହ ଆଦିବାସୀମାନଙ୍କର ମେରୁଦଣ୍ଡକୁ ବଙ୍କାକରି ପକାଇଛି । ଅଭାବୀ ଆଦିବାସୀର ସର୍ବସ୍ୱ ଛଡ଼ାଇ ନେଇଛି । ଏମାନଙ୍କ ଅଶିକ୍ଷା, କୁଶିକ୍ଷା, ଅନ୍ଧବିଶ୍ୱାସ, କୁସଂସ୍କାର ଓ ସରଳ ବିଶ୍ୱାସ ଆଦିର ସୁଯୋଗ ନେଇ ବିସ୍ଥାପନର ମାଲିକ ତଥା ସରକାର ଏବଂ ପୁଞ୍ଜିପତି, କଳକାରଖାନା ମାଲିକ, ସେଠ୍, ଠିକାଦାର, ଅଫିସର, ଜଙ୍ଗଲ ଜମାନ, ଜମିଦାର ଆଉ ରାଜନୀତିକ ନେତାମାନେ ସର୍ବସ୍ୱ ଲୁଣ୍ଠନ କରି ଏମାନଙ୍କୁ ବାସହରା କରିଛନ୍ତି । ତାଙ୍କ ପ୍ରଗତିର ପ୍ରତିବନ୍ଧକ ସାଜିଛନ୍ତି । ତାଙ୍କ ବିକାଶରେ ବାଧକ ସାଜି ପାଚେରୀ ସଦୃଶ ନୀରବ ଦ୍ରଷ୍ଟା ହୋଇ ଛିଡ଼ା ହୋଇଛନ୍ତି । ସେମାନଙ୍କ ଉପରେ ମିଥ୍ୟା ଆରୋପ ଲଗାଇ ବଳପୂର୍ବକ ଶୋଷଣ କରୁଛନ୍ତି । ନାନା ପ୍ରଲୋଭନ ଦେଖାଇ ସେମାନଙ୍କ ଭିତରେ ଆଶାର ଆଲୋକ ସଞ୍ଚାର କରି କ୍ଷଣିକ ମଧ୍ୟରେ ସେ ଆଲୋକକୁ ନିର୍ବାପିତ କରିବାକୁ ମନସ୍ତାପ କରୁ ନାହାନ୍ତି । ପ୍ରତିଶ୍ରୁତିର ପାହାଡ଼ ଅଚିରେ ପ୍ରତାରଣା ରୂପକ ପାଣିଫୋଟକା ହୋଇ ସମୁଦ୍ରଗର୍ଭସ୍ଥ ହୋଇଛି । ଏମାନେ କାଳେ ସଭ୍ୟଶିକ୍ଷିତ । ଯଦି ଏହା ଠିକ୍ ତେବେ କୁଆଡ଼େ ଗଲା ଏମାନଙ୍କ ଶିକ୍ଷାର ମାନଦଣ୍ଡ ? ଏମାନଙ୍କ ଶିକ୍ଷାରେ କ'ଣ ମାନବିକତାର ପ୍ରସଙ୍ଗ ନାହିଁ ? ନା ଏମାନେ ଜାଣିଶୁଣି ଚେତନାରୁ ଏହାକୁ ପ୍ରତ୍ୟାହାର କରିଛନ୍ତି । ଏହାହିଁ ବାସ୍ତବ ସତ୍ୟ । ଏମାନେ ନିଜ ଭିତରେ ଥିବା ସକାରାତ୍ମକ ଚେତନାକୁ ପ୍ରଥମେ ବିସ୍ଥାପିତ କରିଛନ୍ତି । ତେଣୁ ଯେଉଁ ବ୍ୟକ୍ତିବିଶେଷ ନିଜ ବ୍ୟକ୍ତିସତ୍ତାକୁ ସମ୍ମାନ ପ୍ରଦର୍ଶନ କରିବା ଶିଖିନାହିଁ ସେ ବହିର୍ଜଗତକୁ ନିଜର କରିପାରିବ ନାହିଁ । ଏହି ବିସ୍ଥାପନର ମାଲିକମାନେ ଏହି ଶ୍ରେଣୀର ଅଟନ୍ତି । ସମାଜରେ ବସବାସ କରୁଥିବା ଏହିପରି କିଛି ପୁଞ୍ଜିବାଦୀ ଦଲାଲମାନଙ୍କ ପାଇଁ ସାଧାରଣ ନିମ୍ନବର୍ଗର ଲୋକମାନେ ବିଶେଷକରି ଆଦିବାସୀମାନେ ଜୀବନ ନିର୍ବାହ କରିବାର ପନ୍ଥା ପରିବର୍ତ୍ତନ କରନ୍ତି । ଜୀବନ ବଞ୍ଚିବାର ମୋଡ଼ ବଦଳାଇ ଦିଅନ୍ତି । ସମାଜ ଉପରୁ ଆସ୍ଥା ହରାଇ ଦିଅନ୍ତି । ପ୍ରତିଶୋଧ ପରାୟଣ ହୋଇ ହିଂସାତ୍ମକ ପଥକୁ ଗ୍ରହଣ କରନ୍ତି । ସମାଜରେ ଅନ୍ୟମାନଙ୍କ ପରି ସମଅଧିକାର ପାଇବା ପାଇଁ ଲଢ଼େଇ କରନ୍ତି । ନିଜ ଅଧିକାର ସାବ୍ୟସ୍ତ କରିବା ପାଇଁ ବିପ୍ଳବ କରନ୍ତି । କେତେବେଳେ ସମୂହ ମିଶି ଅହିଂସା ପଥରେ ସରକାର ଓ ପୁଞ୍ଜିପତିମାନଙ୍କୁ ନିଜର ଦାବି ଜଣାନ୍ତି ତ କେତେବେଳେ ଘଞ୍ଚ ଅରଣ୍ୟରେ ଶିବିର ଗଢ଼ି ଗୁପ୍ତ ଷଡ଼ଯନ୍ତ୍ର ମାଧ୍ୟମରେ ବିକ୍ଷୋଭ କରି ହିଂସା ହିଁ ଶେଷ ଓ ଶ୍ରେଷ୍ଠ ଅସ୍ତ୍ର ବୋଲି ବିବେଚନା କରନ୍ତି । ଏମାନଙ୍କର ସମୂହ ସ୍ୱର ଆମ ଜମି, ଜଳ, ଜଙ୍ଗଲ, ଭିଟାମାଟି ଆମକୁ ଫେରାଇ ଆମର ଦାବି ପୂରଣକର ।

ସାମ୍ପ୍ରତିକ ସମାଜକୁ ହତ୍ୟା, ଆତଙ୍କ, ବିଭୀଷିକା କବଳିତ କରିରଖିଛି । ଚତୁର୍ଦ୍ଦିଗରେ ହିଂସାର ତାଣ୍ଡବ କାୟା ବିସ୍ତାର କରିଛି । ମଣିଷ ଭିତରୁ ମାନବିକତାର ମୂଲ୍ୟବୋଧ ବିପନ୍ନ ହୋଇପଡ଼ିଛି । ମାନବିକତାର ମୁଖାପିନ୍ଧି ଅସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ଅକୁଣ୍ଠ ପ୍ରକାଶ କରୁନାହିଁ ମଣିଷ । ଚୋରି, ଡକାୟତି,

ଠକାମି, ଭଣ୍ଡାମି, କଷଣ, ଧର୍ଷଣ, ନିର୍ଯ୍ୟାତନା ଆଦି ପରି ସାମାଜିକ ବ୍ୟାଧି ସୁସ୍ଥ ପରିବେଶକୁ ବିପନ୍ନ କରିଛି । ସବୁଠି ଅବକ୍ଷୟ ଓ ବିପର୍ଯ୍ୟୟର ପ୍ରତିଛବି । ସମାଜର ସନ୍ତୁଳନ ଓ ଭାରସାମ୍ୟ ବିପନ୍ନ ହୋଇପଡ଼ିଛି । ଶିଳ୍ପପତି ଓ ପୁଞ୍ଜିବାଦୀ ଦଲାଲମାନଙ୍କ ପାଇଁ ଅନେକ ବାସହରା ହୋଇ ନିଘଞ୍ଚ ଜଙ୍ଗଲ ଭିତରକୁ ଚାଲିଯାଇଛନ୍ତି ସେଠାରେ ମୁକ୍ତ ଜୀବନଧାରଣ କରିବା ପାଇଁ । ସେଠାରେ ମଧ ଏମାନେ ନିରାମୟ ଜୀବନ ନିର୍ବାହ କରିବାକୁ ଅକ୍ଷମ ହୋଇଛନ୍ତି । ବଞ୍ଚିବାର ଭଙ୍ଗୀ ବଦଳି ଯାଇଛି । ବଦଳି ଯାଇଛି ଜୀବନର ମାନଚିତ୍ର । ଦୀର୍ଘଦିନ ପାଇଁ ସ୍ଥାୟୀ ଭାବେ କୌଣସି ଗୋଟିଏ ଭିଟାମାଟିକୁ ଏମାନେ ନିଜର କରିପାରନ୍ତି ନାହିଁ । କେତେବେଳେ କମ୍ପାନୀ ମାଲିକଠାରୁ ତ କେତେବେଳେ ସରକାରୀକଳଠାରୁ, କେତେବେଳେ ପୁଞ୍ଜିବାଦୀ ଦଲାଲମାନଙ୍କଠାରୁ ତ କେତେବେଳେ ଜମିଦାର ଠିକାଦାର ଜମାନଦାର ଓ ରାଜନେତାର ଅତ୍ୟାଚାର ଶୋଷଣର ଶିକାର ହୋଇ ଜୀବନର ପ୍ରତିକ୍ଷଣରେ ଏମାନେ ବିସ୍ଥାପିତ ହୁଅନ୍ତି । ବିସ୍ଥାପନ ଆଣେ ଜୀବନ ବଞ୍ଚିବାର ନିଆରାଶୈଳୀ । ନାଟ୍ୟକାର ଯାହାର ସାର୍ଥକତା ପ୍ରତିପାଦନ କରିଛନ୍ତି ଶିବୁ ମାଝୀ, ଅଜୟ ମାରାଣ୍ଡି, ଦାମ ମାଝୀ, ଅତନୁ, ଶ୍ୟାମାନନ୍ଦ, ମନିକା ଆଦି ନାଟ୍ୟଚରିତ୍ର ଦେଇ । ନାଟ୍ୟକାର 'କୋକୁଆ' ନାଟକର ପୂର୍ବରଙ୍ଗରେ ନାଟକର ସୃଷ୍ଟି ସମ୍ପର୍କରେ ଦେଇଥିବା ଅନୁଭୂତି ଏଠାରେ ଉଲ୍ଲେଖ କରାଗଲା । କୋକୁଆ ନାଟକର ପରିକଳ୍ପନା ୨୦୧୦ ମସିହାବେଳକୁ ନାଟ୍ୟକାର କରିଥିଲେ । ଯଦିଓ ଏହା ପୂର୍ବରୁ ବିଭିନ୍ନ ମାଓ ଉପଦ୍ରୁତ ଅଞ୍ଚଳ ଓ ଆଦିବାସୀମାନଙ୍କର ଭିଟାମାଟିରେ ଗଢ଼ିଉଠିଥିବା କଳକାରଖାନା ଓ ପୁଞ୍ଜିବାଦର ଅନୁପ୍ରବେଶକୁ ନାଟ୍ୟକାର ଲକ୍ଷ୍ୟ କରିଥିଲେ ଦୀର୍ଘ ପ୍ରାୟ ଗୋଟିଏ ଦଶନ୍ଧି ଧରି । ଖବର କାଗଜ ପୃଷ୍ଠା ଖୋଲିଲା ମାତ୍ରେ କିମ୍ବା ରେଡ଼ିଓରୁ, ଟେଲିଭିଜନରୁ ସମ୍ବାଦ ଶୁଣିଲା ବେଳେ ଏ ସମ୍ପର୍କରେ ଅର୍ଥାତ୍ ନକ୍ସଲ ବା ମାଓପନ୍ଥୀମାନଙ୍କର ବର୍ବରଲୀଳା ଦୃଷ୍ଟିରେ ପଡ଼ିଛି । ପୋଲିସ୍ ଓ ମାଓପନ୍ଥୀମାନଙ୍କର ସଂଘର୍ଷ, ଉଭୟ ପକ୍ଷର ମର୍ମନ୍ତୁଦ ମୃତ୍ୟୁର ବିବରଣୀ ପୁଣି ଲୋମହର୍ଷଣକାରୀ ଘଟଣାଗୁଡ଼ିକ ଜନଜୀବନକୁ ବିବ୍ରତ କରି ତୋଳିଛି । ସାଧାରଣ ମଣିଷ ଜୀବନଯାତ୍ରା ଏଥିରେ ଅସ୍ଥିର ଓ ସଂତ୍ରସ୍ତ ହୋଇପଡ଼ିଛି । ସରଳ ଆଦିବାସୀ ପଲ୍ଲୀର ନୈସର୍ଗିକ ସୁଷମା ଆଜି ଅପସରି ଯାଇଛି । କଳକାରଖାନାର ଧୂଆଁରେ ଏହା ହୋଇପଡ଼ିଛି ବିଷାକ୍ତ ଓ ବିବର୍ଣ୍ଣ । ଆବର୍ଜନାପୂର୍ଣ୍ଣ ହୋଇ ପଡ଼ିଛି ଝରଣାର ଜଳ, ବନ ଗହନର ପ୍ରକୃତି ଓ ତା' ସହିତ ମଣିଷର ମନ ।

ନାଟକର ପ୍ରାରମ୍ଭ ପର୍ଯ୍ୟାୟରେ ନାଟ୍ୟକାର ମଂଚକୁ ଜଣେ ପାଗଳ ଚରିତ୍ର ଆଣିଛନ୍ତି । ଦାମ ତା' ଜୀବନରେ ଘଟିଥିବା କୌଣସି ମର୍ମନ୍ତୁଦ ଘଟଣା ଦ୍ୱାରା ପ୍ରଭାବିତ ହୋଇ ନିଜର ମାନସିକ ଭାରସାମ୍ୟ ହରାଇ ବସିଛି । ଏହି ଚରିତ୍ର ମଧଦେଇ ନାଟ୍ୟକାର ମହାଭାରତର କୋକୁଆ ମିଥ୍ ପ୍ରସଙ୍ଗକୁ ନାଟକରେ ସଂସ୍ଥାପନ କରିଛନ୍ତି । ପୁରାଣବର୍ଣ୍ଣିତ ମିଥ୍‌ର ସାମ୍ପ୍ରତିକ ପ୍ରାସଙ୍ଗିକତାକୁ ମୂଲ୍ୟାୟନ କରିବାକୁ ପ୍ରୟାସ କରିଛନ୍ତି । ସାମ୍ପ୍ରତିକ ପ୍ରେକ୍ଷାପଟରେ ତା'ର ସାମାଜିକ ମୂଲ୍ୟ ନିର୍ଣ୍ଣୟ କରିଛନ୍ତି । କୋକୁଆ ମିଥ୍‌କୁ ମହାଭାରତର ସେହି ପୁରାଣ ପୃଷ୍ଠାରେ ସୀମାବଦ୍ଧ ନରଖି ସାମ୍ପ୍ରତିକ ପରିପ୍ରେକ୍ଷୀରେ ତା'ର ପୁନର୍ନବୀକରଣ କରିଛନ୍ତି । ଯୁଗେ ଯୁଗେ, କାଳେକାଳେ କୋକୁଆମାନଙ୍କର ସତ୍ତା ନିରୂପଣ କରିବାକୁ ଚେଷ୍ଟା କରିଛନ୍ତି । ସମାଜରେ କୋକୁଆର ସ୍ତର ନିର୍ଣ୍ଣୟ କରିଛନ୍ତି । ତା'ର ପରିସର ଅନ୍ୱେଷଣ କରିଛନ୍ତି । ପୁରାଣ ଯୁଗରୁ ତା'ର ପଞ୍ଝା କିପରି ସାମ୍ପ୍ରତିକ କାଳ ପର୍ଯ୍ୟନ୍ତ ଲମ୍ବିଛି ତାହାର ଚିତ୍ର ତୋଳିଛନ୍ତି ନାଟ୍ୟକାର । କୋକୁଆ ଆଖିର ସର୍ବଗ୍ରାସୀ ନିଆଁ ସମାଜକୁ ନାଶ କରିଛି । ପୁଞ୍ଜିପତିରୂପୀ କୋକୁଆ ତା'ର ଲାଳାୟିତ ଜିଭ ଲହଲହ କରି ସର୍ବହରାକୁ ଲେହନ କରିଛି । ଗୋଟିଏ କୋକୁଆର ଆଁ ଭିତରୁ ଶହଶହ କୋକୁଆ ଜନ୍ମ ନେଇଛନ୍ତି । ତା'ର କିଳିକିଳା ଶବ୍ଦରେ କର୍ଣ୍ଣ ମୁଖରିତ ହୋଇଯାଇଛି । ମଣିଷର ଆଭ୍ୟନ୍ତରୀଣ ଓ ବାହ୍ୟଚେତନାକୁ ତାହା ପ୍ରଭାବିତ କରିଛି । ମଣିଷ ମନରେ ବସା ବାନ୍ଧିଥିବା ଅସୂୟାଭାବ, ହିଂସାତ୍ମକ ମନୋଭାବ, ସ୍ୱାର୍ଥପରତା, ବିଶ୍ୱାସଘାତକତା, ସନ୍ଦେହ, କ୍ରୋଧ, ଲୋଭ, ଅହଂଭାବ, ଅବିଶ୍ୱାସ, ହତ୍ୟା, ବିଭୀଷିକା ହିଁ ଗୋଟିଏ ଗୋଟିଏ କୋକୁଆର ପ୍ରତିରୂପ । ଏହା ମଣିଷ ଜୀବନକୁ ଅନ୍ଧକାରମୟ କରିଛି । ଦୁର୍ବିସହ କରିଛି । ବିପନ୍ନ କରିଛି । ଏହାର ପ୍ରଭାବରେ ପରିବେଶର ସନ୍ତୁଳନ ନଷ୍ଟ ହୋଇଛି । ଅଦିନିଆ କାଳବୈଶାଖୀ ତାଣ୍ଡବ ରଚିଛି । ଶୁଖିଯାଉଛି ଝରଣାର ଜଳ । ପୋଡ଼ି ଯାଉଛି ଶାଳର ଜଙ୍ଗଲ । ବହୁ ଅସୁବିଧାର ସମ୍ମୁଖୀନ ହେଉଛି ବଣମୂଲକର ମଣିଷ । ପୋଡ଼ିଜଳି ଛାରଖାର ହୋଇଯାଉଛି ଆଦିବାସୀର କୁଡ଼ିଆ । ନାଟ୍ୟକାର ନାଟକର ପ୍ରାସଙ୍ଗିକତା ବିଚାର କରି ଦାମ ଚରିତ୍ର ମାଧ୍ୟମରେ କୋକୁଆ ମିଥ୍‌ର ଅବତାରଣା ଘଟାଇ ହତ୍ୟା, ଆତଙ୍କ ଓ ବିଭୀଷିକାର ଚିତ୍ର ଦୃଷ୍ଟିଗୋଚର କରିଛନ୍ତି । ଆଦିବାସୀମାନଙ୍କର ଜଳ, ଜମି, ଜଙ୍ଗଲର ସୁରକ୍ଷା ପାଇଁ ଦାମ ମାଝୀ ସର୍ବଦା ବ୍ୟାକୁଳ ହୋଇ ବାୟା ମନରେ ସରକାରୀ କଳକୁ ବିଦ୍ରୁପ କରିଛନ୍ତି । ନିଜ ସମ୍ପ୍ରଦାୟର ଲୋକମାନଙ୍କୁ ଏବଂ ନିଜ ପୁତ୍ର ଶିବ ମାଝୀକୁ ଉତ୍ସାହ ବାଣୀ କହି ସେମାନଙ୍କ ମନରେ ବିପ୍ଳବର ବହ୍ନିଶିଖା ଜାଳିଛନ୍ତି । ନାଟକର ବିଭିନ୍ନ ଦୃଶ୍ୟରେ ଅବତୀର୍ଣ୍ଣ ହୋଇ ଆଦିବାସୀମାନଙ୍କର ଭିଟାମାଟି ପ୍ରସଙ୍ଗ ଉତ୍‌ଥାପନ କରି ବିସ୍ଥାପନ ସମସ୍ୟା ଉଚ୍ଛେଦ କରିବାପାଇଁ ଅନ୍ୟ ଆଦିବାସୀମାନଙ୍କୁ ଉତ୍ସାହିତ

କରିଛନ୍ତି । ସମାଜରେ ବିଭ୍ରାଟ ସୃଷ୍ଟି କରୁଥିବା କୋକୁଆମାନଙ୍କୁ ବିନାଶ କରି ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଶିବୁ ମାଝୀ ଓ ଅଜୟ ମାରାଣ୍ଡିକୁ ପ୍ରେରଣା ଦେଇଛନ୍ତି । ବାସ୍ତବରେ ନାଟ୍ୟକାର ଦାମ ମାଝୀକୁ ଜଣେ ସଚେତନଶୀଳ ଚରିତ୍ର ଭାବେ ଚିତ୍ରଣ କରିଛନ୍ତି । ନାଟ୍ୟକାର ନିଜେ ଦାମ ଚରିତ୍ର ଭିତରେ ନିଜର ଭାବଧାରାକୁ ପ୍ରକାଶ କରିଛନ୍ତି । ସେ ଶେଷ ପର୍ଯ୍ୟନ୍ତ ମନରେ ଆଶା ବାନ୍ଧିଛନ୍ତି ଯେ କୋକୁଆର ବିନାଶ ଘଟିବ ଏ ସମାଜରୁ । କିନ୍ତୁ ତାହା ଫଳପ୍ରଦ ହୋଇନାହିଁ । ତାଙ୍କ ଆଶା, ଅଭିଳାଷ ମଉଳି ଯାଇଛି । ଶିବୁ ମାଝୀ ଓ ଅଜୟ ମାରାଣ୍ଡି ଜୀବନ ଯୁଦ୍ଧରେ ହାରିଯାଇଛନ୍ତି । କୋକୁଆକୁ ଦମନ କରିପାରି ନାହାଁନ୍ତି । ଦୁହେଁ ଚିର ନିଦ୍ରାରେ ଧରଣୀ ବକ୍ଷରେ ମୁଣ୍ଡ ରଖି ଶୟନ କରିଛନ୍ତି । ଦାମ ମାଝୀ ସେମାନଙ୍କ ମରଶରୀର ପାଖରେ ବସି ବିଳାପ କରୁଛନ୍ତି । ନାଟ୍ୟକାରଙ୍କ ଭାଷାରେ- "ଦାମ- ଏଁ... ଶିବୁ... ଶିବୁ... ନାଁ.... ନାଇଁ ନାଇଁ... ଇଏ ଶିବୁ କାହିଁକି ହବବା...? ଇଏ ଆଉ କିଏ ? ସିଏ କହିଥିଲା ପରା ଜଙ୍ଗଲ ଆଦିବାସୀର ହବ... ଜମି ଆଦିବାସୀର ହବ... ଝରଣା ପୁଣି କୁଳୁକୁଳୁ ହେଇ ବହିବ... ସିଏ... ସିଏ... କଣ ଏଇମିତି ମରିପାରେ... ନାଁ ନାଁ... ଇଏ ସବୁସେଇ କୋକୁଆର କାମ... ଶିବୁ ଆମର କୋକୁଆକୁ ନିଶ୍ଚୟ ମାରିବ... ନିଶ୍ଚୟ କୋକୁଆକୁ ମାରିବ... ହଁ..." (କୋକୁଆ, ବିଜୟ କୁମାର ଶତପଥୀ, ପୃ- ୫୧) ।

ଅତନୁ ନାଟକର ଅନ୍ୟତମ ପ୍ରମୁଖ ଚରିତ । ସରକାରୀ ପୋଲିସ୍ ଅଫିସର । ଜଣେ ସଚୋଟ ପୋଲିସ୍ ଅଫିସର । ଶିକ୍ଷକ ଶ୍ୟାମାନନ୍ଦଙ୍କ ଆଶ୍ରମରେ ଶିକ୍ଷାଲାଭ କରି ଆଜି ସମାଜରେ ସେ ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ହୋଇପାରିଛନ୍ତି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ନକ୍ସଲ କ୍ୟାମ୍ପକୁ ଦମନ କରିବାର ଦାୟିତ୍ୱ ଅତନୁଙ୍କ ହାତରେ ସରକାର ଦେଇଛନ୍ତି । ସେହି ନକ୍ସଲବାଦୀ ସଙ୍ଗଠନର ମୁଖ୍ୟ ନକ୍ସଲ ଶିବୁ ମାଝୀ । ଅନ୍ୟତମ ପ୍ରମୁଖ ନକ୍ସଲ ଅଜୟ ମାରାଣ୍ଡି । ଅତନୁଙ୍କ ତତ୍ତ୍ୱାବଧାନରେ ନକ୍ସଲକ୍ୟାମ୍ପ ଚାରିଦିଗରୁ ଘେରାଉ ହୋଇଛି । ନକ୍ସଲକ୍ୟାମ୍ପକୁ ସମୂଳେ ଧ୍ୱଂସ କରିବା ପାଇଁ ଅତନୁ ଚଢ଼ାଉ କରିବା ପାଇଁ ଫୋର୍ସକୁ ନିର୍ଦ୍ଦେଶ ଦେଇଛନ୍ତି । ଭୀଷଣ ପାଟିଗୋଳ, ହୋହଲ୍ଲା, ଗୁଳି ଫୁଟିବାର ଶବ୍ଦ, ସାଇରନ୍ ମଧ୍ୟରାତ୍ରିର ନିସ୍ତବ୍ଧତାକୁ ଭାଙ୍ଗି ପରିବେଶକୁ କିଛି ସମୟ ପାଇଁ ଆଚ୍ଛନ୍ନ କରି ରଖିଛି । ପରବର୍ତ୍ତୀ ଦୃଶ୍ୟରେ କ୍ଷତାକ୍ତ ଅଜୟ ମାରାଣ୍ଡି ଶ୍ୟାମାନନ୍ଦଙ୍କ ଆଶ୍ରମ ପାଖରେ ପହଞ୍ଚି ଆଶ୍ରୟ ପାଇଁ ଶ୍ୟାମାନନ୍ଦଙ୍କୁ ନିବେଦନ କରିଛନ୍ତି । ନିଜର ପରିଚୟ ମଧ୍ୟ ଦେଇଛନ୍ତି । ନକ୍ସଲ ଅଜୟ ପାଖରୁ ତା'ର ନକ୍ସଲ ଜୀବନ ସମ୍ପର୍କରେ ଜାଣିବା ପରେ ଶ୍ୟାମାନନ୍ଦ ଓ ମନିକା ଉଭୟ ଆଚମ୍ବିତ ହୋଇଛନ୍ତି । ଆଶ୍ରମରେ ରହୁଥିବା ଜଣେ ଯୁବତୀ ହେଉଛନ୍ତି ମନିକା । ମନିକା ଅଧିକ ଭୟାବିତ ହୋଇପଡ଼ିଛନ୍ତି । ସମସ୍ତ ପରିସ୍ଥିତିକୁ ନିୟନ୍ତ୍ରଣ କରିଛନ୍ତି ଶିକ୍ଷକ ଶ୍ୟାମାନନ୍ଦ । ନାଟ୍ୟକାର ଶ୍ୟାମାନନ୍ଦଙ୍କୁ ଏଠାରେ ଜଣେ ଆଦର୍ଶ ଶିକ୍ଷକ, ମାନବବାଦୀ ବ୍ୟକ୍ତିସୁଲଭ ଏବଂ ଆଦର୍ଶ ଆଶ୍ରମ ପରିଚାଳକ ଭାବେ ଚିତ୍ରଣ କରିଛନ୍ତି । ଶ୍ୟାମାନନ୍ଦ ଜଣେ ଆଶାବାଦୀ ଚରିତ୍ର । ସେ ମଣିଷର ପରିବର୍ତ୍ତନରେ ବିଶ୍ୱାସ ରଖନ୍ତି । ମଣିଷର ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ ପରିବର୍ତ୍ତନରେ ସେ ଆଶା ସ୍ଥାପନ କରିଥିଲେ ମଧ୍ୟ ବେଶୀ ଗୁରୁତ୍ୱ ଦିଅନ୍ତି ତା'ର ଆଭ୍ୟନ୍ତରୀଣ ପରିବର୍ତ୍ତନକୁ । ସେଚେତନାଗତ ରୂପାନ୍ତରଣ ଉପରେ ଦୃଢ଼ଭାବେ ଆସ୍ଥା ସ୍ଥାପନ କରନ୍ତି । କାହାଣୀର ଖଳ ଚରିତ୍ରକୁ ସମୂଳେ ବିନାଶ କରିବାର ଚିନ୍ତାରୁ ସେ ଉର୍ଦ୍ଧ୍ୱକୁ ଯାଇ ତା'ର ମାନସିକତାର ରୂପାନ୍ତରଣ ଘଟାଇବା ପାଇ ସୁଁଯୋଗ ତିଆରି କରିବାର ଆଶା ରଖନ୍ତି । ନାଟ୍ୟକାର ଏହି ଚରିତ୍ର ମାଧ୍ୟମରେ ସମାଜରେ ବାସ କରୁଥିବା ଅସାମାଜିକ ବ୍ୟକ୍ତିମାନଙ୍କ ଚେତନାର ରୂପାନ୍ତରଣ ଘଟାଇ ସେମାନଙ୍କୁ ନୂଆ ମଣିଷ ଭାବରେ ଗଢ଼ି ତୋଳିବାର ଲକ୍ଷ୍ୟ ରଖିଛନ୍ତି । ନାଟ୍ୟକାର ଯେତେବେଳେ ମାଓନେତା ଅଜୟ ମାରାଣ୍ଡିକୁ ପରିଚିତ କରାଇଛନ୍ତି । ସେତେବେଳେ ଅଜୟ ମାରାଣ୍ଡି ମାଧ୍ୟମରେ ମାଓବାଦୀ ସୃଷ୍ଟି ହେବାର କାରଣମାନ ଉଲ୍ଲେଖ କରିଛନ୍ତି । ଏ ପ୍ରସଙ୍ଗରେ ନିଜେ ମାରାଣ୍ଡି ଶ୍ୟାମା ନନ୍ଦଙ୍କୁ କ୍ଷତର ଯନ୍ତ୍ରଣା ସହ କ୍ରୋଧମିଶା ଗଳାରେ କହିଛନ୍ତି ଆଦିବାସୀମାନଙ୍କୁ ଶୋଷଣ, କଷଣ, ଦୁର୍ନୀତି, ଅତ୍ୟାଚାର ଓ ବିସ୍ଥାପିତ କରିବାର ପ୍ରତିହିଂସାରୁ ସନ୍ତ୍ରାସବାଦ ପରି ଆତଙ୍କବାଦୀ ସଙ୍ଗଠନମାନ ସୃଷ୍ଟି । ନାଟ୍ୟକାରଙ୍କ ଭାଷାରେ- "ଅଜୟ- ହଁହଁ... ସେଇ ନକ୍ସଲ ନେତା ଅଜୟ ମାରାଣ୍ଡି । ଯିଏ ଆନିହିଲେସନ୍‌ରେ ବିଶ୍ୱାସ କରେ । ଶ୍ରେଣୀ ଶତ୍ରୁର ବିନାଶ... ନହେଲେ ଆତ୍ମତ୍ୟାଗ... ମୃତ୍ୟୁ... । ଢ଼େର୍ ସହିଲେଣି ବଣମୂଳକର ଆଦିବାସୀ... ଭିଟାମାଟି ଗଲା... ଜମିଜମା ଗଲା... ଜଙ୍ଗଲ ଲୁଟ୍ ହେଲା ଅଫିସର୍ ପୁଞ୍ଜିପତିମାନଙ୍କ ଚକ୍ରାନ୍ତରେ... କେମିତି... କେମିତି ବଞ୍ଚିବେ ସେମାନେ... ଆଃ... ଜାଣିଚି ମୋ ମୁଣ୍ଡର ମୂଲ୍ୟ ଦଶ ଲକ୍ଷ ଟଙ୍କା... ଧରେଇ ଦିଅ ମୋତେ... ଆରେ ନିଅ... ପୁଞ୍ଜିର ଦଲାଲ ସବୁ... ମାଟି ମା'ର ଦୁସମନ ସବୁ... ।" (କୋକୁଆ, ବିଜୟ କୁମାର ଶତପଥୀ, ପୃ- ୨୧-୨୨) । ଅଜୟ ବିପ୍ଳବୀ ସଙ୍ଗଠନର ଜଣେ ଟାଣୁଆ ନେତା ଏହା ଜାଣି ମଧ୍ୟ ଶ୍ୟାମାନନ୍ଦ ଅଜୟର ଏପରି ଅବସ୍ଥାରେ ତାକୁ ଆଶ୍ରୟ ଦେବାକୁ ମନସ୍ତ କରିଛନ୍ତି । ସେବା ମାଧ୍ୟମରେ ତାକୁ ଆରୋଗ୍ୟ କରିଛନ୍ତି । ହତ୍ୟା, ଧ୍ୱଂସ ଓ ବିଭୀଷିକା ସମସ୍ୟା

ସମାଧାନର ପନ୍ଥା ଆଣେ ନାହିଁ । ମାନସିକତାର ପରିବର୍ତ୍ତନ ଓ ଲୋକଚିତ୍ତର ରୂପାନ୍ତରଣ ହିଁ ସମାଧାନର ମାର୍ଗ ନିର୍ଣ୍ଣୟ କରେ । ଶ୍ୟାମାନନ୍ଦ ନିଜର ଜ୍ଞାନକୌଶଳ ସାହାଯ୍ୟରେ ଅଜୟର ଚିତ୍ତବୃତ୍ତିକୁ ପରିବର୍ତ୍ତନ କରିବାରେ ସଫଳ ହୋଇଛନ୍ତି । ନକ୍ସଲ ଅଜୟ ଓ ମନିକାକୁ ଆଶ୍ରମର ସମସ୍ତ ଦାୟିତ୍ୱ ଦେଇଛନ୍ତି । ସେ ଏଠାରେ ମାନବିକତାକୁ ଗୁରୁତ୍ୱ ଦେଇଛନ୍ତି । ସେବା କରିବାରେ ଶତ୍ରୁମିତ୍ର, ପରିଚିତ ଅପରିଚିତ ଏସବୁ ପ୍ରସଙ୍ଗ ଚେତନାରୁ ପରିହାର କରିଛନ୍ତି । ବାସ୍ତବରେ ଜଣେ ମଣିଷର ଏହାହିଁ ପ୍ରକୃତ ଧର୍ମ । ଏହି ଚରିତ୍ର ମାଧ୍ୟମରେ ନାଟ୍ୟକାର ନାଟକର ଗୁଣାତ୍ମକମାନ ବୃଦ୍ଧି କରିଛନ୍ତି । ଯେପରି- "ଶ୍ୟାମାନନ୍ଦ- ବୁଝିଲ ଅଜୟ, କେବଳ ବିପ୍ଳବ, ପ୍ରତି ବିପ୍ଳବ... ଏସବୁ ସମସ୍ୟାର ସମାଧାନ ଆଣେନା । ତା'ସହିତ ଆବଶ୍ୟକ ପୁନର୍ଗଠନ । ଚିତ୍ତବୃତ୍ତିରେ ପରିବର୍ତ୍ତନ ସବୁଠାରୁ ବଡ଼ କଥା । ତମେ ତ ଏଜୁକେଟେଡ଼ ଅଜୟ । ଲକ୍ଷ୍ୟ କରିଥିବ, ପୃଥିବୀକୁ ସମୟକ୍ରମେ ଆସିଛି ଅନେକ ବାଦ, ବିସମ୍ବାଦ... ମଣିଷର କାନରେ ସେସବୁ ଫୁଙ୍କିଛନ୍ତି କେତେ ମନ୍ତ୍ର.... କେତେ ତତ୍ତ୍ୱ... କିନ୍ତୁ, ସବୁ ବିଫଳ ହେଇଚି । ମଣିଷର ଚିତ୍ତ ପରିବର୍ତ୍ତନ ସମ୍ଭବ ହେଇନି । ବଢ଼ିଚି ପାର୍ଥକ୍ୟର ପ୍ରାଚୀର । ଧର୍ମ ନାଁରେ, ସମ୍ପ୍ରଦାୟ ନାଁରେ, ମତବାଦ ନାଁରେ ଲାଗି ରହିଛି ହତ୍ୟା, ରକ୍ତପାତର ବିଭୀଷିକା । ମୋର ଅଭିଯାନ ସେହି ମାନବିକ ଚିତ୍ତବୃତ୍ତିର ପରିବର୍ତ୍ତନ ପାଇଁ । ଏହାହିଁ ସମୟର ଆହ୍ୱାନ ।" (କୋକୁଆ, ବିଜୟ କୁମାର ଶତପଥୀ, ପୃ- ୩୩) ।

ଅନ୍ୟ ଏକ ଦୃଶ୍ୟରେ ଶ୍ୟାମାନନ୍ଦ ସେ ଅଞ୍ଚଳର ରାଜନୀତିକ ପ୍ରତିନିଧି ହରେକୃଷ୍ଣ ଗୌନ୍ତିଆଙ୍କୁ ବିଦ୍ରୁପଭରା ବାକ୍ୟ କହି ଆକ୍ଷେପ କରିଛନ୍ତି । ରାଜନେତାମାନଙ୍କ କୌଶଳକ୍ରମେ ଆଦିବାସୀମାନଙ୍କୁ ଜୋର ଜବରଦସ୍ତ ବିସ୍ଥାପିତ କରାଯାଉଛି । ସେମାନଙ୍କ ଭାତଥାଳିକୁ ଫିଙ୍ଗି ଦିଆଯାଉଛି । ଏମାନେ ନକ୍ସଲ ହେବା ମୂଳରେ ଦାରିଦ୍ର୍ୟ, ଉପେକ୍ଷା, ବିସ୍ଥାପନ ଓ ସଭ୍ୟମଣିଷର ଜାଲିଆତି ହିଁ ଦାୟୀ । ଆଜି ସମୟ ଆସିଛି ସ୍ନେହ, ମମତା, ଆନ୍ତରିକତା ଓ ଭଲପାଇବା ଦେଇ ସେମାନଙ୍କୁ ରୂପାନ୍ତରଣ କରିବାକୁ ପଡ଼ିବ । ହିଂସା, ରକ୍ତପାତ ଓ ବିଭୀଷିକାର ବଳୟ ଭିତରୁ ମୁକ୍ତହେବା ପାଇଁ ସେମାନଙ୍କୁ ପରାମର୍ଶ ଦେବାର ସମୟ ଆସିଛି । ପୁଞ୍ଜିପତିର ଦଲାଲ ସାଜି ବିସ୍ଥାପନ ସପକ୍ଷରେ ପଟୁଆର ପ୍ରସ୍ତୁତ କଲେ ସମସ୍ୟାର ସମାଧାନ ହୋଇପାରିବ ନାହିଁ ।

ଇତିମଧ୍ୟରେ ମନିକା ଓ ଅଜୟ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ଆଶ୍ରମର କାର୍ଯ୍ୟକୁ ଦ୍ରୁତଗତିରେ ଆଗେଇ ନେବାର ସଂକଳ୍ପ କରିଛନ୍ତି । ନକ୍ସଲ ସଙ୍ଗଠନର ମୁଖ୍ୟ ସଦାଶିବ ରାଓ, ଯିଏ 'ଫେରୋଆଲୋଏଡ୍' କାରଖାନା ପ୍ରତିଷ୍ଠାକୁ ବିରୋଧ କରି ପୋଲିସ୍ ଦ୍ୱାରା ଏନ୍‌କାଉଣ୍ଟର ହୋଇଥିଲେ । ସେଦିନର ଶିବୁ ମାଝୀ ପୋଲିସ୍ ପାଖରୁ ଖସିଯାଇ ନିଜକୁ ସଦାଶିବ ରାଓ ଭାବରେ ପରିଚିତ କରିଛନ୍ତି । ଅଜୟକୁ ନିଜ ସଙ୍ଗଠନକୁ ନେବାପାଇଁ ଆସି ଆଶ୍ରମରେ ପହଞ୍ଚିଛନ୍ତି । ଅଜୟକୁ ଫେରିଯିବା ପାଇଁ ନିବେଦନ କରିଛନ୍ତି । ଅଜୟ ମାରାଣ୍ଡି ତାଙ୍କ କଥାରେ ଅମଙ୍ଗ ହୋଇଛନ୍ତି । କାରଣ ତାଙ୍କ ଜୀବନରେ ଏକ ନୂତନ ଦିଗ ଉନ୍ମୋଚନ ହୋଇସାରିଛି । ସେ ସଂସାର ଭିତରେ ପାଦ ଥାପି ସାରିଛନ୍ତି । ଆଶ୍ରମିକ ଜୀବନ ତାଙ୍କୁ ପ୍ରଭାବିତ କରିଛି । ଶ୍ୟାମାନନ୍ଦଙ୍କର ଆଦର୍ଶ ଓ ମନିକାର ପତିପରାୟଣ ମନୋଭାବ ତାଙ୍କୁ ଆଚ୍ଛନ୍ନ କରିଛି । ଆଶ୍ରମର ପରିବେଶ, ଚଳଣି, ନୀତି, ଆଦର୍ଶ ତାଙ୍କୁ ପରିବର୍ତ୍ତିତ କରିଛି । ସେଥିପାଇଁ ସେ ସଦାଶିବ ରାଓ ଓରଫ ଶିବୁ ମାଝୀଙ୍କୁ ଫେରି ଯିବାକୁ କହିଛନ୍ତି । ଅଜୟର ଏପରି ମନ୍ତବ୍ୟ ଶୁଣି ସଦାଶିବ ରାଓ ଜୋର ଜବରଦସ୍ତ ତାଙ୍କୁ ନେବାକୁ ପ୍ରୟାସ କରିଛନ୍ତି । ଘଟଣାସ୍ଥଳରେ ପୋଲିସ୍ ଅଫିସର ଅତନୁ ଆସି ପହଞ୍ଚିଛନ୍ତି । ଅତନୁ ସେଠାରେ ଶିବୁ ମାଝୀ ଓ ଅଜୟ ମାରାଣ୍ଡି ଉଭୟଙ୍କୁ ଦେଖି ସକ୍ରିୟ ହୋଇଛନ୍ତି । ଅଜୟ କୌଶଳରେ ଶିବୁ ମାଝୀଙ୍କୁ ହତ୍ୟାକରି ସେଠାରୁ ଚାଲିଯିବାକୁ ଚେଷ୍ଟା କରୁଥିବା ସମୟରେ ଅତନୁର ବନ୍ଧୁକ ଗୁଳିର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି । ଶ୍ୟାମାନନ୍ଦ ହାରିଯାଇଛନ୍ତି ଆଜିର କୋକୁଆରୂପୀ ଅବିଶ୍ୱାସ, ସନ୍ଦେହ, ଆତଙ୍କ ଓ ବିଭୀଷିକା ପାଖରେ । ଦାମ ମାଝୀ ପରି ନିରୀହ ଆଦିବାସୀମାନେ ସର୍ବସ୍ୱ ହରାଇବା ପରେ ଶିବୁ ମାଝୀ ଓ ଅଜୟ ମାରାଣ୍ଡିଙ୍କ ପରି ନିଜ ନ୍ୟାର୍ଯ୍ୟ ଦାବି ପାଇଁ ଲଢ଼େଇ କରୁଥିବା ବିପ୍ଳବୀ ସଙ୍ଗଠନର ନେତାଙ୍କ ଉପରେ ଯୁଗେ ଯୁଗେ ବିଶ୍ୱାସ କରନ୍ତି । କେବଳ ଏହିମାନେ ହିଁ ପୁଞ୍ଜିପତିମାନଙ୍କଠାରୁ ଜଳ, ଜମି, ଜଙ୍ଗଲ ଆଉ ଭିଟାମାଟି ଆଣିପାରିବେ ବୋଲି ଦାମ ମନରେ ଅସରନ୍ତି ବିଶ୍ୱାସ । ତେଣୁ ନାଟ୍ୟକାର ଦାମ ମାଝୀ, ଶିବୁ ମାଝୀ, ଅଜୟ ମାରାଣ୍ଡି ଏବଂ ଅନ୍ୟାନ୍ୟ ଆଦିବାସୀ ଚରିତ୍ର ମଧ୍ୟଦେଇ ବିସ୍ଥାପନ ସମସ୍ୟାର ଚିତ୍ର ଉଲ୍ଲେଖ କରିଛନ୍ତି । ଏହି ବିସ୍ଥାପନରୁ ନକ୍ସଲବାଦର ସୃଷ୍ଟି ବୋଲି ନାଟକର ଛତ୍ରେଛତ୍ରେ ପ୍ରମାଣ କରାଯାଇଛି ଶିବୁ ମାଝୀ ଓ ଅଜୟ ମାରାଣ୍ଡି ଚରିତ୍ର ମାଧ୍ୟମରେ ।

ନାଟ୍ୟକାର ବିଜୟ କୁମାର ଶତପଥୀଙ୍କ 'କୋକୁଆ' ଏକ ନକ୍ସଲସମସ୍ୟା ଆଧାରିତ ନାଟକ । ନାଟ୍ୟକାର ନକ୍ସଲ ସମସ୍ୟା ସୃଷ୍ଟି ହେବାର କାରଣ ଓ ନିରାକରଣ ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି । ସାମ୍ପ୍ରତିକ ସମାଜରେ ଏହା ଏକ ବୃହତ୍ତର ସମସ୍ୟା ଭାବେ ମୁଣ୍ଡ ଟେକିଛି । ଓଡ଼ିଶାର ଅନୁନ୍ନତ ଅଞ୍ଚଳ ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହାର

ପ୍ରାଦୁର୍ଭାବ ସର୍ବାଧିକ । ଶାସନ ବ୍ୟବସ୍ଥା ହିଁ ଏଥିପାଇଁ ଦାୟୀ । କାରଣ ଆମ ଶାସନ ବ୍ୟବସ୍ଥାରେ ସବୁ ଅଞ୍ଚଳକୁ ସମଭାବରେ ବିକାଶ କରିବାର ସଂକଳ୍ପ ନିଆଯାଉ ନାହିଁ । ଯଦି ନିଆଯାଉଛି ତାହା ଖାତାଖତିଆନରେ ସୀମିତ ରହୁଛି । କାର୍ଯ୍ୟକାରୀ ହୋଇପାରୁ ନାହିଁ । ଯଦି କାର୍ଯ୍ୟକାରୀ ହେଉଛି ତାହା ବାଟମାରଣା ହେଉଛି । ରାଜନେତା ଓ ପୁଞ୍ଜିପତିମାନଙ୍କର ପକେଟସ୍ଥ ଏବଂ ଉଦରସ୍ଥ ହେଉଛି । ବଣଜଙ୍ଗଲ, ପାହାଡ଼ ପର୍ବତ, ଝରଣାକୂଳରେ ବାସକରୁଥିବା ଆଦିବାସୀମାନେ ଏହିସବୁ ସମସ୍ୟା ଭୋଗ କରୁଛନ୍ତି । ସରକାରୀ ସୁବିଧା ପାଇବାରୁ ଏମାନେ ବଞ୍ଚିତ ରହୁଛନ୍ତି । ଏମାନଙ୍କ ଅଜ୍ଞତାର ସୁଯୋଗ ନେଇ ସରକାର ଏମାନଙ୍କୁ ଅଳ୍ପରେ ସନ୍ତୁଷ୍ଟ କରିବାର ଯୋଜନା ତିଆରୁଛି । ଏମାନେ ମୁକ ବଧିର ହୋଇ ସମସ୍ତ ଶୋଷଣ, କଷଣ, ଦୁର୍ନୀତି ଓ ଅତ୍ୟାଚାରକୁ ସହ୍ୟ କରନ୍ତି । ସରକାରଙ୍କର ଏହି ଅଣଦେଖା ନୀତି, ପୁଞ୍ଜିପତି ଓ କଳକାରଖାନା ମାଲିକର ସରକାରଙ୍କ ସହ ଚୁକ୍ତି ଆଦି ବିଷୟ ଆଦିବାସୀ ଅଞ୍ଚଳରେ ବହୁ ସମସ୍ୟା ସୃଷ୍ଟି କରିଛି । ନିରୀହ ଆଦିବାସୀଠାରୁ ତା' ସାତପୁରୁଷର ଭିଟାମାଟି ଛଡ଼ାଇ ନିଆଯାଇଛି । ତା'ର ଜମି ତା'ଠାରୁ ଛଡ଼ାଇ ନିଆଯାଇଛି । ଜଳ ଓ ଜଙ୍ଗଲ ଉପରେ ଥିବା ତା'ର ଅଧିକାରକୁ କ୍ଷୁର୍ଣ୍ଣ କରାଯାଇଛି । ତାକୁ ନିଃସ୍ୱ କରାଯାଇଛି । ସର୍ବହରାର ପୋଷାକ ପିନ୍ଧାଇ ଦିଆଯାଇଛି । ସେମାନଙ୍କୁ ସ୍ଥାୟୀ ଭାବେ ଗୋଟିଏ ସ୍ଥାନରେ ଜୀବନ ନିର୍ବାହ କରିବାକୁ ଦେଇ ନାହିଁ ଏ ସଭ୍ୟଶିକ୍ଷିତ ସମାଜ । ଦିନକୁ ଦିନ ତାଙ୍କୁ ନିଘଞ୍ଚ ଅରଣ୍ୟ ମଧ୍ୟକୁ ପଠାଇ ଦିଆଯାଉଛି । ଏମାନେ ଆଜି ଯାହାକୁ ନିଜର ବାସସ୍ଥାନ ଭାବେ ବିବେଚିତ କରୁଛନ୍ତି କାଲି ସେଠାରେ କଳକାରଖାନା ସ୍ଥାପନ କରିବା ପାଇଁ ସରକାରଙ୍କ ସହ ଚୁକ୍ତି କରୁଛନ୍ତି କମ୍ପାନୀ ମାଲିକ । ଏହିସବୁ ସମସ୍ୟା ପାଇଁ ଆଦିବାସୀମାନେ ଅଭାବ ଅନଟନରେ କାଳାତିପାତ କରୁଛନ୍ତି । ଦୁର୍ବିସହ ଜୀବନ ବିତାଉଛନ୍ତି । ବିସ୍ଥାପନ ଆଣିଛି ଜୀବନ ବଞ୍ଚିବାର ନିଆରା ଶୈଳୀ । ଏମାନଙ୍କ ଜୀବନ ବଞ୍ଚିବାର ମାର୍ଗ ବଦଳିଯାଇଛି । ବଦଳି ଯାଇଛି ମାନସିକ ଚେତନା । ସରଳ, ନିଷ୍କପଟ ମଣିଷ ଜଟିଳତା ଭିତରକୁ ଯିବାପାଇଁ ବାଧ୍ୟ ହୋଇଛି । ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ହିଂସାତ୍ମକ ପଥ ଅନୁସରଣ କରିଛନ୍ତି । ଆତଙ୍କବାଦୀ ସଙ୍ଗଠନ କରିଛନ୍ତି । ନକ୍ସଲପନ୍ଥୀଙ୍କ ସହ ସାମିଲ ହୋଇଛନ୍ତି । ଆତଙ୍କବାଦକୁ ସମର୍ଥନ କରିଛନ୍ତି । ପୁଞ୍ଜିର ଦଲାଲମାନଙ୍କଠାରୁ ନିଜ ଜଳ, ଜମି, ଜଙ୍ଗଲ ଓ ସାତପୁରୁଷର ଭିଟାମାଟି ଫେରାଇ ଆଣିବା ପାଇଁ ବିପ୍ଳବ କରିଛନ୍ତି । ନାଟ୍ୟକାର ଯେତେବେଳେ ମାଓନେତା ଅଜୟ ମାରାଣ୍ଡିକୁ ପରିଚିତ କରିଛନ୍ତି ସେତେବେଳେ ଅଜୟ ମାରାଣ୍ଡି ମାଧ୍ୟମରେ ମାଓବାଦୀ ସୃଷ୍ଟି ହେବାର କାରଣମାନ ଉଲ୍ଲେଖ କରିଛନ୍ତି । ଏ ପ୍ରସଙ୍ଗରେ ନିଜେ ମାରାଣ୍ଡି ଶ୍ୟାମାନନ୍ଦଙ୍କୁ କ୍ଷତର ଯନ୍ତ୍ରଣା ସହ କ୍ରୋଧମିଶା ଗଳାରେ କହିଛନ୍ତି ଆଦିବାସୀମାନଙ୍କୁ ଶୋଷଣ, କଷଣ, ଦୁର୍ନୀତି, ଅତ୍ୟାଚାର ଓ ବିସ୍ଥାପିତ କରିବାର ପ୍ରତିହିଂସାରୁ ସନ୍ତ୍ରାସବାଦ ପରି ଆତଙ୍କବାଦୀ ସଙ୍ଗଠନମାନ ସୃଷ୍ଟି ।

ନାଟ୍ୟକାର ବିଜୟ କୁମାର ଶତପଥୀଙ୍କ 'କୋକୁଆ' ଏକ ପ୍ରତୀକାତ୍ମକ ନାଟକ । ସାରଳା ମହାଭାରତର କୋକୁଆ ରୂପକଳ୍ପକୁ ସେ ଏଠାରେ ପ୍ରତୀକ ଭାବେ ଚିତ୍ରଣ କରିଛନ୍ତି । ଅବିଶ୍ୱାସ, ସନ୍ଦେହ, ଆତଙ୍କ, ବିଭୀଷିକା, ଅହଂଭାବ, ଶୋଷଣ, କଷଣ, ଦୁର୍ନୀତି, ଅତ୍ୟାଚାର, ଅମାନବିକତା, ନିର୍ଯ୍ୟାତନା ଆଦିକୁ କୋକୁଆର ଗୋଟିଏ ଗୋଟିଏ ରୂପରେଖ ଭାବେ ଚିହ୍ନଟ କରିଛନ୍ତି । ଆଜି ବି ଆମର ବୃହତ୍ତର ସମାଜ ବ୍ୟବସ୍ଥାରେ ପ୍ରତ୍ୟେକ ମଣିଷ ଜୀବନର ପ୍ରତିକ୍ଷଣରେ ଭୟ ଓ ଆତଙ୍କର ବାତାବରଣ ଭିତରେ କାଳାତିପାତ କରୁଛି । ସର୍ବତ୍ର ଅଶାନ୍ତିର ପରିବେଶ । ମଣିଷର ଉଚ୍ଚ ମୂଲ୍ୟବୋଧ, ଆବେଗ ଓ ଉଚ୍ଛ୍ୱାସ ମୂଲ୍ୟହୀନ ହୋଇପଡ଼ିଛି । ମଣିଷର ଚେତନାରୁ ଶୂନ୍ୟ ହୋଇଯାଇଛି ମାନବିକତା ପରି ଈଶ୍ୱରୀୟ ଭାବଧାରା । ତା'ର ସ୍ଥାନ ନେଇଛି ଅର୍ଥ, କ୍ଷମତା ଆଦି ପରିକେତେକ ପାଶବିକ ପ୍ରବୃତ୍ତି । ପଲ୍ଲୀଠାରୁ ସହର, ପାହାଡ଼ଠାରୁ ଝରଣା ସବୁଠି ତାଣ୍ଡବ ରଚିଛି କୋକୁଆ । ଆଦିବାସୀ ଗାଁ ଧମାଗୁଡ଼ାରେ ମଧ୍ୟ କୋକୁଆର ଭୟ ଆତଙ୍କ ସୃଷ୍ଟି କରିଛି । ନାଟ୍ୟକାର ଦାମ ମାଝୀ, ଶିବୁ ମାଝୀ, ଅଜୟ ମାରାଣ୍ଡି, ଶ୍ୟାମାନନ୍ଦ, ଅତନୁ, ଗୌନ୍ତିଆ ଆଦି ପ୍ରମୁଖ ଚରିତ୍ର ମାଧ୍ୟମରେ ଏହି କୋକୁଆ ରୂପକଳ୍ପର ଯଥାର୍ଥତା ପ୍ରତିପାଦନ କରିଛନ୍ତି । ଦାମ, ଶିବୁ ଓ ଅଜୟ ସର୍ବସ୍ୱ ହରାଇ ବିସ୍ଥାପିତ ହୋଇ ହିଂସାର ପନ୍ଥାକୁ ଆପଣାଇଛନ୍ତି ନିଜ ଅଧିକାର ପାଇବାପାଇଁ । ଶ୍ୟାମାନନ୍ଦମାନେ ଯୁଗେ ଯୁଗେ ଅଜୟ, ଶିବୁ, ଅତନୁ ଓ ଗୌନ୍ତିଆମାନଙ୍କୁ ପରାମର୍ଶ ଦିଅନ୍ତି ଲୋକଚିତ୍ତର ରୂପାନ୍ତରଣ ଆଣିବା ପାଇଁ । ହିଂସାର ପନ୍ଥାକୁ ପରିତ୍ୟାଗ କରି ଚେତନାର ପରିବର୍ତ୍ତନ ମାଧ୍ୟମରେ ସମସ୍ୟାର ସମାଧାନ ହୋଇପାରିବ ବୋଲି ପରାମର୍ଶ ଦିଅନ୍ତି ।

ନାଟ୍ୟକାର ବିଜୟ କୁମାର ଶତପଥୀ 'କୋକୁଆ' ନାଟକରେ ମାପଚୁପ କରି ଚରିତ୍ର ସଂଯୋଗ କରିଛନ୍ତି । ବିଭିନ୍ନ ପର୍ଯ୍ୟାୟର ଚରିତ୍ର ଚୟନ କଲାବେଳେ ନାଟ୍ୟକାର ଖୁବ୍ ସଚେତନତା ଅବଲମ୍ବନ କରିଛନ୍ତି । ଅଭିନବ ନାଟ୍ୟାଙ୍ଗିକର ପ୍ରୟୋଗ କରି ନାଟକର ମୂଲ୍ୟ ବଢ଼ାଇଛନ୍ତି । ପୁରାଣର ରୂପକଳ୍ପ ପ୍ରସଙ୍ଗ ଆଣିବାବେଳେ ଦାମ ମାଝୀ ଚରିତ୍ରକୁ ସଜାଗ କରିଛନ୍ତି । ସେହିପରି ବିସ୍ଥାପନ, ନକ୍ସଲବାଦ କଥା ବର୍ଣ୍ଣନା କରିବା ସମୟରେ ଶିବୁ ମାଝୀ, ଅଜୟ ମାରାଣ୍ଡି ପରି ଚରିତ୍ରଙ୍କୁ ପରିବେଶ ଅନୁସାରୀ ହେବାପାଇଁ ଚେଷ୍ଟା କରିଛନ୍ତି । ଅଜୟ ମାରାଣ୍ଡି

ଚରିତ୍ର ଦେଇ ନାଟ୍ୟକାର ଚରିତ୍ରଗତ ରୂପାନ୍ତରୀକରଣ ପ୍ରସଙ୍ଗ ଉତ୍ଥାପନ କରିଛନ୍ତି । ଅଜୟ ମାରାଣ୍ଡି ଶ୍ୟାମାନନ୍ଦଙ୍କ ପରାମର୍ଶ ଓ ମାର୍ଗଦର୍ଶନ ଦ୍ୱାରା ନିଜ ମାନସିକତାରେ ପରିବର୍ତ୍ତନ ଆଣିଛି । ବଞ୍ଚିବା ପାଇଁ ସନ୍ତ୍ରାସବାଦୀ ପନ୍ଥା ଛାଡ଼ି ଆଶ୍ରମିକ ଜୀବନକୁ ବାଛି ନେଇଛି । ଶ୍ୟାମାନନ୍ଦଙ୍କୁ ଜଣେ ଆଦର୍ଶବାଦୀ ସଚେତନଶୀଳ ଚରିତ୍ର ଭାବେ ଅବତୀର୍ଣ୍ଣ କରାଇଛନ୍ତି । ନାଟ୍ୟକାରଙ୍କ ଦାମ ମଧ ଜଣେ ସଚେତନଶୀଳ ଚରିତ୍ର । ସେ ନାଟକରେ ପାଗଳ ଭୂମିକାରେ ଅଭିନୟ କରିଛନ୍ତି । କିନ୍ତୁ ନାଟ୍ୟକାର ସେହି ଚରିତ୍ର ଦେଇ ପୁରାଣର ରୂପକଳ୍ପକୁ ଅବତାରଣ କରିଛନ୍ତି ନାଟକରେ । ନାଟକର ବିଭିନ୍ନ ପ୍ରସଙ୍ଗରେ ସେହି ଚରିତ୍ରକୁ ଆଣି ସାମ୍ପ୍ରତିକ ସମାଜରେ କୋକୁଆର ରୂପ ନିର୍ଣ୍ଣୟ କରିବାକୁ ଚେଷ୍ଟା କରିଛନ୍ତି । ଦାମ ମାଝୀ ମଧ ଜଣେ ବିବର୍ତ୍ତନକାରୀ ଚରିତ୍ର । ପୁଞ୍ଜିପତିମାନଙ୍କ ଦ୍ୱାରା ସର୍ବସ୍ୱ ହରାଇବା ବେସହରା ହୋଇ ସେ ବିପ୍ଳବୀ ସ୍ୱରରେ ନିଜ ଜମି, ଜଙ୍ଗଲ ଓ ଭିଟାମାଟି ଫେରାଇ ଆଣିବା ପାଇଁ ସର୍ବତ୍ର ଘୂରିବୁଲିଛି । ନାଟ୍ୟକାର ଏହି ଚରିତ୍ର ପାଖରୁ କଥାବସ୍ତୁ ଆରମ୍ଭ କରି ଶେଷ ମଧ କରିଛନ୍ତି ।

ନାଟ୍ୟକାର ଶତପଥୀ 'କୋକୁଆ' ନାଟକରେ ଚରିତ୍ର ନିମିତ୍ତସଂଳାପ ସଂଯୋଗ କରିବା ସମୟରେ ସଚେତନ ହୋଇଛନ୍ତି । ଦାମ ମାଝୀ ମାଧମରେ ପୁରାଣ ରୂପକଳ୍ପ କୋକୁଆ ପ୍ରସଙ୍ଗ କହିବା ସମୟରେ ସଂଳାପଗୁଡ଼ିକ ଆଳଙ୍କାରିକ, ମାର୍ଜିତ ତଥା କେତେକ ସ୍ଥଳରେ ପ୍ରଚାରଧର୍ମୀ ହୋଇଛି । ଯେପରି– "ଦାମ– କୋକୁଆ... ହାଃ... ହାଃ... ସେ କାହାକୁ ଛାଡ଼ିବନି । ଖ୍ୱନ୍‌ଭିନ୍ କରିଦେବ... ବିଦାରି ଦେବ... ରକ୍ତ ସାଲୁବାଲୁ କରି ଗିଳିଦେବ । ଜିଭ ଲହଲହ କରି ସେ ମାଡ଼ି ଆସୁଛି । ସେମାନେ ମାଡ଼ି ଆସୁଛନ୍ତି । ପଳେଇ ଚାଲ । ପଳେଇ ଚାଲ ସମସ୍ତେ । ଶୁଖି ଯାଉଛି ଝରଣାର ଜଳ । ପୋଡ଼ି ଯାଉଛି ଶାଳର ଜଙ୍ଗଲ । ପ୍ରଳୟ... ମହାପ୍ରଳୟ ।" (କୋକୁଆ, ବିଜୟ କୁମାର ଶତପଥୀ, ପୃ- ୧୭) । ସେହିପରି ଶିବୁ ମାଝୀ ଓ ଅଜୟ ମାରାଣ୍ଡି ଚରିତ୍ର ଦେଇ ବିପ୍ଳବର ସ୍ୱର ଆଣିଛନ୍ତି । ଏହି ସମୟରେ ତାଙ୍କ ମୁଖରେ ନାଟ୍ୟକାର ସାଧାରଣ ସଂଳାପ ନଦେଇ ବିପ୍ଳବୀ ଓ କ୍ରୋଧମିଶା ଉତ୍‌କ୍ଷିପ୍ତ ସଂଳାପ ବ୍ୟବହାର କରିଛନ୍ତି । ନାଟ୍ୟକାରଙ୍କ ଭାଷାରେ– "ଅଜୟ– ହଁ ହଁ... ସେଇ ନକ୍ସଲ ନେତା ଅଜୟ ମାରାଣ୍ଡି । ଯିଏ ଆନିହିଲେସନ୍‌ରେ ବିଶ୍ୱାସ କରେ । ଶ୍ରେଣୀଶତ୍ରୁର ବିନାଶ... ନହେଲେ ଆତ୍ମତ୍ୟାଗ... ମୃତ୍ୟୁ... । ଢ଼େର୍ ସହିଲେଣି ବଣମୁଲକର ଆଦିବାସୀ... ଭିଟାମାଟି ଗଲା... ଜମିଜମା ଗଲା... ଜଙ୍ଗଲ ଲୁଟ୍ ହେଲା ଅଫିସର୍ ପୁଞ୍ଜିପତିମାନଙ୍କ ଚକ୍ରାନ୍ତରେ... କେମିତି... କେମିତି ବଞ୍ଚିବେ ସେମାନେ... ଆଃ... ଜାଣିଚି ମୋ ମୁଣ୍ଡର ମୂଲ୍ୟ ଦଶ ଲକ୍ଷ ଟଙ୍କା... ଧରେଇ ଦିଅ ମୋତେ... ଆରେ ନିଅ... ପୁଞ୍ଜିର ଦଲାଲ ସବୁ... ମାଟି ମା'ର ଦୁସମନ ସବୁ... ।" (କୋକୁଆ, ବିଜୟ କୁମାର ଶତପଥୀ, ପୃ- ୨୧-୨୨) । ଶ୍ୟାମାନନ୍ଦ ଚରିତ୍ର ରୂପାୟନ କରିବା ସମୟରେ ବୌଦ୍ଧିକ ଓ ସଚେତନଧର୍ମୀ ସଂଳାପ ପ୍ରୟୋଗ କରିଛନ୍ତି ନାଟ୍ୟକାର । ଯେପରି– "ଶ୍ୟାମାନନ୍ଦ– ବୁଝିଲ ଅଜୟ, କେବଳ ବିପ୍ଳବ, ପ୍ରତି ବିପ୍ଳବ... ଏ ସବୁ ସମସ୍ୟାର ସମାଧାନ ଆଣେନା । ତା'ସହିତ ଆବଶ୍ୟକ ପୁନର୍ଗଠନ । ଚିତ୍ତବୃତ୍ତିରେ ପରିବର୍ତ୍ତନ ସବୁଠାରୁ ବଡ଼ କଥା । ତମେ ତ ଏଜୁକେଟେଡ୍ ଅଜୟ । ଲକ୍ଷ୍ୟ କରିଥିବ, ପୃଥିବୀକୁ ସମୟକ୍ରମେ ଆସିଛି ଅନେକ ବାଦ, ବିସମ୍ବାଦ... ମଣିଷର କାନରେ ସେସବୁ ଫୁଙ୍କିଛନ୍ତି କେତେ ମନ୍ତ୍ର.... କେତେ ତତ୍ତ୍ୱ... କିନ୍ତୁ, ସବୁ ବିଫଳ ହେଇଚି । ମଣିଷର ଚିତ୍ତ ପରିବର୍ତ୍ତନ ସମ୍ଭବ ହେଇନି । ବଢ଼ିଚି ପାର୍ଥକ୍ୟର ପ୍ରାଚୀର । ଧର୍ମ ନାଁରେ, ସମ୍ପ୍ରଦାୟ ନାଁରେ, ମତବାଦ ନାଁରେ ଲାଗି ରହିଛି ହତ୍ୟା, ରକ୍ତପାତର ବିଭୀଷିକା । ମୋର ଅଭିଯାନ ସେହି ମାନବିକ ଚିତ୍ତବୃତ୍ତିର ପରିବର୍ତ୍ତନ ପାଇଁ । ଏହାହିଁ ସମୟର ଆହ୍ୱାନ ।" (କୋକୁଆ, ବିଜୟ କୁମାର ଶତପଥୀ, ପୃ- ୩୩) ।

ନାଟ୍ୟକାର ଶତପଥୀ 'କୋକୁଆ' ନାଟକରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମୁଦାୟ ଦୁଇଟି ସଙ୍ଗୀତ ସଂଯୋଗ କରିଛନ୍ତି । ଶୀର୍ଷକ ସଙ୍ଗୀତ– "ଅନ୍ଧାର ଆସେ ରେ ମାଡ଼ି, ଚଉଦିଗେ କାଳରଡ଼ି" ନାଟକର ଆରମ୍ଭ ଓ ଶେଷରେ ଉଭୟ ନାରୀ ଓ ପୁରୁଷର ମିଳିତ କଣ୍ଠରେ ସଂଯୋଜିତ କରାଯାଇଛି । ଦ୍ୱିତୀୟ ସଙ୍ଗୀତ– "ମାଟି ଆମର ମା' ରେ, ମାଟି ଆମର ମା', ଯୁଗ ଯୁଗ ଧରି ପୂଜା ପାଉଛେ, ସବୁରି ଘର ଆମ ଗାଁରେ" ଆଦିବାସୀମାନଙ୍କର ସମ୍ମିଳିତ ନୃତ୍ୟ ସମୟରେ ସମୂହ ସ୍ୱରରେ ଏହି ସଙ୍ଗୀତ ଦିଆଯାଇଛି ।

ନାଟ୍ୟକାର ବିଜୟ କୁମାର ଶତପଥୀ 'କୋକୁଆ' ନାଟକରେ ଆଧୁନିକ ମଞ୍ଚଶିଳ୍ପର ବ୍ୟବହାର କରିଛନ୍ତି । ସ୍କ୍ରିନ୍ ଅପସାରିତ ହେବା ପୂର୍ବରୁ ଅନ୍ତରାଳରୁ ସାରଳା ମହାଭାରତର କୋକୁଆ ରୂପକଳ୍ପ ସମ୍ପର୍କରେ ଘୋଷଣା ହୋଇଛି । ଏହି ଘୋଷଣାରେ ସାରଳା ମହାଭାରତ ବର୍ଣ୍ଣିତ 'କୋକୁଆ' ଉପାଖ୍ୟାନ ସାମ୍ପ୍ରତିକ ସମାଜଜୀବନରେ ସୃଷ୍ଟ ସନ୍ଦେହ, ଅବିଶ୍ୱାସ, ହତ୍ୟା ଓ ବିଭୀଷିକାର ପ୍ରତୀକାତ୍ମକ ଚିତ୍ର ଯାହା ଡାକି ଆଣିଥିଲା ଏକ କାଳାନ୍ତରକୁ । ଏହା କିପରି ଆଦିବାସୀ ପଲ୍ଲୀ ଧମାଗୁଡ଼ାରେ ତାଣ୍ଡବ ରଚିଥିଲା ଚରିତ୍ର ଶ୍ୟାମାନନ୍ଦ, ଦାମମାଝୀ, ଶିବୁମାଝୀ, ଅଜୟ ମାରାଣ୍ଡି, ହରେକୃଷ୍ଣ ଗୌନ୍ତିଆ, ଅତନୁ ଆଦି ମାଧମରେ ନାଟ୍ୟକାର ପରିବେଷଣ କରିଛନ୍ତି । ଘୋଷଣା ପରେ ବାଦ୍ୟଯନ୍ତ୍ରରେ ଆତଙ୍କ ଓ ବିଭୀଷିକାର ରାଗିଣୀ । ପରଦା ଅପସାରିତ ହୋଇସାରିବା ପରେମଞ୍ଚରେ ଖଞ୍ଜା ଯାଇଥିବା ନାନା ପ୍ରକାର ଆଧୁନିକ ଆଲୋକର ଘୂର୍ଣ୍ଣନ ଏବଂ ଏହି

ଆଲୋକର ଘୂର୍ଣ୍ଣନ ଦ୍ୱାରା ପ୍ରତିବିମ୍ବିତ କଳା ଛାଇର ନୃତ୍ୟକ୍ରୀଡ଼ାର ଦୃଶ୍ୟ ଦର୍ଶକମାନଙ୍କୁ ଦେଖାଇ ଦିଆଯାଇଛି । ସେହିପରି ଅଜୟ ଓ ମନିକାର ପ୍ରେମ ପ୍ରସଙ୍ଗକୁ ନାଟ୍ୟକାର ଏଠାରେ ଉତ୍‌ଥାପନ କରିଛନ୍ତି । ପରିବେଶକୁ ରୋମାଣ୍ଟିକ୍ କରିବା ପାଇଁ ନାଟ୍ୟକାର ଏଠାରେ ଆଦିବାସୀ ନୃତ୍ୟସଙ୍ଗୀତର ଅବତାରଣା କରିଛନ୍ତି । ମାଦଳ ସହ ସଙ୍ଗୀତର ସ୍ୱରଝଙ୍କାର ମନ ମତାଣିଆ ଭାବରେ ପରିବେଶକୁ ଆଛନ୍ନ କରି ରଖିଛି । ଆଦିବାସୀମାନଙ୍କର ସମ୍ମିଳିତ ନୃତ୍ୟଗୀତରେ ପ୍ରେମୀଯୁଗଳ ଅଜୟ ଓ ମନିକାର ଯୋଗଦାନ ଦୃଶ୍ୟ ଦର୍ଶକ ମନକୁ ଆନନ୍ଦିତ କରିଛି । ନାଟକର ଅନ୍ୟ ସବୁ ଦୃଶ୍ୟ ବିଶେଷକରି ଶ୍ୟାମାନନ୍ଦଙ୍କ ଆଶ୍ରମିକ ପରିବେଶର ଦୃଶ୍ୟ, ଜଙ୍ଗଲ ପରିବେଶ ଓ ନକ୍ସଲ କ୍ୟାମ୍ପର ଦୃଶ୍ୟ, ପାହାଡ଼ି ଝରଣାର ପରିବେଶ, ପୋଲିସ୍ ଓ ନକ୍ସଲମାନଙ୍କ ମଧ୍ୟରେ ସଂଘର୍ଷର ଦୃଶ୍ୟ, ବିସ୍ଥାପିତ ଆଦିବାସୀମାନଙ୍କ ପରିବେଶର ଦୃଶ୍ୟ, ପୁରାଣର କୋକୁଆ ରୂପକଳ୍ପ ପ୍ରସଙ୍ଗ ଆଣିବା ସମୟରେ ବର୍ଣ୍ଣିତ ପରିବେଶ ଆଦିର ଦୃଶ୍ୟରେ ନାଟ୍ୟକାର ଖୁବ୍ କୌଶଳ ଦେଖାଇଛନ୍ତି । ସେହିପରି ଚରିତ୍ରମାନଙ୍କୁ ପରିବେଶ ଅନୁଯାୟୀ ପ୍ରସଙ୍ଗାନୁକୂଳ ପୋଷାକ ପିନ୍ଧାଇବା ପାଇଁ ନାଟ୍ୟକାର ଅଧ୍ୟବସାୟ କରିଛନ୍ତି ।

ସାମ୍ପ୍ରତିକ ସମାଜ ସମସ୍ୟା ବହୁଳ । ଏହି ସମସ୍ୟା ଆଦିବାସୀ ସମାଜର ପ୍ରଗତି ଓ ବିକାଶରେ ଅଧିକ ପ୍ରତିବନ୍ଧକ ସାଜିଛି । ସମାଜର ପୁଞ୍ଜିଲାଲମାନଙ୍କ ଅତ୍ୟାଚାରରୁ ଆଦିବାସୀମାନେ ନିଜକୁ ରକ୍ଷା କରିପାରୁ ନାହାଁନ୍ତି । ଶୋଷଣ ଓ କଷଣର ମାନସିକ ଚିନ୍ତା ତାକୁ ପଙ୍ଗୁ କରିଛି । ପ୍ରତି ମୁହୂର୍ତ୍ତରେ ସେ ବଞ୍ଚିବା ପାଇଁ ସଂଘର୍ଷ କରୁଛି । ଜୀବନକୁ ଅନ୍ୱେଷଣ କରୁଛି । ଜୀଅଁନ୍ତା ଅବସ୍ଥାରେ ଘାତକ ଜୀବନକୁ ପାଇ ସମାଜର ମାନଦଣ୍ଡ ସହ ସମୀକରଣ କରିଛି । ପୁଣି ମନରେ ବଞ୍ଚିବାର ଆଶା ସଞ୍ଚୟ କରି ଜୀବନର ମାର୍ଗ ବଦଳାଇ ଦେଇଛି । ବାଧ୍ୟ ହୋଇ ସେ ତା'ର ସରଳ ଜୀବନଧାରାକୁ ଜଟିଳତା ଭିତରକୁ ନେଇଯାଇଛି । ଅହିଂସା ପଥ ପରିତ୍ୟାଗ କରି ହିଂସା ପଥର ଯାତ୍ରୀ ହୋଇଛି । କୌଣସି ଆଦର୍ଶବାଦୀ ମଣିଷର ମାର୍ଗଦର୍ଶନ ଦ୍ୱାରା ପ୍ରଭାବିତ ହୋଇ ତା'ର ଚେତନାର ରୂପାନ୍ତରଣ ଘଟିଛି । ହିଂସା କୌଣସି ସମସ୍ୟାର ସମାଧାନ ଆଣେ ନାହିଁ ବୋଲି ମନେ ବିଚାରିଛି । ସମସ୍ୟାର ସମାଧାନ ପାଇଁ ଚେତନାର ରୂପାନ୍ତରଣ ଏକମାତ୍ର ମହୌଷଧି ବୋଲି ମନେ ବିଚାର କରି ତା'ର ଚିରନ୍ତନ ତାକୁ ସାର୍ବକାଳିକ କରିଛି । ମାନସିକତା ବଦଳି ଯାଇଛି । ବଦଳି ଯାଇଛି ଜୀବନ ବଞ୍ଚିବାର ପନ୍ଥା ।

**ସହାୟକ ଗ୍ରନ୍ଥସୂଚୀ :**

୧. ସାହୁ, ନାରାୟଣ, ସ୍ୱାଧୀନତୋତ୍ତର ଓଡ଼ିଆ ନାଟକ ଓ ଅନ୍ୟ ପ୍ରସଙ୍ଗ, ସତ୍ୟ ନାରାୟଣ ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, ୨୦୧୭ ।

୨. ଦାସ, ହେମନ୍ତ କୁମାର, ଓଡ଼ିଆ ନାଟକର ଐତିହାସିକ ବିବର୍ତ୍ତନ (ପ୍ରଥମ ଭାଗ), ଏସ୍.ବି. ପବ୍ଲିକେଶନ୍ସ, ବିନୋଦ ବିହାରୀ, କଟକ, ୨୦୦୩ ।

❖ ❖ ❖

DOI : https://doi.org/10.5281/zenodo.12789783 ମୂଳ ପ୍ରବନ୍ଧ

# ଝାରଖଣ୍ଡର ମୁଣ୍ଡା ଜନଜାତି

**ବିଦ୍ୟାଧର ରାଉତ**

ମୁଣ୍ଡା ଜନଜାତି, ଯାହାର ଅନ୍ୟନାମ 'ହୋଡ଼ୋକୋ' ବା 'କୋଲ୍' ଭାବରେ ମଧ୍ୟ ଗୃହିତ । ଏହି ଜନଜାତି ଭାରତର ପାଖାପାଖି ସବୁ ଜାଗାରେ ଦୃଷ୍ଟିଗୋଚର ହୋଇଥାନ୍ତି କିନ୍ତୁ ଝାରଖଣ୍ଡରେ ଏମାନଙ୍କର ଜନସଂଖ୍ୟା ସବୁଠାରୁ ଅଧିକ ଅଟେ । ମୁଣ୍ଡା ଜନଜାତି ଝାରଖଣ୍ଡର ଜନସଂଖ୍ୟା ଦୃଷ୍ଟିରୁ ତୃତୀୟ ବଡ଼ ଜନଜାତି ଅଟେ । ଏହି ଜନଜାତିଙ୍କ ମୁଖ୍ୟ ପେଶା କୃଷି ଅଟେ, ତେଣୁ ଏହାଙ୍କୁ କୃଷକ ଜନଜାତି ମଧ୍ୟ କୁହାଯାଏ । ୨୦୧୧ ଜନଗଣନା ଅନୁସାରେ ଝାରଖଣ୍ଡରେ ଏହି ଜନଜାତିର ମୋଟ ଜନସଂଖ୍ୟା ୧୨,୨୯,୨୨୧ । ମୁଣ୍ଡା ଜନଜାତିର ଉତ୍ପତ୍ତି, ଆଗମନ, ବାସସ୍ଥାନ ସମ୍ବନ୍ଧରେ ବହୁ ଐତିହାସିକ କିମ୍ବଦନ୍ତୀ ଦୃଷ୍ଟିଗୋଚର ହୁଏ, ଏକ ପରମ୍ପରା ଅନୁସାରେ ମୁଣ୍ଡା ଜନଜାତି ଛୋଟନାଗପୁରରେ ଆସି ବସବାସ କରିବାରେ ପ୍ରଥମ ଜନଜାତି ଥିଲେ । ଏମାନଙ୍କର ସମ୍ବନ୍ଧ ମହାନ 'କୋଲେରିୟାନ୍ ପ୍ରଜାତି' ସହିତ ଥିଲା । ଛୋଟନାଗପୁର ପ୍ରବେଶ ପରେ ମୁଣ୍ଡାମାନେ ବିଭାଜିତ ହୋଇ ଅଲଗା ଅଲଗା ଜନଜାତିର ନିର୍ମାଣ କଲେ । ମୁଣ୍ଡାମାନଙ୍କ ଆଗମନ ପରେ ଛୋଟନାଗପୁର ଅଞ୍ଚଳ କୃଷି ସଭ୍ୟତା ଏବଂ ଗ୍ରାମୀଣ ସଂସ୍କୃତିର ବିକାଶ ହେବା ସହିତ ଜଙ୍ଗଲକୁ ସଫାସୁତରା କରି କୃଷି ଉପଯୋଗ ଭୂମି ଏବଂ ଗୋଟିଏ ଗୋଟିଏ ଗ୍ରାମର ସ୍ଥାପନା କରାଗଲା । ନିଜ ଦ୍ୱାରା ଜଙ୍ଗଲ ସଫାକରି ତିଆରି କରାଯାଇଥିବା କ୍ଷେତକୁ ମୁଣ୍ଡା ଲୋକମାନେ 'ଖୁଣ୍ଟକଟୀ ହାତୁ' କହୁଥିଲେ । ମୁଣ୍ଡା ସଭ୍ୟତାର ଆରମ୍ଭରେ 'ଗ୍ରାମର ପ୍ରଧାନ' ତଥା 'ପାହାନ' ପଦର ଆୟଆରମ୍ଭ କରାଯାଇଥିଲା । ପ୍ରଥମେ ଦୁଇ ଆରମ୍ଭିକ ଗାଁର ପଦାଧିକାରୀ ହୋଇ ପାରମ୍ପରିକ ଗ୍ରାମ ପଞ୍ଚାୟତ ସଂଗଠନର ନିର୍ମାଣ କରାଗଲା । ସମସ୍ତ ଗାଁର ମୁଖିଆ ମିଳିତ ହୋଇ 'ଅନ୍ତର ଗ୍ରାମ ପ୍ରଧାନ'ର ସ୍ଥାପନା କରାଗଲା ମୁଣ୍ଡାମାନେ ଗାଁରେ ଭାଇ ଭାଇ ହୋଇ ଚଳୁଥିଲେ, ତେଣୁ ଏମାନଙ୍କ ମଧ୍ୟରେ ଏକତା ତଥା ନିଜର ସମସ୍ୟାର ସମାଧାନ ପାଇଁ ଅନ୍ତର ଗ୍ରାମ ପଞ୍ଚାୟତ ସଂଗଠନର ବିକାଶ କରାଯାଇଥିଲା । ମୁଣ୍ଡା ଜନଜାତି ନିଜର 'ଗ୍ରାମ ପ୍ରଧାନ'ଙ୍କୁ 'ମୁଣ୍ଡା' ଏବଂ 'ଅନ୍ତର ଗ୍ରାମ ପ୍ରଧାନ'ଙ୍କୁ 'ମାନକୀ ମୁଣ୍ଡା' କହୁଥିଲେ ।

ଅନ୍ୟଏକ ପରମ୍ପରା ଅନୁସାରେ 'ରିସା ମୁଣ୍ଡା'ଙ୍କ ନେତୃତ୍ୱରେ ୨୧,୦୦୦ ରୁ ଅଧିକ ମୁଣ୍ଡା ରୋହତାସଗଡ଼ରୁ ସୋନ ନଦୀ ପାରି ହୋଇ ଛୋଟନାଗପୁରରେ ପ୍ରବେଶ କରିଥିଲେ । 'ସୁତିୟା ମୁଣ୍ଡା' ଏମାନଙ୍କର ମୁଖିଆ ଥିଲେ । 'ସୁତିଆମ୍ବେ' ଗ୍ରାମ ମୁଣ୍ଡା ରାଜ୍ୟର ରାଜଧାନୀ ହୋଇଥିଲା । ଏଠାରେ 'ମଦିରା ମୁଣ୍ଡା'ଙ୍କ ପୁତ୍ର 'ଫଣିମୁକୁଟ ରାୟ'ଙ୍କ ଦ୍ୱାରା 'ନାଗବଂଶ'ର ସ୍ଥାପନା କରାଗଲା । ସେ ପ୍ରଥମେ ନାଗବଂଶୀ ରାଜା ଥିଲେ । ସମସ୍ତ ଗାଁର ମୁଣ୍ଡା ରାଜାଙ୍କ ରାଜସ୍ୱ ଖର୍ଚ୍ଚ ପାଇଁ କିଛି କିଛି ଖାଦ୍ୟଶସ୍ୟ ଦେଉଥିଲେ । ସେହି ଖାଦ୍ୟଶସ୍ୟକୁ ଗ୍ରାମବାସି ଗ୍ରାମ ପ୍ରଧାନଙ୍କ ପାଖରେ ତଥା ସମସ୍ତ ଗ୍ରାମ ପ୍ରଧାନ ଅନ୍ତର

**ଯୋଗାଯୋଗ :**
ଡ. ବିଦ୍ୟାଧର ରାଉତ, ଗବେଷକ
ନିଆଳୀ, କଟକ (ଓଡ଼ିଶା)
E-Mail ID: bidyadharrout044@gmail.com
ORCID ID: -https://orcid.org/0009-0000-6439-2101

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୧.୫.୨୦୨୪ | ୧୬.୬.୨୦୨୪ | ୨୩.୬.୨୦୨୪ | ୧.୭.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ରାଉତ, ବିଦ୍ୟାଧର., ୨୦୨୪ । **ଝାରଖଣ୍ଡର ମୁଣ୍ଡା ଜନଜାତି** । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଘ, ପୃଷ୍ଠା :୨୯-୩୪ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI:https://doi.org/10.5281/zenodo.12789783
Article No - BPPP00208

ଗ୍ରାମ ପ୍ରଧାନ ମାନକୀ ମୁଣ୍ଡାଙ୍କ ପାଖରେ ପହଞ୍ଚାଉଥିଲେ । ମାନକୀମୁଣ୍ଡା ଏହି ଖାଦ୍ୟଶସ୍ୟକୁ ରାଜସ୍ୱ କର ବା ଖଜଣା ହିସାବରେ ରାଜକୋଷରେ ଜମା କରୁଥିଲେ । ଯେତେବେଳେ ସମସ୍ତ ଗ୍ରାମ ଖଜଣା ଜମା କରିସାରୁଥିଲେ ସେତେବେଳେ ରାଜାଙ୍କ ଦ୍ୱାରା 'ପ୍ରଜା ମିଳନ ସମାରୋହର' ଆୟୋଜନ କରାଯାଉଥିଲା । ସମସ୍ତ ଗାଁର ପ୍ରଧାନ ମୁଣ୍ଡା, ପାହାନ, ମାନକୀ ମୁଣ୍ଡା ତଥା ଅନ୍ୟ ଜନସାଧାରଣ ଏହି ସମାରୋହରେ ଭାଗ ନେଉଥିଲେ । ସମାରୋହରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ନୃତ୍ୟ, ସଂଗୀତ ଓ ମେଳାର ଆୟୋଜନ କରାଯାଉଥିଲା । ଏହି ପ୍ରଖଣ୍ଡରେ 'ଫଣିମୁକୁଟ ରାୟ'ଙ୍କ ପରେ ବହୁ ନାଗବଂଶୀ ରାଜା ଶାସନ କଲେ । ଶାସକମାନଙ୍କ ଦ୍ୱାରା ରାଜ୍ୟର ରାଜଧାନୀକୁ ବହୁଜାଗା ସ୍ଥାନାନ୍ତରଣ କରାଯାଉଥିଲା । ମୋଗଲ ଶାସନ କାଳରେ ନାଗବଂଶୀ ରାଜାଙ୍କ ଉପରେ ରାଜସ୍ୱ କରର ଭାର ଲଦି ଦିଆଗଲା । କର ନ ଦେବା କାରଣରୁ ତାଙ୍କୁ ୧୨ ବର୍ଷ ପର୍ଯ୍ୟନ୍ତ ଜେଲ୍‌ରେ ରଖିବାକୁ ପଡ଼ିଲା । ଜେଲ୍‌ରୁ ମୁକ୍ତି ହେବା ପରେ ରାଜା 'ଦର୍ପନାଥ ଶାହୀ' ନିଜପାଇଁ ଏକ ବିଶାଳ ମହଲ ନିର୍ମାଣ କଲେ । ଜନଜାତିମାନଙ୍କୁ ଏହି ମହଲରେ ଆଶ୍ରୟ ଦେଲେ ଓ ସେମାନଙ୍କୁ ରହିବାପାଇଁ ଜମି ମଧ୍ୟ ପ୍ରଦାନ କଲେ । ବ୍ରିଟିଶ୍ ଶାସନ କାଳରେ ରାଜାଙ୍କୁ ଜମିଦାର ପଦରେ ରଖାଗଲା । ସେମାନଙ୍କୁ ପ୍ରଜାଙ୍କଠାରୁ ଖଜଣା ଆଦାୟ କରିବା ଦାୟିତ୍ୱ ପ୍ରଦାନ କରାଗଲା । କର ବା ରାଜସ୍ୱ ଖଜଣା ଦେଇପାରୁ ନଥିବା ଜନଜାତିଙ୍କ ଜମିକୁ ନିଲାମ କରି ଦିଆଯାଉଥିଲା । ଜମିଦାର ବଂଶ ରୂପେ ରାଜାଙ୍କ ବଂଶଜ ଆହୁରି ଆକ୍ରାମକ ହୋଇଗଲେ । ଶାସକଙ୍କ ଦ୍ୱାରା ରଇତମାନଙ୍କୁ ବହୁ ଅତ୍ୟାଚାର ତଥା ଶୋଷଣ କରାଯାଉଥିଲା ।

ବ୍ରିଟିଶ୍ ଶାସନ, ଜମିଦାର, ଦିକୁ (ଅଣ ଆଦିବାସୀ)ଙ୍କ ବିରୁଦ୍ଧରେ ମୁଣ୍ଡା ଜନଜାତି 'ଲଢ଼ିଇ ଖୁନୀ' ଆନ୍ଦୋଳନ ଚଳାଇଲେ । ଏହି ଆନ୍ଦୋଳନରେ ବହୁତ ମୁଣ୍ଡା ସୁପୁତ୍ର ସହୀଦ୍ ହେଲେ । ମୁଣ୍ଡା ଆନ୍ଦୋଳନକୁ ତୋପ ବନ୍ଧୁକର ବଳରେ ଶାନ୍ତ କରି ଦିଆଗଲା । ବିଭିନ୍ନ ନିୟମ ତିଆରି କରି ଛୋଟନାଗପୁରକୁ ସାମାନ୍ୟ ନ୍ୟାୟାଳୟ କ୍ଷେତ୍ରଠାରୁ ଅଲଗା କରିଦିଆଯାଇ ସ୍ୱତନ୍ତ୍ର ନିୟମ ଜାରି କରାଯାଇଥିଲା । ବ୍ରିଟିଶ୍ ଶାସନ କାଳରେ ଇସାଇ ମିଶନାରୀମାନଙ୍କ ପ୍ରବେଶ ଛୋଟନାଗପୁର ହୋଇଥିଲା । ସେମାନେ ମୁଣ୍ଡା ଜନଜାତିଙ୍କ ଧର୍ମ ପରିବର୍ତ୍ତନ କରି ସେମାନଙ୍କୁ ଇସାଇ ଧର୍ମରେ ଦୀକ୍ଷିତ କରାଇଲେ । ମୁଣ୍ଡା ଅଞ୍ଚଳରେ ମିଶନାରୀ ସ୍କୁଲ୍, ହସ୍ପିଟାଲ, କୋଅପରେଟିଭ୍ ସୋସାଇଟି, ଟେକ୍ନିକ୍ ସ୍କୁଲ୍ ଇତ୍ୟାଦିର ସ୍ଥାପନା କରାଗଲା । ଏହି କାର୍ଯ୍ୟ ପାଇଁ ଜରୁରୀ ପଡୁଥିବା ଜାଗା ମୁଣ୍ଡାଙ୍କ ଠାରୁ ହଡ଼ପ କରାଯାଇଥିଲା । ଜମି ସହିତ ସେମାନଙ୍କୁ ମଧ୍ୟ ଇସାଇ କରାଯାଇଥିଲା । ଇସାଇ ଓ ଇଂରେଜଙ୍କ ବିରୁଦ୍ଧରେ ଲଢ଼ିବାପାଇଁ ମୁଣ୍ଡା ଜନଜାତିଙ୍କ ଭଗବାନ 'ବିରସା ମୁଣ୍ଡା'ଙ୍କ ଜନ୍ମ ହେଲା । ବିରସା ମୁଣ୍ଡାଙ୍କ ଅନୁସାରେ ଇଂରେଜ ଓ ଇସାଇ ଉଭୟ ଏକ ଅଟେ । ଉଭୟଙ୍କ ମୁଖ୍ୟ କାମ ସାଧାରଣ ଗରିବ ମୁଣ୍ଡା ଜନଜାତିଙ୍କ ଜମି ଛଡ଼ାଇନେବା ତଥା ଧର୍ମାନ୍ତରଣ ଦ୍ୱାରା ସେମାନଙ୍କୁ ଅପବିତ୍ର କରିଦେବା । ବିରସା ମୁଣ୍ଡାଙ୍କ ଦ୍ୱାରା ପୁନଃ ଆନ୍ଦୋଳନକୁ ଜାଗରଣ କରାଗଲା ଓ ତାଙ୍କ ଦ୍ୱାରା ବିରସା ଧର୍ମ ବି ପ୍ରଚାର କରାଗଲା । ତାଙ୍କ ଧର୍ମ ଅନୁସାରେ ଅଶୁଦ୍ଧ ଇସାଇମାନଙ୍କ ବିରୁଦ୍ଧରେ ଆନ୍ଦୋଳନ ଆରମ୍ଭ କରାଗଲା । ଏହି ଯୁଦ୍ଧରେ ଇସାଇ ମିଶନାରୀଙ୍କ ଦ୍ୱାରା ବିରସାଙ୍କୁ ଗିରଫ କରାଗଲା । ଜେଲ୍‌ରେ ତାଙ୍କର ମୃତ୍ୟୁ ଘଟିଲା କିନ୍ତୁ ଏହି ଆନ୍ଦୋଳନ ଫଳ ସ୍ୱରୂପ ଛୋଟନାଗପୁର ଅଧିନିୟମ ୧୯୦୫ ପ୍ରକାଶରେ ଆସିଲା । ଖୁଣ୍ଟୀ, ଗୁଲ୍‌ଲା, ସିମ୍‌ଡେଗୋ ସବଡ଼ିଭିଜନ ରୂପେ ବିଭକ୍ତ କରାଯାଇ ମୁଣ୍ଡା ଜନଜାତିଙ୍କର ଜମିର ସମସ୍ତ ରେକର୍ଡ଼ ତିଆରି କରାଗଲା । ଏହିପରି ଛୋଟନାଗପୁରର ଇତିହାସ ମୁଣ୍ଡା ଜନଜାତିର ଇତିହାସ ସହିତ ଯୋଡ଼ିହୋଇ ରହିଛି ।

ଝାରଖଣ୍ଡରେ ମୁଣ୍ଡା ଜନଜାତିଙ୍କର ପ୍ରମୁଖ ନିବାସସ୍ଥାନ ରାଞ୍ଚି, ଖୁଣ୍ଟି, ସିମ୍‌ଡ଼େଗା, ପଶ୍ଚିମ ସିଂହଭୂମ, ସରାଇକେଲା ଖରସାଂବା, ଗୁମ୍‌ଲା, ରାମଗଡ଼, ପୂର୍ବୀ ସିଂହଭୂମ ଜିଲ୍ଲା ଅଟେ । ଏହା ବ୍ୟତୀତ ଏମାନେ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ କିଛି କିଛି ଜନସଂଖ୍ୟା ଦେଖିବାକୁ ମିଳେ । ଭାରତ ଭୂମିରେ ପ୍ରଥମେ 'ନାଗ୍ରିଟସ୍' ଓ ତାପରେ 'ପ୍ରୋଟୋଷ୍ଟ୍ରେଲାୟଡ୍ ପ୍ରଜାତି' ସମୂହଙ୍କର ଆଗମନ ହୋଇଥିଲା । ଆଫ୍ରିକାର ହଣ୍ଟର ଗ୍ରୁପ୍ ପଚାଶ ହଜାର ବର୍ଷ ପୂର୍ବରୁ ସାଉଥ୍ ଇଷ୍ଟ ଏସିଆର ଦେଶ ଭାରତ, ମିଆଁମାର, ଶ୍ରୀଲଙ୍କା ଦେଶରେ ବସବାସ କରିବାକୁ ଲାଗିଲେ । ପ୍ରାଚୀନ କାଳରେ ଭାରତର ଇଣ୍ଡସ୍ ଭେଲି ସିଭିଲାଇଜେସନରେ ମଧ୍ୟ ଏହି ପ୍ରୋଟୋଷ୍ଟେଲାୟଡ୍ ପ୍ରଜାତି ସମୂହରେ ରଖାଯାଇଛି । ଝାରଖଣ୍ଡର ଅନ୍ୟ ସମସ୍ତ ଅନୁସୂଚୀତ ଜନଜାତି ଏହି ପ୍ରଜାତି ସମୂହର ଅନ୍ତର୍ଭୂକ୍ତ ।

ମୁଣ୍ଡା ଜନଜାତିର ଲୋକମାନେ 'ଅଷ୍ଟ୍ରୋଏସିଆଟିକ୍' ବା 'ଅଷ୍ଟ୍ରିକ୍ ଭାଷା ପରିବାର'ର ବୋଲି କହିଥାନ୍ତି । ଏହି ଭାଷା ପରିବାରକୁ 'ନିଷାଦ ଭାଷା ପରିବାର' କୁହାଯାଏ । ଝାରଖଣ୍ଡ ରାଜ୍ୟରେ ଅଷ୍ଟ୍ରିକ ବା ଅଷ୍ଟ୍ରୋଏସିଆଟିକ୍ ମୁଣ୍ଡାରୀ ଭାଷା ପରିବାର ବୋଲି ୩୨ ପ୍ରକାର ଜନଜାତିରୁ ୨୮ ପ୍ରକାର ଜନଜାତି କହିଥାନ୍ତି । ଚାରୋଟି ଅନୁସୂଚୀତ ଜନଜାତି ଦ୍ରାବିଡ଼ ଭାଷାର ବୋଲିର ପ୍ରୟୋଗ କରନ୍ତି । ମୁଣ୍ଡା ଜନଜାତିର ମାତୃଭାଷାକୁ 'ମୁଣ୍ଡାରୀ'' କୁହାଯାଏ । ମୁଣ୍ଡାରୀ ଭାଷାକୁ 'ହୋଡୋଜଗର

ଭାଷା' ମଧ୍ୟ କୁହାଯାଏ । ମୁଣ୍ଡାରୀ ଭାଷା ଅତିରିକ୍ତ ଏମାନେ ସାଦ୍ରୀ, ସଦାନୀ, ନାଗପୁରୀ, ପଞ୍ଚପରଗନୀୟା ଏବଂ ହିନ୍ଦୀ ଭାଷା ମଧ୍ୟ କହିଥାନ୍ତି । କିଛି ଲୋକ ମଗହୀ ତଥା ଭୋଜପୁରୀ ଭାଷାର ପ୍ରୟୋଗ କରୁଥିବାର ଦେଖାଯାଏ । ମୁଣ୍ଡା ଜନଜାତିର ଭାଷାରେ ବହୁଭାଷିକତା ଓ ଭାଷିକ ବିବିଧତା ଦେଖାଯାଏ । ମୁଣ୍ଡାଲୋକ କେବଳ ସ୍ଥାନୀୟ ଭାଷାର ଜ୍ଞାନ ରଖିବା ସହିତ ଶିକ୍ଷିତ ମଧ୍ୟ ହୋଇଥାନ୍ତି । ସ୍କୁଲ କଲେଜରେ ଏମାନଙ୍କୁ ହିନ୍ଦୀ ତଥା ଇଂରାଜୀ ପଢ଼ାଯାଇଥାଏ । କିଛି ଅଶିକ୍ଷିତ ଲୋକମାନେ ଶିକ୍ଷିତ ଲୋକର ସଂପର୍କରେ ଆସି ହିନ୍ଦୀ କହିବା ଶିଖିଛନ୍ତି । ମୁଣ୍ଡା ଜନଜାତିର ଲୋକ ବିଭିନ୍ନ ଆୟୁ, ଲିଙ୍ଗ, ଜାତି ତଥା ପେଶା ସମୂହ ପାଇଁ ଅଲଗା ଅଲଗା ଭାଷାର ପ୍ରୟୋଗ କରୁଥିବାର ଦେଖିବାକୁ ମିଳେ । ମୁଣ୍ଡା ଜନଜାତିର ଜନସଂଖ୍ୟା ବର୍ତ୍ତମାନ ସହର ଏବଂ ଗାଁରେ ବସବାସ କରଛନ୍ତି । ଅଧିକାଂଶ ଜନସଂଖ୍ୟା ଏବେ ଗାଁରେ ବସବାସ କରନ୍ତି । ଦେଶ ସ୍ୱାଧିନ ହେବାର ଏତେ ବର୍ଷ ପରେ ମଧ୍ୟ ମୁଣ୍ଡା ଜନଜାତିର ଜନସଂଖ୍ୟା ଶିକ୍ଷିତ ଓ ଅଶିକ୍ଷିତ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଶିକ୍ଷିତ ଲୋକମାନେ ଛୋଟମୋଟ ବ୍ୟବସାୟ ଏବଂ ସରକାରୀ ଚାକିରୀ କରି ନିଜର ଜୀବିକା ଅର୍ଜନ କରୁଛନ୍ତି । ସହରୀ, ଗ୍ରାମୀଣ ତଥା ଶିକ୍ଷିତ ଅଶିକ୍ଷିତ ବିଭାଜନ କାରଣରୁ ଏମାନଙ୍କର ଆଗମନ ସାଧନରେ ଭିନ୍ନତା ଦେଖାଯାଏ । ଗ୍ରାମୀଣ କ୍ଷେତ୍ରରେ ରହୁଥିବା ମୁଣ୍ଡାଙ୍କ ପାଖରେ କୌଣସି ଯାତାୟତ ସାଧନ ଦେଖାଯାଏ ନାହିଁ । କ୍ୱଚିତ୍ ପରିବାରରେ ସାଇକେଲ୍ ଦେଖିବାକୁ ମିଳେ । ଏମାନେ ସ୍ଥାନୀୟ ହାଟ, ବଜାର, ମେଳା, ବନ୍ଧୁବାନ୍ଧବଙ୍କ ଘରକୁ ପାଦରେ ଚାଲିଚାଲି ଯାଇଥାନ୍ତି । ଦୂର ଦୂରାନ୍ତର ଯିବା ଆସିବା ପାଇଁ ଏମାନେ ସରକାରୀ ତଥା ପ୍ରାଇଭେଟ୍ ବସର ଉପେଯାଗ କରନ୍ତି । କିଛି ଗାଁର ଲୋକମାନେ ନିକଟ ସ୍କୁଲ୍, ହସ୍ପିଟାଲରେ କାର୍ଯ୍ୟ କରିଥାନ୍ତି ଓ ସେମାନେ ଯିବା ଆସିବା ପାଇଁ ସାଇକେଲ୍ ତଥା ମୋଟର ସାଇକେଲ୍ ରଖିଥାନ୍ତି । ନଗରରେ ରହୁଥିବା କିଛି ମୁଣ୍ଡା ଜନଜାତି ପରିବାରଙ୍କ ପାଖରେ ସାଇକେଲ୍ ଓ ମୋଟର ସାଇକେଲ୍ ଦେଖରବାକୁ ମିଳେ । କିଛି ଉଚ୍ଚପଦସ୍ଥ ଚାକିରୀ କରୁଥିବା ଘରେ ମୁଲ୍ୟବାନ କାର ମଧ୍ୟ ଦେଖିବାକୁ ମିଳିଥାଏ ।

ମୁଣ୍ଡା ଜନଜାତିର ଲୋକମାନେ ଶାକାହାରୀ ଓ ମାଂସାହାରୀ ଉଭୟ ହୋଇଥାନ୍ତି । ସମସ୍ତ ଲୋକ ଶାକାହାରୀ ଓ ସମସ୍ତ ଲୋକ ମାଂସାହାରୀ ହୋଇଥାନ୍ତି କିନ୍ତୁ ଏମାନଙ୍କର ଦୈନିକ ଆହାର ଶାକାହାରୀ ହୋଇଥାଏ । ଯଦି ପ୍ରତିଦିନ ମାଂସର ଉପଲବ୍ଧ ହୋଇପାରେ ତେବେ ଏମାନେ ତାକୁ ମଧ୍ୟ ଗ୍ରହଣ କରିଥାନ୍ତି । ଗ୍ରାମୀଣ ମୁଣ୍ଡା ପରିବାରଙ୍କ ନିତ୍ୟ ଭୋଜନ ମାଡ଼୍, ଭାତ, ଡାଲି, କଟାଇ ଶାଗ, ଫୁଟ୍‌କଲ୍ ଶାଗ, ଆଲୁପତ୍ର ଶାଗ, ପିତା ଶାଗ, ହାଣ୍ଡିଆ, ମହୁଆ, ମାଣ୍ଡିଆ ରୁଟି, ବାଜରା ରୁଟି, ମକ୍କା ରୁଟି, କନ୍ଦମୂଳ ଝୋଳ, ମହୁଫେଣା ଝୋଳ ଇତ୍ୟାଦି ଖାଇଥାନ୍ତି । ଦିନକୁ ଏମାନେ ଦୁଇ ବା ତିନି ବକତ ଭୋଜନ କରନ୍ତି । ପର୍ବପର୍ବାଣି ଅବସରରେ ମୁଣ୍ଡାଙ୍କ ଘରେ ବିଶେଷ ଶାକାହାରୀ ଭୋଜନ ପ୍ରସ୍ତୁତ କରାଯାଏ । ଯେପରି ଚାଉଳ, ଗହମ, ମକା, ବାଜରାର ରୁଟି, ପରଟା, ପୁରୀ, ଛିଲ୍‌କା, ପିଠା, ଡୁସ୍‌କା, ବରା, ଶାଗ, ଡାଲି, ତରକାରୀ । ସାମାଜିକ ପୂଜା ପର୍ବାଣି ଅବସରରେ ପେଣ୍ଡି ଛେଳି, ମେଣ୍ଢା, କୁକୁଡ଼ା, ବତକର ବଳୀ ଚଢ଼ାଯାଏ ତଥା ବଳୀର ମାଂସ ସହିତ ଭାତ ମିଶାଇ ଖେଚୁଡ଼ି ପ୍ରସ୍ତୁତ କରି ତାକୁ ମହାପ୍ରସାଦ ରୂପେ ଗ୍ରହଣ କରିଥାନ୍ତି । ବର୍ଷା ଦିନେ ମାଛ, କଙ୍କଡ଼ା, କଇଁଚ, ବେଙ୍ଗ, ଗେଣ୍ଡା ଆଦି ଖାଇଥାନ୍ତି । ଘରକୁ ଅତିଥି ଆଗମନ ହେଲେ ତାଙ୍କୁ ମାଂସ ଭାତ ଖାଇବାକୁ ଦିଆଯାଏ । ବିନା ମାଂସରେ ଅତିଥି ସତ୍କାର ହୋଇନଥାଏ । ସରକାରୀ ଚାକିରୀ ତଥା ବ୍ୟାପାର ବଣିଜ କରୁଥିବା ମୁଣ୍ଡା ଜନଜାତି ପ୍ରତିଦିନ ମାଛ, ମାଂସ, ଶାଗ, ପରିବା, ତରକାରୀ ଖାଇଥା'ନ୍ତି । ଏହିପରି ଗ୍ରାମୀଣ ଓ ସହରୀ ମୁଣ୍ଡାମାନଙ୍କ ମଧ୍ୟରେ ଖାଦ୍ୟପେୟରେ ଭିନ୍ନତା ଦେଖାଯାଏ । ନିଜର ଭୋଜନ ପାଇଁ ଏମାନେ ଜଙ୍ଗଲରୁ ଶିକାର ମଧ୍ୟ କରିଥାନ୍ତି । ଶିକାରରେ ଏମାନେ ହରିଣ, ବାରାହା, ଜଙ୍ଗଲୀ ଘୁଷୁରୀ, ଠେକୁଆ, କୁଟୁରା, ମୂଷା, ବାଘଙ୍କୁ ମାରି ସେମାନଙ୍କ ମାଂସକୁ ଭୋଜନ ରୂପେ ଗ୍ରହଣ କରିଥାନ୍ତି ।

ମୁଣ୍ଡା ଜନଜାତିର ଅଧିକାଂଶ ଲୋକମାନଙ୍କର ମୁଖ୍ୟ ପେଶା କୃଷି ଅଟେ । ଏଥିପାଇଁ ମୁଣ୍ଡାଙ୍କୁ କୃଷକ ଜନଜାତି ମଧ୍ୟ କୁହାଯାଏ । ଏମାନେ କୃଷିରେ ଧାନ, ମାଣ୍ଡିଆ, ମକା, ବାଜରା, ସୁଆଁ, କୋଦୁଅ, ହରଡ଼ ଆଦି ଚାଷ କରନ୍ତି । ପାଖାପାଖି ସମସ୍ତ ପରିବାରଙ୍କ ପାଖରେ ନିଜର ପୁସ୍ତନୀ ଜମି ରହିଥାଏ, ଯାହାକୁ ଏମାନେ 'ଖୁଣ୍ଟକଟୀ ଭୂମି' ବି କୁହନ୍ତି । ଏହାଛଡ଼ା ମୁଣ୍ଡାମାନେ ଗାଈ, ବଳଦ, ମଇଁଷି, ଛେଳି, ମେଣ୍ଢା, କୁକୁଡ଼ା, ବତକ ପାଳନ କରନ୍ତି । ପଶୁମାନଙ୍କୁ ରଖିବା ପାଇଁ ଏମାନେ ଘରକୁ ଲାଗି ଗୁହାଳ ନିର୍ମାଣ କରିଥାନ୍ତି । ପଶୁ କୃଷି କାର୍ଯ୍ୟରେ ସାହାଯ୍ୟ କରିବା ସହିତ ଏମାନଙ୍କର ରୋଜଗାର ବଢ଼ାଇଥାନ୍ତି । ଜଙ୍ଗଲ ପାଖରେ ଥିବା ମୁଣ୍ଡାମାନେ ଜଙ୍ଗଲରୁ କନ୍ଦ, କନ୍ଦମୂଳ, ଫଳ, ଫୁଲ, ପତ୍ର, ପରିବା, ଶାଗ ଇତ୍ୟାଦି ସଂଗ୍ରହ କରନ୍ତି । ଜଙ୍ଗଲରୁ ଠେକୁଆ, ହରିଣ, ବେଙ୍ଗ, ବଗୁଲୀ, ତୀତିର୍, ବଟେର୍‌କୁ ଫାଶ ଦ୍ୱାରା ଫସାଇ ସେମାନଙ୍କ ମାଂସକୁ ଖାଇଥାନ୍ତି । ସ୍ଥାନୀୟ ନଦୀ, ନାଳ, ପୋଖରୀ, ଝରଣା, କୃଷି ଜମିରୁ ମାଛ, ବେଙ୍ଗ, କଙ୍କଡ଼ା, ଗେଣ୍ଡା, କଇଁଚ, ଶାମୁକା ଧରି ଖାଇଥାନ୍ତି । କୃଷି ଓ ଜଙ୍ଗଲ ମୁଣ୍ଡାମାନଙ୍କୁ ବାର୍ଷିକ ରୋଜଗାର ଦେଇପାରୁ ନଥିବାରୁ

ଏମାନେ ବ୍ୟବସାୟ ଓ ଦିନ ମଜୁରିଆ କାର୍ଯ୍ୟ କରୁଥିବାର ଦେଖାଯାଏ । ଦିନ ମଜୁରିଆ କାର୍ଯ୍ୟ କରିବା ପାଇଁ ଏମାନେ ରାଜ୍ୟ ବାହାରକୁ ମଧ୍ୟ ଯାଇଥାନ୍ତି । ଗାଁ ତଥା ସହରର କିଛି ମୁଣ୍ଡା ପରିବାରର ଲୋକମାନଙ୍କୁ ସରକାରୀ ଚାକିରୀ କରୁଥିବାର ଦେଖାଯାଏ । ଏମାନେ ନର୍ସ, ଶିକ୍ଷକ, ଧ୍ୟାଇ, କିରାଣୀ, ଚପରାସୀ, ଓକିଲ, କମ୍ପାଉଣ୍ଡର, ଡ଼ାକ୍ତର, ଇଞ୍ଜିନିୟର, ଲେକ୍‌ଚର ଆଦି ପଦରେ ଚାକିରୀ କରନ୍ତି । ଏହିପରି ମୁଣ୍ଡା ଜନଜାତିଙ୍କର ପେଶା ପାରମ୍ପରିକ ଓ ଆଧୁନିକ ଉଭୟ ହୋଇଥାଏ ।

ଗ୍ରାମୀଣ ପରିବେଶରେ ରହୁଥିବା ମୁଣ୍ଡା ଜନଜାତିଙ୍କ ବାସଗୃହ ଅତି ସରଳ ଢ଼ଙ୍ଗରେ ତଥା ନିର୍ମାଣରେ ସ୍ଥାନୀୟ ସାମଗ୍ରୀର ଆବଶ୍ୟକ ପଡ଼ିଥାଏ । ଅଧିକାଂଶ ଘର ଦୁଇ ବଖରା ତଥା ଏକତାଲା ବିଶିଷ୍ଟ ହୋଇଥାଏ । ଘରର କାନ୍ଥର ନିର୍ମାଣ ମାଟି ଦ୍ୱାରା କରାଯାଏ । କେଉଁ କେଉଁ ଘରେ ଛୋଟ ଛୋଟ ପଥର ଦ୍ୱାରା ନିଅଁ ଦିଆଯାଏ । ଘରର ତଳ କୋଠା ମାଟି ଦ୍ୱାରା ତିଆରି ହୋଇଥାଏ । କୋଠାକୁ ଗୋବର ଓ ରଙ୍ଗମାଟି ଦ୍ୱାରା ଲିପାପୋଛା କରି ଚିକ୍କଣ କରାଯାଏ । ଘରକୁ ଜଙ୍ଗଲର କାଠ, ବାଉଁଶ, ଘାସ, ପତ୍ର, ଖପରା, ଛଣ, ନଡ଼ା ତଥା ତାଳପତ୍ର ଦ୍ୱାରା ତିଆରି କରାଯାଏ । ଘରର ଛାତ ବା ଚାଳକୁ ତାଳ ପତ୍ର ଦ୍ୱାରା ଛପର କରାଯାଏ । ମୁଣ୍ଡା ଜନଜାତିଙ୍କ ଘରକୁ 'ଚାନ୍ଦିନି' କୁହାଯାଏ । ପ୍ରତି ଘରେ ଗୋଟିଏ ମୁଖ୍ୟ ବଖରା ହୋଇଥାଏ, ଯାହାକୁ ଦେବତା ଘର କୁହାଯାଏ, କାରଣ ଏହି ଘରର ଗୋଟିଏ ପଟ କାନ୍ଥରେ ପୂର୍ବୋଜ ଓ ଦେବୀଦେବତାଙ୍କ ବାସସ୍ଥାନ ହୋଇଥାଏ । ମୁଖ୍ୟ ଘରେ ବର୍ଷକର ଖାଦ୍ୟଶସ୍ୟ ସୁରକ୍ଷିତ ରହିଥାଏ, ତେଣୁ ଏହାକୁ ଭଣ୍ଡାର ଘର କୁହାଯାଏ । ମୁଖ୍ୟ ଘରେ ଘରର ମାଲିକ, ମାଲିକାଣି ତଥା ଛୋଟ ଛୁଆ ଶୟନ କରିଥାନ୍ତି । ଘରର ଚାରିପାଖେ ବାରଣ୍ଡା ରହିଥାଏ, ଯାହାର କାନ୍ଥ କାଠ, ବାଉଁଶ ତଥା ଚକଟା ମାଟି ଦ୍ୱାରା ନିର୍ମାଣ କରାଯାଏ । ବାରଣ୍ଡାର ବ୍ୟବହାର ଖାଦ୍ୟ ପ୍ରସ୍ତୁତ କରିବା, ଭୋଜନ କରିବା, ବହିବା, କୃଷି ଉପକରଣ ରଖିବା, ବାସନ କୁସନ ରଖିବା, ଜାଳେଣି କାଠ ରଖିବା, ଅତିଥି ବସିବା ଆଦି କାର୍ଯ୍ୟ ପାଇଁ ହୋଇଥାଏ । ମୁଣ୍ଡା ଜନଜାତିରେ ଘର ଠାରୁ ବାରଣ୍ଡାର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ । ପ୍ରତ୍ୟେକ ଘରେ ଗୋଟିଏ ମାତ୍ର ପ୍ରବେଶ ଦ୍ୱାର ରହିଥାଏ ଓ ଏହାକୁ ସଜାଯାଇ ରଖାଯାଇଥାଏ । ଘରର ଚାରିପାଖ ସୀମାକୁ କାଠ ଓ ବାଉଁଶ ଦ୍ୱାରା ଘେରା କରାଯାଏ । ଏହା ଦ୍ୱାରା ଜଙ୍ଗଲୀ ପଶୁଙ୍କ କବଳରୁ ନିଜକୁ ରକ୍ଷା କରିବା ପାଇଁ କର୍ଯ୍ୟ କରିଥାଏ । ଘର ବାହାରେ ବର୍ଷାଦିନେ ଶାଗ ଓ ପନିପରିବା ଲଗାଯାଏ । କିଛିକିଛି ଘର ଦୁଇତାଲା ବିଶିଷ୍ଟ ହୋଇଥାଏ । ଦୁଇତାଲା ଘରକୁ ନିର୍ମାଣ କରିବା ପାଇଁ କାଠ, ବାଉଁଶ, ଘାସ, ସିରକଣ୍ଡା, ଖୁଜୁରୀ ପତ୍ର ତଥା ଚକଟା ମାଟିର ଜରୁରୀ ପଡ଼ିଥାଏ ।

ଆଦିମ କାଳରେ ମୁଣ୍ଡା ପୁରୁଷ ସ୍ତ୍ରୀ ଉଭୟ ଗଛର ପତ୍ର ଓ ବକଳ ପରିଧାନ କରୁଥିଲେ କିନ୍ତୁ ସମୟର ପରିବର୍ତ୍ତନ ସହିତ ଏମାନଙ୍କର ବେଶଭୂଷାରେ ପରିବର୍ତ୍ତନ ହେଲା । ସହରୀ ଓ ଗ୍ରାମୀଣ ମୁଣ୍ଡା ଜନାଜତିଙ୍କ ପୋଷାକ ଆଧୁନିକ ଓ ପାରମ୍ପରିକ ହୋଇଥାଏ । ଗ୍ରାମୀଣ ମୁଣ୍ଡା ଜନଜାତିର ପୁରୁଷମାନେ ପାରମ୍ପରିକ ପୋଷାକ ଧୋତି, କୁର୍ତ୍ତା, ମୁଣ୍ଡରେ ଧଳା ଗାମୁଛାର ପଗଡ଼ି, ପାଇଜାମା, ଅଙ୍ଗି, ଧଳା ଗଞ୍ଜି ପରିଧାନ କରୁଥିଲେ । ମୁଣ୍ଡାମାନେ ମୁଖ୍ୟତଃ ଶୁକ୍ଳବସ୍ତ୍ର ପରିଧାନକୁ ଶୁଭ ମାନିଥାନ୍ତି । ପର୍ବପର୍ବାଣି ଅବସରରେ ମୁଣ୍ଡରେ ଆମ୍ବପତ୍ର ଖୋସିଥା'ନ୍ତି । ବୃଦ୍ଧା ମହିଳାମାନେ ଗୋଟିଏ ମାତ୍ର ଶାଢ଼ିରେ ପୁରା ଶରୀରକୁ ଘୋଡ଼ାଇଥା'ନ୍ତି । ମହିଳାମାନେ ଲାଲ୍ ପାଇର୍ ଶାଢ଼ି, ଲାଲ୍ ରଙ୍ଗର ବ୍ଲାଉଜ୍, ସାୟା, ସୁଟ୍, ସାଲବାର, ଗଳାରେ ଧଳା ରଙ୍ଗର ଗାମୁଛା ପରିଧାନ କରନ୍ତି । ସହରୀ ମୁଣ୍ଡା ଜନଜାତିଙ୍କ ଘରେ ସୁନା ରୂପାର ଆଭୂଷଣ ଦେଖାଯାଉଥିବା ବେଳେ ଗ୍ରାମୀଣ ମୁଣ୍ଡା ଜନଜାତିଙ୍କ ଘରେ ତମ୍ବା, ପିତଳ, ଲୁହା, ଅଲମୁନିୟମ, କାଚ, ଶଙ୍ଖ, ଶାମୁକା, ମାଳି ଦ୍ୱାରା ନିର୍ମିତ ଆଭୂଷଣ ଦେଖାଯାଏ । ମହିଳାମାନେ କାନରେ କାନଫୁଲ, ନାକରେ ନୋଥ, ଗଳାରେ ମଙ୍ଗଳସୁତ୍ର, ଅଣ୍ଟାରେ ଅଣ୍ଟାବିଛା, ପାଉଁଜି, ଝୁଣ୍ଟିଆ ଧାରଣ କରନ୍ତି । ମୁଣ୍ଡା ମହିଳାମାନେ ନିଜକୁ ସଜାଇବା ପାଇଁ ଟିପା, କଜଳ, ସିନ୍ଦୁର, ଗଜରା, କରଞ୍ଜ ତେଲ, କାଠ ପାନିଆଁ, ଟିକି ଦର୍ପଣର ବ୍ୟବହାର କରନ୍ତି ।

ଗାଁରେ ରହିଥିବା ମୁଣ୍ଡା ପରିବାରରେ ଘରେ ଉପକରଣ ରୂପେ ତମ୍ବା, ପିତଳ, ଷ୍ଟିଲ୍, ଆଲ୍‌ମୁନିୟମ, ଲୁହା, ପ୍ଲାଷ୍ଟିକ୍, ମାଟି, କାଠର ବାସନ କୁସନ ଦେଖିବାକୁ ମିଳେ । ପୂଜାପାଠ ତଥା ଧାର୍ମିକ ଅନୁଷ୍ଠାନ ଅବସରରେ ଏମାନେ ପିତଳ ଓ ତମ୍ବାର କିଛି ପାତ୍ର ବ୍ୟବହାର କରନ୍ତି । ଖାଦ୍ୟ ପ୍ରସ୍ତୁତି କରିବା ପାଇଁ ଆଲ୍‌ମୁନିୟମର ତସଲା ଓ ମାଂସ, ଶାଗ, ତରକାରୀ କରିବା ପାଇଁ ଲୁହାର କଡ଼େଇର ବ୍ୟବହାର କରାଯାଏ । ପରିବା, ଶାଗ, ମାଛ, ମାଂସ କାଟିବା ପାଇଁ ଛୁରୀ ପନିକି, ଗଡାସାର ବ୍ୟବହାର କରାଯାଏ । ରୁଟି ପ୍ରସ୍ତୁତ କରିବା ପାଇଁ ଲୁହାର ତାୱା, ବେଲଣା କାଠି ପେଡ଼ି, ଦେଖିବାକୁ ମିଳେ । ଭୋଜନ ପାଇଁ ଷ୍ଟିଲ୍‌ର ଥାଳି, ତାଟିଆ, ଗିଲାସ, ଢ଼ାଳ ଆଦି ବ୍ୟବାହାର କରାଯାଏ । ପାଣି ଆଣିବା ପାଇଁ ପିତଳ ଗରା, ମାଟିର ମାଠିଆ ତଥା ଲୁହାର ବାଲ୍ଟି ରହିଥାଏ ଓ ତାକୁ ସୁରକ୍ଷିତ ରଖିବା ପାଇଁ ମାଟିର ବଡ଼ ଘୁମ ରହିଥାଏ । ବର୍ଷକର ଖାଦ୍ୟଶସ୍ୟ ସୁରକ୍ଷିତ ରଖିବା ପାଇଁ ମୁଣ୍ଡାମାନେ ମାଟିର ବଡ଼ ଘୁମ, କୋଠି, ଆଟୁ ନିର୍ମାଣ କରିଥାନ୍ତି । ଶସ୍ୟ ମାପିବା ପାଇଁ ବାଉଁଶ ଓ

ପିତଳ ଧାତୁରେ ନିର୍ମିତ ପାହିଲି ଓ ଗଉଣି ରହିଥାଏ । ଏହାଛଡ଼ା କିଲପାଲ, ପଳା, ବଟକରା ମଧ୍ୟ ରହିଥାଏ । ଗ୍ରାମୀଣ ମୁଣ୍ଡା ପରିବାରରେ ଶୟନ କରିବା ପାଇଁ ଖଟ, ଖଟିଆ, ଚୌକି, ବାଉଁଶର ବେଞ୍ଚ ଓ ବିଛେଇବା ପାଇଁ ସୁଜନୀ ରହିଥାଏ । ଏମାନେ ତକିଆର ବ୍ୟବହାର ବରାବର କରିଥାନ୍ତି । ମୁଣ୍ଡା ଜନଜାତିଙ୍କ ମୁଖ୍ୟ ପେଷା କୃଷି ଅଟେ । ତେଣୁ ଏମାନଙ୍କ ଘରେ କୃଷି ଉପକରଣ ରୂପେ ହଳ, ଜୁଆଳି, ମହି, କୋଦାଳ, କୋଡ଼ି, ଝାମ୍, ଖଣତି, ଗଇଁତା, ଖୁରୁପୀ ଇତ୍ୟାଦି ରହିଥାଏ । ଏମାନେ ଜଙ୍ଗଲର ବଣ ଗଛ କାଟିବା ପାଇଁ ଟାଙ୍ଗିଆର ବ୍ୟବାହାର କରିଥାନ୍ତି । ଫସଲ ଅମଳ ସମୟରେ ଏମାନେ କୁଲା, ଟୋକେଇ, ଓଡ଼ିଆ, ଦଉରା ଆଦି ଉପକରଣ ବ୍ୟବହାର କରନ୍ତି । ଏହି ଉପକରଣ ଗୁଡ଼ିକ ଘାସ କିମ୍ବା ବାଉଁଶ ଦ୍ୱାରା ନିର୍ମିତ ହୋଇଥାଏ । ମୁଣ୍ଡାମାନଙ୍କ ଘରେ ବାଉଁଶର ଛତା, ବିଞ୍ଚଣା, ଛାପେଡ଼ା ମଧ୍ୟ ଦେଖିବାକୁ ମିଳେ । ଏମାନଙ୍କ ଘରେ ପଶୁପାଳନ ପାଇଁ ବିଭିନ୍ନ ଉପକରଣ ଦେଖାଯାଏ । ସେଗୁଡ଼ିକ ହେଲା - ଖୁଣ୍ଟ, ଘଣ୍ଟି, ନାଦ, ପଘା, ଗଳାମହୁରୀ, ଚୌରାସି, ଚୋଙ୍ଗା, ଚୋଙ୍ଗି ଇତ୍ୟାଦି । ଗ୍ରାମୀଣ ମୁଣ୍ଡା ଜନଜାତିଙ୍କ ଘରେ ସୁରକ୍ଷା ଉପକରଣ ରୂପେ ଠେଙ୍ଗା, ବାଡ଼ି, ବାଟୁଳି, ଗଡ଼ାସା, ଭାଲା, ବେର, ବଲମ, ତୀର, ଧନୁଷ ରହିଥାଏ । ଏହାଛଡ଼ା ଟାଙ୍ଗିଆ, କାତି ସୁରକ୍ଷା ଉପକରଣ ରୂପେ ବ୍ୟବହାର କରନ୍ତି ।

ଗ୍ରାମୀଣ ମୁଣ୍ଡା ଜନଜାତି ଶିକାର କରିବାରେ ପାରଙ୍ଗମ । ଶିକାର ଦ୍ୱାରା ସେମାନେ ନିଜ ଜୀବିକା ଅର୍ଜନ କରିଥାନ୍ତି । ଏମାନେ ଜଙ୍ଗଲରୁ ବାଘ, ହରିଣ, ବାରାହା, ଜଙ୍ଗଲୀ ଘୁଷୁରୀ, ଠେକୁଆ ଶିକାର କରିଥାନ୍ତି । ବାଘ ଓ ଅନ୍ୟ ପଶୁଙ୍କ ଛାଲକୁ ଏମାନେ ଶୁଖାଇ ପୋଷାକ ରୂପେ ବ୍ୟବହାର କରିଥାନ୍ତି ଓ ଢୋଲ ମୃଦଙ୍ଗ ଆଦି ତିଆରି କରିଥାନ୍ତି । ହରିଣକୁ ମାରି ତା'ର ସିଙ୍ଗକୁ ରଗଡ଼ି ବିଭିନ୍ନ ଔଷଧ ତିଆରି କରନ୍ତି । ମୁଣ୍ଡାଙ୍କ ବିଶ୍ୱାସ ଅନୁସାରେ ଗଛର ଖୋଳପାକୁ ପାଣିରେ ଫୁଟାଇ ପିଇବା ଦ୍ୱାରା ବିଭିନ୍ନ ରୋଗ ଠିକ୍ ହୋଇଥାଏ । ଶିକାର ପାଇଁ ଏମାନଙ୍କ ଘରେ ଜାଲ, ଫାସ, ବନିଶି, ଚିଲଉନ୍, ମୁସକଲ, ତୀର, ଧନୁଷ ଆଦି ଶିକାର ଉପକରଣ ରହିଥାଏ ।

ମୁଣ୍ଡା ଜନଜାତି ମୁଖ୍ୟତଃ ପ୍ରକୃତିର ପୂଜା ଆରାଧନା କରନ୍ତି । ପ୍ରକୃତି କହିଲେ ଗଛ, ଲତା, ଫୁଲ, ଫଳ, ପାହାଡ଼, ନଦୀ, ନାଳକୁ ପୂଜା କରିଥାନ୍ତି । ମୁଣ୍ଡା ଜନଜାତିଙ୍କ ଧର୍ମକୁ 'ସାରଣା ଧର୍ମ' ଓ ସର୍ବଶ୍ରେଷ୍ଠ ଦେବତାଙ୍କୁ 'ସିଂଗବୋଙ୍ଗା' ତଥା ସର୍ବଶ୍ରେଷ୍ଠ ଦେବୀଙ୍କୁ 'ଧରିତ୍ରୀ ମାତା' କୁହାଯାଏ । ଏହି ଦେବତାମାନଙ୍କ ନିବାସ ସ୍ଥାନ ସରଣା ସ୍ଥଳରେ ହୋଇଥାଏ । 'ସିଂହବୋଙ୍ଗା' ବ୍ୟତୀତ ଏମାନେ 'ହାତୁବୋଙ୍ଗା' (ଗ୍ରାମ ଦେବତା), 'ଦେଶାଉଲୀ', 'ଜହେର୍ ବୁଢ଼ୀ', 'ଚାନ୍ଦୀ ବୋଙ୍ଗା' ଏବଂ 'ଓଢ଼ା ବୋଙ୍ଗା'ଙ୍କୁ ଅନ୍ୟ ଦେବୀ ଦେବତା ରୂପେ ପୂଜା ଆରଧନା କରିଥାନ୍ତି । ଜନଜାତୀୟ ପ୍ରତ୍ୟେକ ଧାର୍ମିକ ଅବସରରେ ସିଂଗବୋଙ୍ଗାଙ୍କ ପୂଜା କରାଯାଏ । ସିଂଗବୋଙ୍ଗା ପୂଜାରେ ଧଳା ଫୁଲ, ଧଳା ଭୋଗ ପଦାର୍ଥ ତଥା ଧଳା କୁକୁଡ଼ାର ବଳୀ ଚଢ଼ାଯାଏ । ପୂଜା ଆରାଧନା ଗ୍ରାମର ଧାର୍ମିକ ପ୍ରଧାନ ବା ପୂଜାରୀ ପାହାନ ଓ ତାଙ୍କ ସହାୟକ ମିଳିମିଶି ସମ୍ପନ୍ନ କରିଥାନ୍ତି । ଅନ୍ୟଦେବୀ ଦେବତାଙ୍କ ପୂଜାବି ପାହାନଙ୍କ ଦ୍ୱାରା 'ସରଣା ସ୍ଥଳ'ରେ ସମ୍ପନ୍ନ କରାଯାଏ । 'ଓଢ଼ା ବୋଙ୍ଗା' (କୁଳଦେବତା)ଙ୍କ ପୂଜା ଘରର ମୁଖିଆ ନିଜେ କରିଥାନ୍ତି । ଏମାନେ ଦୁଇପ୍ରକାର ବୋଙ୍ଗାରେ ବିଶ୍ୱାସ ରଖିଥାନ୍ତି ।

(୧) ମନିତା ବୋଙ୍ଗା (ଉଦାର ଦେବାତ୍ମା)

(୨) ବନିତା ବୋଙ୍ଗା (ଅନଉଦାର ଦେବାତ୍ମା)

ଏହି ଦୁଇ ପ୍ରକାର ଆତ୍ମାଙ୍କ ପୂଜା ମୁଣ୍ଡା ଜନଜାତି ବଳିଦେଇ କରିଥାନ୍ତି । ଏହା ବ୍ୟତିତ ମୁଣ୍ଡା ଜନଜାତି ଲୋକମାନେ 'ବୁରୁବୋଙ୍ଗା' (ପାହାଡ଼ ଦେବତା), 'ଇକିରୀ ବୋଙ୍ଗା' (ଜଳ ଦେବତା)ଙ୍କ ପୂଜା ଆରାଧନା ବଳିଦେଇ କରିଥାନ୍ତି । ମୁଣ୍ଡା ଜନଜାତି ହିନ୍ଦୁ ଦେବୀ ଦେବତାଙ୍କ ପୂଜା ହିନ୍ଦୁ ବିଧି ବିଧାନରେ ସମ୍ପନ୍ନ କରିଥାନ୍ତି । ଇସାଇ ଧର୍ମ ଗ୍ରହଣ କରିଥିବା ମୁଣ୍ଡାମାନେ ଇସାଇ ଧର୍ମର ରୀତି ରିବାଜ ଅନୁସାରେ ନିଜର ଘରେ ଏବଂ ଚର୍ଚ୍ଚରେ ପୂଜାପାଠ କରିଥାନ୍ତି । ଗ୍ରାମୀଣ ପୂଜାରୀଙ୍କୁ 'ଡେହେରୀ' କୁହାଯାଏ । ଝଡ଼ାଫୁଙ୍କାକୁ ମୁଣ୍ଡା ଜନଜାତିମାନେ ବିଶ୍ୱାସ କରିଥାନ୍ତି ଓ ଗ୍ରାମର ଯେଉଁ ବ୍ୟକ୍ତି ଝଡ଼ାଫୁଙ୍କା କାର୍ଯ୍ୟ ସଂପନ୍ନ କରେ ତାକୁ 'ଦେବଡ଼ା' କୁହାଯାଏ ।

ମୁଣ୍ଡା ଜନଜାତିଙ୍କ ମୁଖ୍ୟ ପର୍ବପର୍ବାଣି ଗୁଡ଼ିକ ହେଲା 'ସରହୁଲ୍', 'ସୋହରାଇ', 'କରମା', 'ବୁରୁ ପର୍ବ', 'ମାଗେ ପର୍ବ', 'ମକର ସଂକ୍ରାନ୍ତି', 'ଫାଗୁ', 'ବିରସା ମୁଣ୍ଡା ଜୟନ୍ତୀ', 'ସିଦ୍ଧୁକାହ୍ନୁ ଜୟନ୍ତୀ', 'ହୋଲି' ଇତ୍ୟାଦି । ପର୍ବପର୍ବାଣି ତଥା ସାମାଜିକ ଅନୁଷ୍ଠାନରେ ସାମୂହିକ ନୃତ୍ୟ ସଂଗୀତ, ପରିବେଷଣ କରାଯାଏ । ଏହି ନୃତ୍ୟ ସଂଗୀତରେ ବାଦ୍ୟଯନ୍ତ୍ରର ବ୍ୟବହାର କରାଯାଏ । ବାଦ୍ୟଯନ୍ତ୍ର ଗୋଟିଏ ସମୂହଙ୍କର ସାମୂହିକ ସମ୍ପତି ହୋଇଥାଏ । ଏହାକୁ ଧାର୍ମିକ ପ୍ରଧାନଙ୍କ ଘରେ ସୁରକ୍ଷିତ ରଖାଯାଏ । ସେହି ବାଦ୍ୟଯନ୍ତ୍ର ଗୁଡ଼ିକ ହେଲା - ମାଦାଳ, ଢୋଲ, ନାଗେରା, ଘଡ଼ା, ଥାଳି, ଡାଙ୍କ, ଝୁମର, ବଂଶୀ, ବାଂସୁରୀ, ଝାଞ୍ଜ ଇତ୍ୟାଦି ।

ମୁଣ୍ଡା ଜନଜାତିଙ୍କର ଗୋତ୍ର ମୁଖ୍ୟତଃ ପିତୃପକ୍ଷୀୟ ହୋଇଥାଏ ଓ ଗୋତ୍ର ବହିର୍ବିବାହ ନିୟମକୁ ଏମାନେ ପାଳନ କରିଥାନ୍ତି । ଏହି

ଜନଜାତିରେ ମୋଟ ୬୪ ଗୋତ୍ର ଦେଖାଯାଏ । ଏମାନେ ଗୋତ୍ରକୁ 'କିଲ୍ଲି' କହିଥାନ୍ତି । ମୁଣ୍ଡାମାନଙ୍କ ଗୋତ୍ର ଗୁଡ଼ିକ ହେଲା – ଭେଙ୍ଗରା (ଘୋଡ଼ା), ବୋଦରା, ପୂର୍ତ୍ତି (ଘଡ଼ିଆଳ), ହଂସା (ହଂସ), କନ୍ଦରୁ (ମାଛ), ଅବା (ଆମ୍ବ), ବାଲୁମ (ଲୁଣ), ଅଇନ୍ଦ (ମାଛ), ଜିରହୁଲ୍ (ଫୁଲ), ହୋରୋ (କଇଁଚ), ନାଗ (ସାପ), ଗୋନ୍ଦଲେ, ନିମକ, ମୁଣ୍ଡାରୀ ଇତ୍ୟାଦି ।

ପ୍ରଚୀନ କାଳରେ ମୁଣ୍ଡା ଜନଜାତିଙ୍କ ବିଭାଜନ ଦୁଇଟି ସମୂହରେ ହୋଇଥିଲା । (୧) ପ୍ରାଚୀନ ଶାଖା, (୨) ନବୀନ ଶାଖା । ପ୍ରାଚୀନ ଶାଖାର ମୁଣ୍ଡାମାନଙ୍କୁ 'ମହଲୀ ମୁଣ୍ଡା' ବା 'ପାତର ମୁଣ୍ଡା' କୁହାଯାଉଥିଲା । ନବୀନ ଶାଖାର ମୁଣ୍ଡାମାନଙ୍କୁ 'କାମ୍ପତ ମୁଣ୍ଡା' କୁହାଯାଉଥିଲା । ସାମାଜିକ ଦୃଷ୍ଟିରୁ ପାତର ମୁଣ୍ଡାଙ୍କ ସ୍ଥାନ କାମ୍ପତ ମୁଣ୍ଡାଙ୍କ ତୁଳନାରେ ନିମ୍ନ ଥିଲା । ମୁଣ୍ଡା ଗାଁର ଆରମ୍ଭିକ ନିବାସୀଙ୍କୁ 'ଖୁଣ୍ଟକଟୀଦାର' କୁହାଯାଉଥିଲା । ଏହିପରି ମୁଣ୍ଡାମାନଙ୍କର ସାମାଜିକ ସଂଗଠନର ଡିଜାଇନ୍ ନିମ୍ନଲିଖିତ ଅଟେ ।

ବ୍ୟକ୍ତି --- ପରିବାର ---- ବଂଶ --- ଗୋତ୍ର --- ସାମାଜିକ ବର୍ଗ --- ଜନଜାତି

ମୁଣ୍ଡା ଜନଜାତିର ଗ୍ରାମକୁ 'ହତୁ' କୁହନ୍ତି । ମୃତ୍ୟୁପରେ ମୁଣ୍ଡାମାନଙ୍କୁ ସମାଧିସ୍ଥଳରେ ଅନ୍ତିମ ସତ୍କାର କରାଯାଏ । ସମାଧିସ୍ଥଳକୁ 'ଶାସନ' କୁହନ୍ତି । ଶାସନ ପାଖରେ ଏକ ବଡ଼ ପଥର ରଖାଯାଏ, ଯାହାକୁ 'ଶାସନ ଦିରି' କୁହାଯାଏ । ପ୍ରତି ଗାଁରେ ଏକ ଯୁବଗୃହ ରହିଥାଏ, ଯାହାକୁ 'ଗୀତିଓଡ଼ା' କୁହାଯାଏ । 'ଗୀତିଓଡ଼ା'ରେ ସମସ୍ତ ପୁଅ ଝିଅଙ୍କୁ ମୁଣ୍ଡା ସମାଜର ସଂସ୍କାର, କୁସଂସ୍କାର, ପାରମ୍ପରିକ ଜୀବନଶୈଳୀ ଶିକ୍ଷା ପ୍ରଦାନ କରାଯାଏ । ଏମାନଙ୍କ ସଭ୍ୟତାରେ ବଧୂମୂଲ୍ୟ ପ୍ରଥା ରହିଅଛି । ମୁଣ୍ଡାରୀ ଭାଷାରେ ଏହାକୁ 'ଗୋନୋଙ୍ଗ୍' କୁହାଯାଏ । ଶିଶୁର କର୍ଣ୍ଣ ଖୋଦନ ପ୍ରଥାକୁ ଏମାନେ 'ତୁକୁଇ ଲୁତୁର' ସଂସ୍କାର କୁହାଯାଏ । ଗ୍ରାମରେ ମୋଟ୍ ତିନୋଟି ସ୍ଥଳ ରହିଥାଏ ।

(୧) ସାରଣା (ପୂଜା ସ୍ଥଳ)

(୨) ଆଖଡ଼ା (ପଞ୍ଚାୟତ ବୈଠକ)

(୩) ଶାସନ (ସମାଧି ସ୍ଥଳ)

୨୦ ରୁ ୨୨ ଗୋଟି ଗାଁକୁ ନେଇ 'ପହଡ଼ା ପଞ୍ଚାୟତ' ଓ ଏହାର ମୁଖ୍ୟଙ୍କୁ 'ମାନକୀ' କୁହାଯାଏ । ସଭା ବା ବୈଠକ ବସୁଥିବା ଜାଗାକୁ 'ଆଖଡ଼ା' କୁହାଯାଏ ।

**ସହାୟକ ଗ୍ରନ୍ଥସୂଚୀ :**


୧. ଶ୍ରୀବାସ୍ତବ, ବିଷ୍ଣୁ ଶର୍ମା, ଝାରଖଣ୍ଡକେ ଜନଜାତିୟାଁ ଆନ୍ଦୋଳନ ଏବଂ କ୍ଷେତ୍ରୀୟତାବାଦ୍, ପ୍ରଥମ ସଂସ୍କରଣ, ବନ୍ୟା ପବ୍ଲିକେସନ, ୨୦୨୨ ।

୨. କପରଦାର, ମନୋଜ କୁମାର, ଝାରଖଣ୍ଡ କି ଆଦିବାସୀ କଳା ପରମ୍ପରା, ପ୍ରଥମ ସଂସ୍କରଣ, ପ୍ରଭାତ ପ୍ରକାଶନ, ୨୦୨୩ ।

୩. ଶର୍ମା, ବିମଳ ଚରଣ, ଝାରଖଣ୍ଡ କି ଜନଜାତିୟାଁ, ଝାରଖଣ୍ଡ ଝରୋଖା ପବ୍ଲିକେସନ, ୨୦୧୪ ।


❖ ❖ ❖

DOI : https://doi.org/10.5281/zenodo.12789872

ମୂଳ ପ୍ରବନ୍ଧ

# ପ୍ରତିଭା ଶତପଥୀଙ୍କ ଆତ୍ମଜୀବନୀ 'ଶୈଶବରୁ ସଂସାର' : ଏକ ଅନୁଶୀଳନ

**ଅଞ୍ଜନା କୁଣ୍ଡ**

ଆଧୁନିକ ଭାରତୀୟ ସାହିତ୍ୟରେ କବି ଭାବରେ ବିପୁଳ ଯଶର ଅଧିକାରିଣୀ ପ୍ରତିଭା ଶତପଥୀଙ୍କ ଆତ୍ମଜୀବନୀଟି ହେଉଛି 'ଶୈଶବରୁ ସଂସାର' । ପ୍ରଥମରୁ କହିରଖେ ଆମେ ଏହି ଆତ୍ମଜୀବନୀଟିକୁ ସାହିତ୍ୟିକଙ୍କ ଆତ୍ମଜୀବନୀ ଭାବେ ଗ୍ରହଣ କରିବା ସହିତ ଆତ୍ମଜୀବନୀକାର ଜଣେ ନାରୀ ହୋଇଥିବାରୁ ତାଙ୍କ ଆଖପାଖରେ ଥିବା ନାରୀ ହୃଦୟର ଯନ୍ତ୍ରଣାକୁ ସୁନ୍ଦର ରୂପେ ବର୍ଣ୍ଣନା କରିଛନ୍ତି । ଆତ୍ମଜୀବନୀଟିକୁ ପାଠକଲେ ହୃଦବୋଧ ହେବ ଯେ, ସେ ଜଣେ ପ୍ରସିଦ୍ଧା କବିୟତ୍ରୀ ଭାବରେ ଆତ୍ମଜୀବନୀଟି ରଚନା କରିବା ସହ ଅଙ୍ଗେ ନିଭାଇଥିବା ନାନା ଦୁଃଖ-କଷ୍ଟକୁ ଜଣେ ସାଧାରଣ ଓଡ଼ିଆଣୀ ଭାବରେ ଉପସ୍ଥାପିତ କରିଛନ୍ତି, ଯାହାକୁ ଅଧିକାଂଶ ନାରୀ ସେମାନଙ୍କ ଦୈନନ୍ଦିନ ଜୀବନରେ ଅନୁଭବ କରୁଥିବେ । ଗୋଟେ ନାରୀ ଯଦି ନିଜର ଦୁଃଖ-କଷ୍ଟ, ଦାରିଦ୍ର୍ୟ, ନିନ୍ଦା-ଅପବାଦ, କାଦୁଅ ଫିଙ୍ଗା, ଅପମାନ, ଅନାଦରର କଥା ଆତ୍ମଜୀବନୀ ମଧ୍ୟରେ ଲେଖେ, ତେବେ ତାହାକୁ ନିଜ ଘରର ଗୁମର ଫିଟାଉଥିବା ନିର୍ଲଜ୍ଜ ସ୍ତ୍ରୀଲୋକ ବୋଲି କଦାପି କୁହାଯିବ ନାହିଁ, ବରଂ ତା'ରି ଭଳି ଓଡ଼ିଶାର କେଉଁ କୋଣରେ ଓଡ଼ିଆଣୀଟିଏ ଅତି ଅଭାବ, ହତାଦର, ହତାଶରେ ଭାଙ୍ଗିପଡୁଥିବା ବେଳେ ଏହିଭଳି ଆତ୍ମଜୀବନୀଟିଏ ପଢି ନିଜେ ଆଶ୍ୱାସନା ପାଇବ ଯେ, ସେ ଏକା ଦୁଃଖ-କଷ୍ଟ ଭୋଗୁ ନାହିଁ, ଆଉ ଜଣେ ସଚେତନ ନାରୀ ଠିକ୍ ଏଇଭଳି ଭୋଗି ଥିଲା, କଷ୍ଟ କରି ଜୀଇଁ ଥିଲା । ସେତିକି ଆଶ୍ୱାସନା ପାଇଁ ଜଣେ ଆତ୍ମଜୀବନୀକାର ତା'ର ଦୁଃଖ-କଷ୍ଟର କଥାକୁ ବଖାଣି ଦେବାକୁ ଇଛା କରିଥାଏ । ଯାହା ଡକ୍ଟର ଶତପଥୀ ଏହି ଆତ୍ମଜୀବନୀ ମଧ୍ୟରେ କରିଯାଇଛନ୍ତି । ଏହା ତ ଥିଲା ନାରୀ ଲେଖିକା ହିସାବରେ ନାରୀଜୀବନର କଥା । ନାରୀ ଜୀବନର ଦୁଃଖଦ କାହାଣୀକୁ ପାଠକଙ୍କ ଆଗରେ ସମର୍ପି ଦେବାରେ ସେ ଯେପରି ସିଦ୍ଧହସ୍ତ ସେହିପରି ସୁନ୍ଦର ଚିତ୍ରକଳ୍ପ ଓ ପ୍ରତୀକ ତଥା ଲକ୍ଷଣୀୟ ଶବ୍ଦ ସଂଯୋଜନାର ସମନ୍ୱୟରେ ତାଙ୍କ କବିତା ପ୍ରାଣସ୍ପର୍ଶୀ । ଏହିଭଳି ପ୍ରତିଭାଧର ବ୍ୟକ୍ତିତ୍ୱ ପ୍ରତିଭା ଶତପଥୀଙ୍କ ପାଇଁ କବିତା ଲେଖିବା ଯେ ଗୋଟିଏ ଲାଜ କଥା ଥିଲା ଶୁଣିଲେ ବିଶ୍ୱାସ ହୁଏ ନାହିଁ, ମାତ୍ର ଏହାହିଁ ସତ୍ୟ ଯେ, ଲେଖିକା ସପ୍ତମ ଶ୍ରେଣୀରେ ପଢୁଥିବା ସମୟରେ ସମ୍ବଲପୁରୀ ଗୀତର ଛନ୍ଦରେ ଗୋଟିଏ କବିତା ଲେଖି ସେଇଟିକୁ ନର୍ତ୍ତକୀ ଭାବେ ନୃତ୍ୟରୂପ ମଧ୍ୟ ଦେଇଥିଲେ । ମାତ୍ର ତାଙ୍କର ଶିକ୍ଷକ ଓ ଶିକ୍ଷୟତ୍ରୀ ଏହି କବିତାଟିକୁ କୋଉଠି ପାଇଲୁ ବୋଲି ପଚାରିବାରୁ ତା'ର ଉତ୍ତରରେ ଲେଖିକା କହିଥିଲେ ଯେ, ଏହାକୁ ରେଡ଼ିଓରୁ ଟିପି ଆଣିଛି । ଏପରି ମିଛ କହିବାର କାରଣ ଥିଲା, 'ଲାଜ' । ସେହି ସମୟରେ ସେ ଭାବୁଥିଲେ ବାରବର୍ଷର ଝିଅ ପାଇଁ କବିତା ଲେଖିବା ସତେକି ଲାଜ କଥା । ସେ କୁହନ୍ତି- "ତା' ପରେ, କେବେଠୁଁ କବି ତାହା ତ ଠାରି ଡାକିଲା ମୋତେ, ନ ହେଲେ ବା ମୁଁ ତା'ର ପଶ୍ଚାଦ୍ଧାବନ କଲି, ଛୁଇଁବାକୁ ପ୍ରାଣପଣ କଲି, ତାର ସଠିକ୍ ତାରିଖ

**ଯୋଗାଯୋଗ :**
ଅଞ୍ଜନା କୁଣ୍ଡ, ଗବେଷିକା
**ବିଶ୍ୱଭାରତି, ଶାନ୍ତିନିକେତନ (ପଶ୍ଚିମବଙ୍ଗ)**
**E-Mail ID:** kunda.anjana5@gmail.com
**ORCID ID:** -https://orcid.org/0009-0008-6619-4094

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୫.୫.୨୦୨୪ | ୧୮.୬.୨୦୨୪ | ୨୫.୬.୨୦୨୪ | ୧.୭.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : କୁଣ୍ଡ, ଅଞ୍ଜନା., ୨୦୨୪ । **ପ୍ରତିଭା ଶତପଥୀଙ୍କ ଆତ୍ମଜୀବନୀ 'ଶୈଶବରୁ ସଂସାର' : ଏକ ଅନୁଶୀଳନ ।** ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଘ, ପୃଷ୍ଠା :୩୫-୪୦ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

**Quick Response Code:**

**Available online at :** https://pracheenews.com/

DOI: *https://doi.org/10.5281/zenodo.12789872*
Article No - BPPP00209

ମନେ ନାହିଁ ।" (ଶୈଶବରୁ ସଂସାର, ପ୍ରତିଭା ଶତପଥୀ, ପୃ-୧୯୬) ଏହା ପରେ ପରେ ହର୍ଷ, ବିଷାଦ, ସ୍ମୃତି ଓ ଅନୁଭୂତିର ଭାବାବେଗରେ କବିତାକୁ ବୈଚିତ୍ର୍ୟମଣ୍ଡିତ ଓ ମନ୍ମୟ କରିବାରେ ସେ ହୋଇଗଲେ ଜଣେ ସଫଳ ଶିଳ୍ପୀ । ଏହି ଭାବାବେଗରେ ଆବେଶ ହୋଇ ସେ ରଚନା କରିଯାଇଛନ୍ତି ଅନେକ କବିତା ।

ପ୍ରତିଭା ଶତପଥୀ ପ୍ରେମକରି ବିବାହ କରିଥିଲେ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଶତପଥୀଙ୍କୁ ('ସବୁଜରୁ ସାଂପ୍ରତିକ' ପୁସ୍ତକର ଲେଖକ) । ସେ ନିଜେ କୁହନ୍ତି, ଭଲ ପାଇବାର ଉପଲବ୍ଧିକୁ ନେଇ ଅନେକ କବିତା ଲେଖିଛନ୍ତି । ସେସବୁ ମଧ୍ୟରୁ 'ମିଳିବାର ନ ଥିଲା' କବିତାଟି ତାଙ୍କ ଭଲପାଇବାର ହତାଶା ଭାବକୁ ନିରୂପିତ କରିଥାଏ । ସେ ଅନୁଭବ କରିପାରିଛନ୍ତି ଭଲପାଇବା ଖୁବ୍ ଗୂଢ଼-କଷ୍ଟକର, ତା'ର ଗ୍ରହଣ ଓ ବର୍ଜନ ଉଭୟ । ପୁରୁଷର ନାରୀ ଶରୀର ପ୍ରତି 'ଆସକ୍ତି' କୁ 'ଭଲପାଇବା' କହିହେବ ନାହିଁ । କାରଣ ଏହି ଆସକ୍ତିଠାରୁ 'ଭଲପାଇବା' ଅନ୍ୟ କିଛି ହୋଇଥାଏ । ସେଇ ଅନ୍ୟ କିଛିର ଅର୍ଥ ସେ ସମୟରେ ଲେଖିକାଙ୍କ ମନୋଭାବରେ ଅସ୍ପଷ୍ଟ ଥିଲା । ତାଙ୍କର କବିତାଟି ଏହିପରି- "କିଛି ମିଳିବାର ନ ଥିଲା / ବାଲିବନ୍ତ ଉପରେ ଲହଡ଼ି / ଛାଡ଼ିଯାଇ ନ ଥିଲା କିଛି ପ୍ରତିଶ୍ରୁତି / ନିର୍ଧାର୍ଯ୍ୟ କିଛି କହି ନଥିଲା ସମୟ ପବନରେ / ପତଙ୍ଗ ବି କାଟି ନ ଥିଲେ ସିଆର / ଅଥଚ, ମୁଁ କେମିତି ବୁଝିଗଲି ଯେ / ମିଳିଗଲା ମୋତେ ସବୁତକ ଥଳକୂଳ ! x xx ଦେଖେଇଲିନି / ମୋ ରକ୍ତଧାରରେ ଭିଜୁଥିବା / ଦିନ ରାତିକୁ / ରଙ୍ଗିନ ହାହାକାରରେ / ଫାଟୁଥିବା ଛାତିକୁ / ଦେଖେଇଲିନି / ଖାଲି ମୁଠାରେ ଚାପି ଧରିଥିବା / ସେଇସବୁ କିଛିକୁ ।" (ଶୈଶବରୁ ସଂସାର, ପ୍ରତିଭା ଶତପଥୀ, ପୃ-୨୪୩) କବୟିତ୍ରୀ ପ୍ରତିଭା ଶତପଥୀଙ୍କ ମନତଳେ ସାଇତି ହୋଇ ରହିଥିବା ଏହି ଜ୍ୱାଳାକୁ ପାଠକଲେ ବିଶ୍ୱାସ କରିବାକୁ ଇଚ୍ଛା ହୁଏ ନାହିଁ । ମାତ୍ର ତାହା ହିଁ ଥିଲା ନିବିଡ଼ ବାସ୍ତବତା । ସାହିତ୍ୟର ବିଭିନ୍ନ ବିଭାବ, ଯେପରି ଗଳ୍ପ, ଉପନ୍ୟାସ, ନାଟକ, ଜୀବନୀ, ଆତ୍ମଜୀବନୀ, ଭ୍ରମଣକାହାଣୀ, କବିତା ଇତ୍ୟାଦି ରହିଛି । ମାତ୍ର ଜଣେ ସାହିତ୍ୟିକ ଭାବେ ପ୍ରତିଭା ଶତପଥୀ କବିତା ରଚନାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ସେ ସଦାସର୍ବଦା ଏପରି ଏକ କବିତାର ନିର୍ମାଣ ଦିଗରେ ଆଶାୟୀ ଥାଆନ୍ତି, ଯେପରି ପ୍ରତ୍ୟେକଟି କବିତାର ଆରମ୍ଭ ନୂଆ ଏବଂ ପରିସମାପ୍ତି ଅସାଧାରଣ ହେଉ । କବିତା ହୋଇଯାଇଥିଲା ତାଙ୍କ ଜୀବନର ପରିମାପକ । ତାଙ୍କୁ ଅନୁଭବ ହୁଏ ଯେ, ଏହି କବିତା ହିଁ ମୁହୂର୍ତ୍ତକ ଲାଗି ହେଉ ପଛେ ଯନ୍ତ୍ରଣା ଜର୍ଜରିତ ଜୀବନରୁ ବାହାରକୁ ନେଇ ଯାଇଥାଏ । ତେଣୁ ସେ କହନ୍ତି- "କବିତା ନ ପଢ଼ି, ନ ଲେଖି ଜୀବନ ବଂଚି ହେବ । ମାତ୍ର ସେହି ଜୀବନ ଏକ ପଶୁର ଜୀବନ ଛଡ଼ା ଅନ୍ୟ କିଛି ହୋଇ ନ ପାରେ । କବିତା ବା କଳା ହିଁ ଜୀବନକୁ ବଂଚିବା ଯୋଗ୍ୟ କରାଏ । ମୋ ଲେଖା ମଧ୍ୟରେ କବିତା ମୁଖ୍ୟ । ଦୀର୍ଘ ଚାଳିଶବର୍ଷ ଏଥିଲାଗି ମୁଁ ବ୍ୟୟ କରିଛି । ନିଶାସକ୍ତ ବ୍ୟକ୍ତି ନିଶାକୁ ଛାଡ଼ି ନ ପାରିଲା ଭଳି, ମୁଁ କବିତା ସହ ଜଡ଼ିତ ହୋଇପଡ଼ିଛି" । (ଶୈଶବରୁ ସଂସାର, ପ୍ରତିଭା ଶତପଥୀ, ପୃ- ୨୪୬) ତେଣୁ ସେ ଏପରି ଭାବେ କବିତା ସହ ଜଡ଼ିତ ହେବାର କାରଣ କ'ଣ ? କାହିଁକି ସେ କବିତା ଲେଖାରେ ମଜ୍ଜି ରହିଲେ ତାହାକୁ ମଧ୍ୟ ଆଲୋଚନା କରିଛନ୍ତି । ଆତ୍ମଜୀବନୀକାର ପିଲାଦିନରୁ ବହୁ ଦୁଃଖ ଭୋଗି ଆସିଛନ୍ତି । ବେଳେବେଳେ ଏମିତି ହୁଏ ସାରାରାତି ସେହି ଛୋଟ ଛୋଟ ଦୁଃଖ ସ୍ମୃତିର ପୋଷ୍ଟକାର୍ଡ଼କୁ ପଢ଼ି ଚାଲନ୍ତି । ମାତ୍ର ରାତି ପାହିଯାଏ କିନ୍ତୁ ଦୁଃଖର ମାତ୍ରା କମେ ନାହିଁ । ଏହିସବୁ ଅନୁଭବରୁ ଧୀରେ ଧୀରେ ଲେଖିକା ମଧ୍ୟ ହୃଦୟଙ୍ଗମ କଲେ, କବିତା ପାଇଁ ମଧ୍ୟ କିଛି ଦୁଃଖ ଦରକାର, ତା ସହ ଏହି କବିତା ମଧ୍ୟ ଏକ ନିଷ୍ଠୁର ଶୃଙ୍ଖଳା, ଛୋଟ ଗୋଟିଏ ଜୀବନ, ଯେଉଁ ଜୀବନ ଭିତରେ ଖୁବ୍ ତୀବ୍ର ଗତିରେ ଦୂରକୁ ଯାଇ ହେବ, ଯଦିବା ଏଥିପାଇଁ ସମର୍ଥ ହୋଇ ନପାର ତେବେ ସେହି ଅସମର୍ଥତା ମଧ୍ୟ ମଣିଷକୁ କୋରିକୋରି ଖାଇବ । ଏହି ଅସମର୍ଥତା ରୂପକ ଦୁଃଖ ଦିନେ ସୁଖରେ ପରିଣତ ହେବ ଏବଂ ଏହି ସୁଖକୁ ଅପରକୁ ବାଣ୍ଟିବାର ମାନସିକତାରେ ଆତ୍ମଜୀବନୀକାର କବିତା ଲେଖି ଚାଲିଲେ । ସେହି ଦିନଠାରୁ କବିତା ମିଠା ଅଭିଶାପଟେ ହୋଇ ଲେଖିକାଙ୍କ ଜୀବନରେ ଗୁଡ଼େଇ ହୋଇଗଲା । ଯାହାକୁ ନେଇ ସେ ମଧ୍ୟ ଗର୍ବ କରନ୍ତି କାରଣ, କବିତା ତାଙ୍କ ପାଇଁ ଜରୁରୀ ଥିଲା । ସେ ଯେଉଁ ପ୍ରକାର ଜୀବନ ବଂଚୁଥିଲେ ତାକୁ ଅନ୍ୟମାନଙ୍କୁ ଜଣାଇବା ଏବଂ ସେସବୁକୁ ନ ଜଣାଇଲେ ଅନ୍ୟମାନେ ବା ଜାଣିବେ କିପରି, ଏହି ପ୍ରକାର ଏକ ଉପଲବ୍ଧି ଲେଖିକାଙ୍କ ଅନ୍ତଃକରଣରେ ଉଦିତ ହୋଇ ରାଜତ୍ୱ କରିବାରେ ଲାଗି ପଡ଼ିଥିଲା । ଦଶମ ଶ୍ରେଣୀରେ ପଢୁଥିବା ସମୟରୁ ସେ କବିତା ଲେଖି ପୁରସ୍କାର ପାଇଛନ୍ତି । ଯେଉଁ କବିତାଟି ପ୍ରଜାତନ୍ତ୍ର 'ନାରୀ ଜଗତ'ରେ ସ୍ଥାନିତ ହୋଇଥିଲା । କବିତାର ଶେଷ ଧାଡ଼ି ଦୁଇଟି ଥିଲା ଏହିପରି- "ନାରୀକେଳ ରସ ଉସ୍ ଝରାଇ ଭୂପୁରେ, / ମୁଗ୍ଧ ତୁମେ ଯେ ଗଣ ଗୌରବ ମୁକୁରେ ।"

ଏ ପର୍ଯ୍ୟନ୍ତ ପାଠକ ଅନୁଭବ କରିବେ ଯେ, କ'ଣ କେବଳ ଦୁଃଖ-କଷ୍ଟର ଅନୁଭୂତିକୁ ନେଇ ପ୍ରତିଭା ଶତପଥୀ କବିତା ଲେଖି ଚାଲୁଥିଲେ, ନା ତାହା ନୁହେଁ ସେ ଯେଉଁ ପରିବେଶରେ ଯେଉଁ ପ୍ରକାର ଅଭିଜ୍ଞତା ସାଉଁଟିଛନ୍ତି, ସେହି ପ୍ରକାର କବିତାମାନ ପାଠକଙ୍କ ସମ୍ମୁଖରେ

ଉଜାଡ଼ି ଦେଇଛନ୍ତି । ଦୁଇଟି ଗ୍ରାମର ଝିଅ ହେଉଛନ୍ତି ଆତ୍ମଜୀବନୀକାର ପ୍ରତିଭା ଶତପଥୀ । ଜେଜେବାପାଙ୍କ ଗ୍ରାମ ସିଦ୍ଧେଶ୍ୱରପୁର ଏବଂ ଲେଖିକାଙ୍କ ପିତା ମାଉସୀ ଘରକୁ ପୁଅ ହୋଇଯିବା ପରେ ଅନ୍ୟ ଏକ ଗାଁ ପାଲଟିଗଲା ସତ୍ୟଭାମାପୁର । ତେଣୁ ଦୁଇଟି ଗ୍ରାମରେ ବଢ଼ିବହୁ ନଦନଦୀ ମାନଙ୍କ ସଂପର୍କରେ ଆସିଥିଲେ । ଶୈଶବରେ 'ଦେବୀ' ନଈ, କିଶୋର ବୟସରେ 'ବିରୂପା', 'ବୈତରଣୀ', ତରୁଣୀ କାଳରେ 'କୁଆଖାଇ', ଏହା ବ୍ୟତୀତ 'ମାଛକୁଣ୍ଡ' ନଈ, 'ମହାନଦୀ', 'ଗୋଦାବରୀ', 'ଗଙ୍ଗା', 'ଯମୁନା', 'କାବେରୀ' ଇତ୍ୟାଦି; ପୁଣି ଜାମ୍ମୁ ଶ୍ରୀନଗର ପଥରେ ଲେଖିକାଙ୍କ ସହ ଉତ୍ତାଳ ହୋଇ ଧାଇଁ ଚାଲିଥିଲା 'ଝେଲମ୍' ନଦୀ । ପିଲାବେଳୁ ଦେଖି ଆସୁଥିବା ଏହି କୁଳୁକୁଳୁନାଦିନୀ ନୂଆବୋହୂ ପରି ଦିଶି ଯାଉଥିବା ନଦୀଗୁଡ଼ିକ ତାଙ୍କ କବିତା ମଧ୍ୟକୁ ଧସେଇ ପଶି ଆସିଛନ୍ତି । 'ନିୟତ ବସୁଧା' କବିତାରେ ସ୍ଥାନ ପାଇଥିବା 'ବିରୂପା' ନଦୀର ବର୍ଣ୍ଣନା ଏହିପରି- "ଏହି ବିରୂପା- ବିରୂପା ହିଁ / ମୋ କବିତାରେ ବିରୂପା / ସୂର୍ଯ୍ୟାସ୍ତ ପହଁରୁ ଥିଲା ବିରୂପା ପାଣିରେ ନାନା ରଙ୍ଗ ଡେଣା ପଟିପିଟି / ଅହଙ୍କାରରେ ଉଦ୍ଧତ ଛାତି ପାଦ ଲାଗୁନଥିଲା ତଳେ / କି ଉଡ଼ନ୍ତା ଅନୁଭୂତି / ରଙ୍ଗିନ ପ୍ରଜାପତି ଡେଣାରେ ସ୍ୱପ୍ନର ପାହାନ୍ତି ।" ସେହିପରି 'ତନ୍ମୟ ଧୂଳି' କବିତାରେ- "ମୁଁ କି ବିରୂପାର ନୀଳବେଣୀ / ନା ମହାନଦୀର / ଗଭୀର ଅଥଳ ଜଳ / ତୁମକୁ ଡାକିଲି" (ଶୈଶବରୁ ସଂସାର, ପ୍ରତିଭା ଶତପଥୀ, ପୃ-୨୬୧) । ଏହିପରି ଅନେକ ନଦୀର ବର୍ଣ୍ଣନା ତାଙ୍କର କବିତା ମାନଙ୍କରେ ଦେଖିବାକୁ ମିଳିଥାଏ । 'ଦୁଧ ସାଗର' ନଦୀର ବର୍ଣ୍ଣନା କରିଛନ୍ତି ତାଙ୍କର 'ନିମିଷେ ଅକ୍ଷର' କବିତା ପୁସ୍ତକରେ । ସେହିପରି 'କାବେରୀ' ଓ 'କାବିନୀ' ନଦୀର ବର୍ଣ୍ଣନା କରିଛନ୍ତି 'ନିୟତ ବସୁଧା' କବିତାରେ, କେବେ 'ଭଲଗା', କେବେ 'ଟାଇବି' (ଜର୍ମାନୀର), କେବେ 'କୁପାଇ' (ପଶ୍ଚିମବଙ୍ଗର) ତ କେବେ 'କଲଂ' (ଆସାମ), କେବେ 'ହଡ୍‌ସନ୍' (ଆମେରିକା) ତ କେବେ 'ଚାଓଫ୍ରାୟା' (ବ୍ୟାଂକକ୍) ଇତ୍ୟାଦି ଇତ୍ୟାଦି । ପ୍ରତିଭା ଜଣେ ଖ୍ୟାତିସଂପନ୍ନା କବିୟତ୍ରୀ ହୋଇଥାଇ ପାରନ୍ତି, ମାତ୍ର ସାହିତ୍ୟିକ ଭାବେ ଗୌରବ ଅର୍ଜନ କରିବାର ମୁଖ୍ୟ କାରଣ ଭାବେ ସେ ନିଜ ପରିବାରକୁ ଗ୍ରହଣ କରିଛନ୍ତି । 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'ର ପ୍ରଣେତା ଗୋପାଳଚନ୍ଦ୍ର ପ୍ରହରାଜଙ୍କ ନାତୁଣୀ ହେଉଛନ୍ତି ପ୍ରତିଭା ଶତପଥୀ । ଗୋଟିଏ କ୍ରମ କ୍ଷୟମାଣ, ସଂସ୍କୃତି-ସିଦ୍ଧ, ଜମିଦାର ପରିବାରରେ ଉତ୍ତରପୁରୁଷ ଭାବେ ଭୂମିଷ୍ଠ ହୋଇଛନ୍ତି । ସେ ପରିବାର ପୁଣି ହେଉଛି ଓଡ଼ିଶାର ପ୍ରସିଦ୍ଧ ପ୍ରହରାଜ ପରିବାର, ଭାଷା କୋଣାର୍କ-ଶିଳ୍ପୀ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ବଂଶଧାରା । ତେଣୁ ଏହିଭଳି ପରିବାରରେ ସାହିତ୍ୟ ରସିକତା ରହିବ ହିଁ ରହିବ । ଗୋପାଳଚନ୍ଦ୍ର ପ୍ରହରାଜ ଭାଷା-କୋଣାର୍କର ଜଣେ ପ୍ରତିଭାଶାଳୀ ବିନ୍ଧାଣି ଥିବାରୁ ସେ ପରିବାରରେ ଭାଷାଗତ ସଚେତନତା ରହିବା ସହ, ଆଈର ଅଜସ୍ର ଢଗଢମାଳି ମାଧ୍ୟମରେ ଜୀବନର ଅଭିଜ୍ଞତା ବର୍ଣ୍ଣନା, ଅଜାଙ୍କର ବିଭିନ୍ନ ଶାସ୍ତ୍ରପୁରାଣ, ଭାଗବତ ଚର୍ଚ୍ଚା, ଶେଷରେ ବୋଉଙ୍କଠାରୁ ଶୁଣିଥିବା ସୁଶୀଳମାଳତୀ, ଦକ୍ଷଯଜ୍ଞ, ଜଗନ୍ନାଥ ଦାସଙ୍କ ମୃଗୁଣୀ ସ୍ତୁତି, ନାନା ପୌରାଣିକ ଓ କାଳ୍ପନିକ କାହାଣୀ ଶୁଣି ଶୁଣି ଆତ୍ମଜୀବନୀକାରଙ୍କ ମାନସଚେତନାରେ ସାହିତ୍ୟିକ ହେବାର ଏକ ସଚେତନତା ଭାବ ସଂଗଠିତ ହୋଇଯାଇଥିଲା । ଯାହାର ଫଳସ୍ୱରୂପ କବିୟତ୍ରୀ ପ୍ରତିଭା ଶତପଥୀ ଭାବରେ ଭାରତର ପ୍ରଖ୍ୟାତ ହିନ୍ଦୀ ଲେଖକ ଡକ୍ଟର ନାମଓାରସିଂହଙ୍କ ହାତରୁ 'ଝଙ୍କାର'ରେ କବିତା ପୁରସ୍କାର ଗ୍ରହଣ କରିଥିଲେ । ଏହା ମଧ୍ୟ କୌଣସି କମ୍ ଗୌରବର କଥା ନୁହେଁ । ଏଥିରୁ ସ୍ପଷ୍ଟ ଭାବେ ଅନୁମେୟ ହୁଏ ଯେ, ପରିବାରରେ ଥିବା ଭାଷା-ସାହିତ୍ୟର ଏତେବଡ଼ କାରିଗରୀଙ୍କର ଛିଟା ନିଶ୍ଚିତ ଭାବେ ଲେଖିକାଙ୍କ ରକ୍ତରେ ରହିଛି ।

ଏହା ବ୍ୟତୀତ ନିଜ ଜୀବନର ଛୋଟବଡ଼ ଅଭିଜ୍ଞତାରୁ ମଧ୍ୟ ସେ କବିତାର ହାତ ଧରିଥିଲେ । ଲେଖିକାଙ୍କ ବୋଉ ଗ୍ରାମରେ ଏକା ରହୁଥିଲେ । ତାଙ୍କର ବାପା ଡାକ୍ତର ଭାବେ କୋରାପୁଟରେ କାର୍ଯ୍ୟ କରୁଥାନ୍ତି । ଏପରିକି ତାଙ୍କର ବାପା ନିଜ ପରିବାର ପ୍ରତି ଯତ୍ନଶୀଳ ନ ଥିଲେ, କି ତାଙ୍କର କିଛି ହାନିଲାଭ ବୁଝୁ ନ ଥିଲେ । ତେଣୁ ତାଙ୍କର କକେଇମାନେ ପରିବାର ଉପରେ ନିଷ୍ଠୁର ଭାବରେ ଅତ୍ୟାଚାର ଚଲାଉଥିଲେ । ଏତେ ବାଧାବିଘ୍ନ ସତ୍ତ୍ୱେ ଗ୍ରାମର ସେହି ନିଛାଟିଆ ଘରେ ଏକୁଟିଆ ସ୍ତ୍ରୀଲୋକ ଛୋଟଛୋଟ ପିଲା ଦୁଇଟିଙ୍କୁ ପାଖରେ ରଖିବା ସହ ସୁନାଗହଣାକୁ ମଧ୍ୟ ସମ୍ଭାଳି ରଖିଥିଲେ । ବିବାହ ସମୟରେ ଘରେ ପୋତାହୋଇଥିବା ସେହି ସୁନାଗହଣା ତକ ପ୍ରତିଭାଙ୍କୁ ଦିଆଯାଇଥିଲା । ମାତ୍ର ସାଂସାରିକ ବୁଦ୍ଧି ନଥିବା ହେତୁ ସୁନାଗହଣା ସବୁ ଚୋର ହାତରେ ପଡ଼ିଯାଇଥିଲା । ଏହି ଘଟଣାରେ ପ୍ରତିଭା ଏତେ ମର୍ମାହତ ହୋଇଯାଇଥିଲେ ଯେ, ସେ ଭାବନ୍ତି ଏତେ ଝଡଝଞ୍ଜା ସତ୍ତ୍ୱେ ତାଙ୍କର ବୋଉ ସେ ସୁନାଗହଣା ସବୁ ସମ୍ଭାଳି ରଖିପାରିଥିଲେ କିନ୍ତୁ ପ୍ରତିଭା ତାହାକୁ ରଖି ପାରିଲେ ନାହିଁ । ସେହିଦିନଠାରୁ ତାଙ୍କର ଗହଣାରୁ ମନ ଛାଡ଼ିଯାଇଥିଲା । ସ୍ୱାମୀ ମଧ୍ୟ ଆଉ ଗହଣା କିଣାଇ ଦେଇ ନ ଥିଲେ, ବରଂ ଚିରାଚରିତ ରୀତିରେ ତାଡ଼ନା ଦେବାକୁ ଆରମ୍ଭ କରି ଦେଇଥିଲେ । ସେହିଦିନଠାରୁ ଆଜିପର୍ଯ୍ୟନ୍ତ ସେ ଆଉ ଗହଣା ପିନ୍ଧି ନାହାନ୍ତି । ସେ କହନ୍ତି – "ଭାବେ, ଭଗବାନ୍ ସବୁ ଛଡ଼େଇ ନେଲେ

ସବୁଆଡୁ ଲୋଭ ତୁଟାଇ ଦେବାକୁ ବାଧ୍ୟ କଲେ । କୋଉ ବାଟ ତେବେ ମୁଁ ଧରିବି- କେମିତି ଚାଲିବି- ଏତେ ଦୀର୍ଘବାଟ, ସାରାଟା ଜୀବନ ! ସେତିକିବେଳେ ମୁଁ କବିତା ଲେଖିଲି 'ହରାଇବା ପରେ'– ଯେଉଁଥିରେ ଚୋରଙ୍କ ଦାଉ ସହ ସ୍ୱାର୍ଥପର ଲୋକଙ୍କ ଦାଉ ମୋତେ ଖୁବ୍ ବେଶି ଆହତ କରିଥିଲା । 'ଗ୍ରସ୍ତ ସମୟ' କବିତା ମଧ୍ୟରେ ତାହାକୁ ପରିପ୍ରକାଶ କରି ଦେଇଛନ୍ତି । କବିତାଟିର ମର୍ମ ଏପରି ଥିଲା– "ହରାଇବା ଦୁଃଖ କେତେବଡ଼ ବୋଝ / ବେଳେବେଳେ ଫାଟିଯାଏ ଛାତି / ମୋର ବୋଲିବା ଏକ ଆସ୍ଫାଳନ / ମୁଁ ନିଜେ ଅନ୍ଧାର ରାତି, ଛାତିଥରା ହେମାଳ ପବନ / ସ୍ୱାର୍ଥପର ମଣିଷ ହାତରେ / ଚାବୁକ୍‌ରେ ମୋ ବାହାର, ମୋ ଭିତର ରକ୍ତରେ ଭାସିଲା ।" (ଶୈଶବରୁ ସଂସାର, ପ୍ରତିଭା ଶତପଥୀ, ପୃ- ୨୭) ବାସ୍ତବିକ୍ ଏଥିରୁ ଅନୁଭୂତ ହୁଏ ଯେ, ମଣିଷ ଯେତେବେଳେ ଦୁଃଖରେ ଭାଙ୍ଗିପଡ଼େ ବା ତା'ର ଚାଲିବାର ପଥ ରୁଦ୍ଧ ହୋଇଯାଇଥାଏ, ସେହି ସମୟରେ ହିଁ ସେ ଅଣ୍ଟାସଳଖି ଠିଆ ହେବାର ଶକ୍ତି ପାଇଥାଏ । ଯେପରିକି ପ୍ରତିଭା ଆମପାଇଁ ବଡ଼ ଉଦାହରଣ ଦେଇଗଲେ, ଏହିଭଳି ପରିସ୍ଥିତିରେ ହିଁ ସେ ଆଜୀବନ ସାହିତ୍ୟ ସାଧନାକୁ ନିଜ ଜୀବନର ବ୍ରତ ରୂପେ ଗ୍ରହଣ କରି ନେଇଥିଲେ ।

କବିତାରେ ନାରୀ ଜୀବନର ବହୁ ସଂବେଦନଶୀଳ ଅନୁଭବକୁ ସଫଳ ରୂପ ଦେବାରେ ସେ ଥିଲେ ସିଦ୍ଧହସ୍ତ । 'ଶୈଶବରୁ ସଂସାର' ଯେହେତୁ ଏକ ନାରୀର ଆତ୍ମଜୀବନୀ ତେଣୁ ଏଥିରେ ନାରୀ ଜୀବନର ବହୁ ଘଟଣାକୁ ଟିକିନିଖି କରି ବର୍ଣ୍ଣନା କରିବା ସହ ସାହିତ୍ୟିକଙ୍କ ଆତ୍ମଜୀବନୀ ଭାବେ ତାଙ୍କର କବିତା ପୁସ୍ତକ କଥା ଆଲୋଚନା କରିଛନ୍ତି । କ୍ଷେତନାନୀ, ନାମ ତା'ର କ୍ଷେତ୍ରମଣି ସାହୁ । ନିଜ ମାଆ ପେଟର ଭଉଣୀ ନୁହନ୍ତି-କିନ୍ତୁ ସେ ଯେଉଁ ଗୀତ ଗାଆନ୍ତି, ସେଥିରେ ପ୍ରତିଭା ଶତପଥୀ ମନ୍ତ୍ରମୁଗ୍ଧ ହୋଇ ଲେଖି ବସନ୍ତି କବିତା 'ଗ୍ରସ୍ତ ସମୟ' ଏବଂ 'ନିମିଷେ ଅକ୍ଷର' । ସେହିପରି ତାଙ୍କର ଅଜାଙ୍କୁ ନେଇ ଲେଖିଥିଲେ 'ମାମୁଘର' କବିତା । ପ୍ରତିଭାଙ୍କ ଆତ୍ମଜୀବନୀରେ ସବୁଠୁ ଆକର୍ଷଣୀୟ ଦିଗ ହେଉଛି ଆଜି, ଅର୍ଥାତ୍ ଏକବିଂଶ ଶତାବ୍ଦୀରେ ସେ ନିର୍ଯାତିତ ନାରୀର କଥା କହିଛନ୍ତି । ଅନ୍ୟ କେହି ନୁହେଁ, ସେ ନିଜେ ପତିଙ୍କଠାରୁ ଏପରି ଭୋଗ କରିଛନ୍ତି । ଆମ ଦେଶ ଦୀର୍ଘ ୭୪ ବର୍ଷ ହେଲା ସ୍ୱାଧୀନତା ପାଇଥିଲେ ସୁଦ୍ଧା କେତେ ଯେ ନାରୀ ଆଜି ମଧ୍ୟ ଲିଙ୍ଗଗତ ବୈଷମ୍ୟର ଶିକାର ହେଉଛନ୍ତି, ତାହା କେବଳ ଜଣେ ଅନୁଭବୀ ହିଁ ଜାଣେ । ସେ ନିଜେ ହିଁ କୁହନ୍ତି– "୧୦୩ ଡିଗ୍ରୀ ଜ୍ୱରରେ ଯେତେବେଳେ ଶରୀର କୋମଳଶଯ୍ୟା ଓ ହାତ ଆଉଁସା ଖୋଜେ, ସେତେବେଳେ ବି ମୋତେ ପତ୍ନୀତ୍ୱର ଭୂମିକା ନିଭାଇବାକୁ ପଡୁଥିଲା" । (ଶୈଶବରୁ ସଂସାର, ପ୍ରତିଭା ଶତପଥୀ, ପୃ-୧୫୪) ତାଙ୍କର ସ୍ୱାମୀ ନିତ୍ୟାନନ୍ଦ ଶତପଥୀ ନିଜ ସ୍ତ୍ରୀଙ୍କ ପ୍ରତି ଅତ୍ୟନ୍ତ ବେପରୱା ଥିଲେ । ପ୍ରତିଭା ପ୍ରଥମ ଗର୍ଭାବସ୍ଥାର ମରଣାନ୍ତକ ଯନ୍ତ୍ରଣା ଭିତରେ ଛଟପଟ ହେଉଥିବା ବେଳେ ସ୍ୱାମୀଙ୍କର କହିବା କଥା ଥିଲା, ପିଲା ଜନ୍ମ କାମଟା ଅତ୍ୟନ୍ତ ସାଧାରଣ, ଗଛମୂଳେ ବି ସ୍ତ୍ରୀଲୋକ ପିଲା ଜନ୍ମକରି ପାରୁଛନ୍ତି । ଏକଥା କହିବାର ତାଙ୍କର ଆଦର୍ଶ ଥିଲେ ତାଙ୍କ ବୋଉ । ଯିଏ ଗାଁରେ ଧୂଆଁରୁନ୍ଧା ଅନ୍ତୁଡ଼ିଶାଳରେ ସାତୋଟି ସନ୍ତାନକୁ ଜନ୍ମ ଦେଇଥିଲେ । ସମସ୍ତେ ମଧ୍ୟରେ ସୁସ୍ଥ ଓ ଜୀବିତ ଥିଲେ । ପଥିପାଚନ କ'ଣ ସେ ଜାଣନ୍ତି ନାହିଁ । ସେହି ସାତୋଟି ସନ୍ତାନ ମଧ୍ୟରୁ ଗୋଟିଏ ପୁଅ ହେଉଛନ୍ତି ପ୍ରତିଭାଙ୍କ ସ୍ୱାମୀ, ଯେ ପତ୍ନୀର କୌଣସି ଅନୁରୋଧକୁ ଭ୍ରୂକ୍ଷେପ କରନ୍ତି ନାହିଁ । ଶେଷରେ ସେହି ଗର୍ଭସ୍ଥ ଭ୍ରୂଣ ନଷ୍ଟ ହୋଇଯିବାରୁ ସ୍ୱାମୀଙ୍କର କ୍ରୋଧ ଭାବକୁ ଲକ୍ଷ୍ୟ କରିପାରିଥିଲେ । ସେ କୁହନ୍ତି –"ଚାରି ମାସର ଭ୍ରୂଣ– ମୁଁ କିନ୍ତୁ ସେ ଆଡ଼କୁ ଆଖିଖୋଲି ଅନାଇ ନାହିଁ, କାଳେ ହାତଗୋଡ଼ ବି ତିଆରି ହୋଇଯାଇଥିବାର ଶୁଣିଲି । ଏଭଳି ଯନ୍ତ୍ରଣା ଭୋଗ ମଧ୍ୟରେ ମୁଁ ଲକ୍ଷ୍ୟ କଲି ମୋ ସ୍ୱାମୀଙ୍କର ଅନ୍ୟମନସ୍କତା, କିମ୍ବା ମୁଁ ବୋଧହୁଏ ମୋ ସ୍ୱାମୀଙ୍କଠାରୁ ମାତ୍ରାଧିକ ସହାନୁଭୂତି ଲୋଡୁଥିଲି । ମାତ୍ର ସେହି ୧୯୬୩ ମସିହାର ଭୋଗାଭୋଗ କଲିଜାରେ ଏକ ଗଭୀର ଗାରକାଟି ଦେଲା । ଅର୍ଥାଭାବ, ଅସୁସ୍ଥତା, ସ୍ୱାମୀଙ୍କ କ୍ରୋଧ, ବିରକ୍ତି ସବୁ ମିଶି ମତେ ଟୁକୁରା ଟୁକୁରା କରି ଦେଇଥିଲା ।" (ଶୈଶବରୁ ସଂସାର, ପ୍ରତିଭା ଶତପଥୀ, ପୃ-୧୯୦) କେବଳ ଏତିକି ନୁହେଁ, ସ୍ତ୍ରୀଲୋକମାନଙ୍କୁ ଅବହେଳା କରିବାରେ କେହି ଦୋଷ ଦେଖନ୍ତି ନାହିଁ, ତାହାକୁ ମଧ୍ୟ ନିଜେ ଅଙ୍ଗେ ଲିଭାଇଛନ୍ତି ପ୍ରତିଭା । ନିମ୍ନମଧ୍ୟବିତ୍ତ ପରିବାରରେ ଜଣେ ଅଧ୍ୟାପକ ସ୍ୱାମୀଙ୍କୁ ବିବାହ କଲାପରେ ବି ଖାଦ୍ୟାଭାବ ହିଁ ଘଟୁଥିଲା । ସେହି ଖାଦ୍ୟ ହିଁ ପ୍ରତିଭାଙ୍କ ଭାଗରୁ କଟାହୁଏ । ସମସ୍ତଙ୍କୁ ଖୁସି କରିବାର ମୂର୍ଖତାରେ ଦିନକୁ ଦିନ ଝଡ଼ିକଂଟା ହୋଇ ଯାଉଥିଲେ । ମାତ୍ର ସ୍ୱାମୀଙ୍କର ସହାନୁଭୂତି, ସ୍ତ୍ରୀଙ୍କ ପ୍ରତି ଚିନ୍ତିତ ହେବା ଦେଖି ନ ଥିଲେ, ବରଂ ସ୍ୱାମୀଙ୍କର ମତ ଥିଲା- ସ୍ତ୍ରୀଲୋକ ଅଳ୍ପ ଟିକେ ଖାଇବା ହେଲେ ତାଙ୍କର ଚଳେ, ବରଂ ଚରିତ୍ରବତ୍ତା ଅତ୍ୟନ୍ତ ଜରୁରୀ । ମାତ୍ର ପୁରୁଷ ଲୋକର ସ୍ୱାଧୀନତା ବେଶି । ତା'ର କଥା ହେଉଛି ଆଇନ୍ । ତା'ର ଦୁଇଟି ଜୀବନ, ଗୋଟିଏ ସତ୍ ହୋଇପାରେ, ଅପରଟି ଅସତ୍ ହୋଇପାରେ । ତା'ର ଚାରିତ୍ରିକ ଦୁର୍ବଳତା ଧର୍ତ୍ତବ୍ୟ ନୁହେଁ । କି ଅନୈତିକତା ଦୋଷ ନୁହେଁ । ପୁରୁଷମାନେ ହିଁ ଭଲ ଖାଇବେ, ନାରୀମାନେ ନୁହେଁ । ଏହି ପ୍ରକାର କଥା ଶୁଣିସାରିବା ପରେ ପ୍ରତିଭା କେବଳ ଅନୁଭବ କରୁଥିଲେ, ମଣିଷ ବୋଧେ ଦେଖିକି କିଛି ଶିଖେ

ନାହିଁ, ନିଜେ ଅଙ୍ଗେ ଲିଭାଇଲେ ହିଁ ବୁଝିଥାଏ । ତା' ପରଠାରୁ ସଂସାର ପାଖରେ କିଛି ଦାବି ନ ରଖିବା ନିମିତ୍ତ ଅଭ୍ୟାସ କରି ନେଇଥିଲେ ଏବଂ ନିଜକୁ କବିତା ମଧ୍ୟରେ ହଜାଇ ଦେଲେ । ବାସ୍ତବିକ୍ ତାଙ୍କର ମନେହେଲା କବିତାଠାରୁ ଆଉ ଶ୍ରେୟ କିଛି ନାହିଁକି ପ୍ରେୟ ବି କିଛି ନାହିଁ । ଏହି ସାଂସାରିକ ଜୀବନର ମୋହଭଙ୍ଗର ଚିତ୍ର ତାଙ୍କର 'ଅସ୍ତ ଜହ୍ନର ଏଲିଜି' ୧୯୬୬ କବିତାରେ ପ୍ରତିଫଳିତ । "କାମନା ତୁ ମାୟାମୃଗ / ମୋ ପତିକୁ ଲୁବ୍ଧ କଲୁ / ମୋତେ କଲୁ ନିର୍ଯ୍ୟାତିତ / ହତାଶାର ଅଶୋକ ବନରେ / ଇନ୍ଦ୍ରଧନୁ ଭାଙ୍ଗିଗଲା, ବୁଣିଗଲା ସାତରଙ୍ଗ / ମାଟିରେ ଓ ଗଛରେ ଲଟାରେ ।" (ଶୈଶବରୁ ସଂସାର, ପ୍ରତିଭା ଶତପଥୀ, ପୃ-୧୫୫) ବାସ୍ତବିକ୍ ଏଥିରୁ ଅନୁମେୟ ହୁଏ ଯେ, ତାଙ୍କ ପାଇଁ କବିତା ଥିଲା ମାଟି ଓ ଆକାଶ ଭଳି ପରସ୍ପର ସଂଲଗ୍ନ, ନିବିଡ଼ ପୁଣି ଗୋଟିଏ ଅପରର ପରିପୂରକ ।

ପ୍ରତିଭା ଦେବୀ ନିଜେ ଚାରି-ଚାରୋଟି ସନ୍ତାନର ଜନନୀ ହୋଇ ମଧ୍ୟ ତାଙ୍କ ପାଖରେ କାମକ ରୁଥିବା ଚାକର ପିଲାଟି ପ୍ରତି ମାୟାମୋହ ଜାଗିଉଠିଛି । ଯେତେବେଳେ ସେହି ପିଲାଟି ବଜାରରୁ ଫେରି ବନ୍ଦ କବାଟରେ ମା' ବୋଲି ଡାକପକାଏ ସେତେବେଳେ ପ୍ରତିଭା ଅନୁଭବ କରନ୍ତି ଯେପରି ସେ ତାଙ୍କର ପୁଅ ଆଉ ପ୍ରତିଭା ତାଙ୍କର ମା' । ଗୋଟେ ମାତୃତ୍ୱ ଭାବ ଅନୁଭବ କରନ୍ତି, ଯାହା ତାଙ୍କର ଅସ୍ତିତ୍ୱକୁ ପ୍ରଶସ୍ତ କରିଦିଏ । ବହୁଦିନ ପରେ ଜଣେ କବୟିତ୍ରୀ ଭାବରେ ଏଇ ଅନୁଭବ ପ୍ରକଟିଛି ତାଙ୍କର 'ମହାମେଘ' କବିତା ସଂକଳନର 'ଜନନୀ' କବିତାରେ । କବିତାଟିଏ ଏହିପରି- "ସବୁ ଶିଶୁଙ୍କର ସେହି 'ମାଆ' ଡ଼ାକ / କର କର ହସ, କଳ ଉତୁରା କ୍ଷୀର / ଏପରିକି, ମୋ ଚାକର ପିଲାର / 'ମାଆ' ଡାକରେ ମୁଁ ଚମକି ପଡ଼େ / ସତେକି ସେ ମୋ କୋଳର / ମୋ ରକ୍ତର, ଗର୍ଭକଷ୍ଟର ।" (ଶୈଶବରୁ ସଂସାର, ପ୍ରତିଭା ଶତପଥୀ, ପୃ-୧୯୫) ଏହା ସତ୍ୟ ଯେ, ଏହି କବିତା ଗୁଡ଼ିକୁ ଆକଳନ କଲେ ପ୍ରତିଭା ଦେବୀଙ୍କ ଜୀବନରେ ଘଟିଯାଇଥିବା ଘଟଣା ଗୁଡ଼ିକ ତନ୍ନ ତନ୍ନ କରି ଦିଶିଯାଇଥାଏ । ସେଥିରେ ଅଛି ହର୍ଷ, ବିଷାଦ, ସ୍ୱପ୍ନ, ମାତୃତ୍ୱର ଅନୁଭବ, ବଂଚି ରହିବାର ରାହା, ମର୍ମସ୍ତାପ ଇତ୍ୟାଦି । ଅନ୍ୟ ଏକ କଥାଟି ଏଠାରେ କହିଲେ ଯୁକ୍ତିଯୁକ୍ତ ହେବ, ତାହା ହେଉଛି 'ରବିବାସରୀୟ ସାହିତ୍ୟ ସଂସଦ' ଏବଂ 'ଯୁବ ସମ୍ମିଳନୀ'ର କଥା । ୧୯୬୨ ମସିହା, ଲେଖିକା କଲେଜରେ କବିତା ମନସ୍କ ହୋଇ ବାଟ ଖୋଜୁଥାନ୍ତି, ଯିବେ କୁଆଡ଼େ ? ପଂହଚିବେ କେଉଁଠି । ସେହି ସମୟରେ ସେ ଶୁଣିବାକୁ ପାଇଲେ ଯେ 'ରବିବାସରୀୟ ସାହିତ୍ୟ ସଂସଦ' ଖୁବ୍ ଲୋକପ୍ରିୟ ହୋଇଉଠୁଛି । ସବୁ ଯୁବକବି, ସାହିତ୍ୟିକ ପ୍ରତି ରବିବାର ଦିନ ଦି'ପ୍ରହରେ ସେଠାରେ ଏକାଠି ହୋଇ କବିତା ପଠନ, ଆଲୋଚନା କରୁଛନ୍ତି । ଏହି ଆଲୋଚନାରେ ଭାଗ ନେବା ପାଇଁ ଲେଖିକା, ତାଙ୍କର ଜଣେ ବନ୍ଧୁ ଏବଂ ଝୁନା ଅପା ଅର୍ଥାତ୍ ନାରୀ ଲେଖିକା 'ପ୍ରତିଭା ରାୟ' ବାହାରିଗଲେ । ସେଠାରେ ପଂହଚି ଦେଖନ୍ତି ସାହିତ୍ୟ ସଂସଦ ବୈଠକରେ ଉପସ୍ଥିତ ଥା'ନ୍ତି କବି କୈଳାସ ଲେଙ୍କା, ରବୀନ୍ଦ୍ର ପ୍ରସାଦ ପଣ୍ଡା, ଅବସର ବେଉରିଆ, ରାଜାରାମ ମିଶ୍ର, ନିତ୍ୟାନନ୍ଦ ଶତପଥୀ, ସରୋଜ ରଞ୍ଜନ ମହାନ୍ତି ଓ ଆହୁରି କେତେଜଣ । ଅନେକ ମଧ୍ୟ ଥାଆନ୍ତି, ଯାହାଙ୍କୁ ପ୍ରତିଭା ଦେବୀ ଚିହ୍ନି ନାହାନ୍ତି । ସେଠାରେ ଦୁଇଘଣ୍ଟା କାଳ ଆଲୋଚନା ସରଗରମ ହେଲା । ସେଠାରେ ଉପସ୍ଥିତ ଥିବା ବର୍ଷୀୟାନ କବିମାନେ ପାଟିକରି କହୁଥାନ୍ତି 'Eliot' ଯା କହିଲା, ତା'କହିଲା, କିନ୍ତୁ ଲେଖିକା ସେ ସବୁଥିରେ ମୁଣ୍ଡ ନ ଖେଳାଇ ନିଜ ନିଜର କବିତାମାନ ପାଠକରି ସେଠାରୁ ଚାଲି ଆସିଥିଲେ । କିନ୍ତୁ ପରମୂହୁର୍ତ୍ତରେ ଜଣେ ଅଗ୍ରଜ ଲେଖକଙ୍କଠାରୁ ଶୁଣିବାକୁ ପାଇଥିଲେ ଯେ, ଏମାନେ ଅର୍ଥାତ୍ ନାରୀକବି ତିନିଜଣ କାହିଁକି ସେଠାକୁ ଯାଇଥିଲେ- ଏମାନଙ୍କ କବିତା ଅପେକ୍ଷା ଦେହର ଭୂଗୋଳ ସେଠାରେ ବେଶି ଚର୍ଚ୍ଚିତ ହୋଇଥିବ । ଏହିପରି ମନ୍ତବ୍ୟକୁ ପ୍ରତିଭା ଦେବୀ ଗ୍ରହଣ କରି ନଥିଲେ ମଧ୍ୟ ମନର କଷ୍ଟକୁ ସହି ପାରିନଥିଲେ । ସେହିଦିନ ପ୍ରତିଭା ଦେବୀଙ୍କର ଥିଲା ରବିବାସରୀୟ ସାପ୍ତାହିକ ଅଧିବେଶନରେ ଯୋଗଦାନ କରିବା ପ୍ରଥମ ଓ ଶେଷ । ଏସବୁ ସତ୍ତ୍ୱେ ସେ କବିତାର ହାତଛାଡ଼ି ନଥିଲେ । ସେ କହନ୍ତି- "ଆକାଶ ଓ ମାଟିର ଆଲିଙ୍ଗନ ସ୍ୱପ୍ନ ମଧ୍ୟରେ ଆସେ, ଆସେ ନିଶାନ୍ତର ଶିଶିରଭିଜା ସୁଗନ୍ଧ । ତାରା ଯେତିକି ଡାକେ, ସେତିକି ଡାକେ ନଈର ଧୀର ସୁଅ । ସାରା ଜଗତ ଗୋଳି ହୋଇଯାଆନ୍ତି ମୋର ଅସ୍ତିତ୍ୱରେ । କଳିଜା ଟୁକୁରା ଟୁକୁରା ହୋଇ ଛିଟ୍‌କି ପଡ଼େ ବ୍ରହ୍ମାଣ୍ଡସାରା । ଗଛର କୋଳି ପରି, ସନ୍ଧ୍ୟାକାଶର ତାରା ପରି, ବର୍ଷାଋତୁର ବାଦଲ ପରି, ଶରତର ଶେଫାଳି ପରି କବିତା ଉଦ୍‌ଗତ ହୋଇଉଠେ ।" (ଶୈଶବରୁ ସଂସାର, ପ୍ରତିଭା ଶତପଥୀ, ପୃ- ୧୯୮) କଲେଜର ପ୍ରଥମ ବର୍ଷ, ଦ୍ୱିତୀୟବର୍ଷ ବେଳକୁ ପ୍ରାୟ ଶହେରୁ ଅଧିକ କବିତା ପ୍ରଜାତନ୍ତ୍ର (ନାରୀଜଗତ), ସମାଜ (ମହିଳା ମହଲ), କଳିଙ୍ଗ (ଯୁଗ୍ମମାନବୀ), ଆସନ୍ତାକାଲି, ସମାବେଶ, ଦିଗନ୍ତ, ଆଗାମୀ, ରଶ୍ମି ଆଦି ପତ୍ରପତ୍ରିକାରେ ନିୟମିତ ପ୍ରକାଶ ପାଇ ସାରିଥିଲା । ତାଙ୍କ କବିତାରେ ସମସ୍ତେ ଏପରି ମନ୍ତ୍ରମୁଗ୍ଧ ହୋଇଯାଇଥିଲେ ଯେ, ପ୍ରାକ୍ଟିକାଲ କ୍ଲାସ୍ କିମ୍ବା କଲେଜ ମଧ୍ୟରେ କେହି ସାର୍‌ମାନେ ଦେଖାହେଲେ ପଚାରନ୍ତି, ତୁମେ ସେହି ପ୍ରତିଭା ଶତପଥୀ ନା ଯାହାଙ୍କର ନିୟମିତ କବିତା ପ୍ରକାଶ ହେଉଛି ? ଏପରିକି ଦିନେ ଦିନେ ପ୍ରତିଭା ଶ୍ରେଣୀ

ଗୃହକୁ ପ୍ରବେଶ କଲାବେଳକୁ ଦେଖନ୍ତି ସହପାଠୀମାନେ ତାଙ୍କର ସଦ୍ୟ ପ୍ରକାଶିତ କବିତାର ଦୁଇଧାଡ଼ି ବ୍ଲାକ୍‌ବୋର୍ଡ଼ରେ ଲେଖି ଦେଇଥିବେ । ଏଥିରୁ ଅନୁଭୂତ ହୁଏ ଯେ ସତେ ଯେମିତି ତାଙ୍କ ସ୍ମୃତିର ପେଡ଼ିରେ ଅପାସୋରା ଅଜସ୍ର କମନୀୟ ଶବ୍ଦର ଚିତ୍ରପଟ୍ଟକୁ ସାଇତି ରଖିଛନ୍ତି ସଯତ୍ନରେ । ଏହା ପରେ ପରେ ୧୯୬୨ ରେ କବିତା ପାଇଁ ଯେଉଁ 'ପ୍ରଜାତନ୍ତ୍ର ପୁରସ୍କାର'ଟି ପାଇଲେ, ତାହା ତାଙ୍କ କବିତା ରଚନାକୁ ଅଧିକତର ଉତ୍ସାହିତ କରିଥିଲା । ସେ ଆଉ ପଛକୁ ଚାହିଁ ନାହାନ୍ତି । ଜୀବନର ବାଧା-ବନ୍ଧନକୁ ଭ୍ରୂକ୍ଷେପ ନ କରି ନାନା ଅନୁଭବ, ଅଭିଜ୍ଞତାକୁ କବିତା ମଧ୍ୟରେ ଅଜାଡ଼ି ଦେଇ କବିତାକୁ ନିଜ ଜୀବନ ସହ ଏକାକାର କରି ଦେଇଛନ୍ତି ବୋଲି ସ୍ୱୀକାର କରାଯାଇ ପାରେ ।

**ସହାୟକ ଗ୍ରନ୍ଥସୂଚୀ :**


୧. ପାଢ଼ୀ, ବେଣୁଧର, ଓଡ଼ିଆ ସାହିତ୍ୟର ଇତିହାସ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ, ପ୍ରଥମ ସଂସ୍କରଣ, ୨୦୧୫ ।

୨. ପାତ୍ର, ରଞ୍ଜିତା, ଆଲୋଚନା ଓ ସମାଲୋଚନା, କିତାବ ଭବନ, ଭୁବନେଶ୍ୱର, ୨୦୧୫ ।

୩. ପଟ୍ଟନାୟକ, ପଠାଣି, ଜୀବନୀ ସାହିତ୍ୟ- ଏକ ଅଧ୍ୟୟନ, ଓଡ଼ିଆ ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ, ୨୦୦୫ ।

୪. ଶତପଥୀ, ପ୍ରତିଭା, ଶୈଶବରୁ ସଂସାର, ବିଦ୍ୟାପୁରୀ ବାଲୁବଜାର, କଟକ, ନୂତନ ସଂସ୍କରଣ ୨୦୧୬ ।

୫. ସିଂହ, ବିଜୟାନନ୍ଦ, ଆତ୍ମଜୀବନୀ ପ୍ରସଙ୍ଗ, କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର୍, ବାଲୁବଜାର କଟକ, ପ୍ରଥମ ସଂସ୍କରଣ, ୨୦୦୪ ।

୬. ମହାରଣା, ସୁରେନ୍ଦ୍ର କୁମାର, ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଶା ବୁକ୍‌ଷ୍ଟୋର, ବିନୋଦ ବିହାରୀ, କଟକ, ତୃତୀୟ ସଂସ୍କରଣ, ୨୦୧୫ ।

୭. ସାମଲ, ଜ୍ୟୋତିରଞ୍ଜନ, ଓଡ଼ିଆ ଆତ୍ମଚରିତ; ଏକ ଅଧ୍ୟୟନ, କଲ୍ୟାଣୀନଗର, କଟକ, ପ୍ରଥମ ସଂସ୍କରଣ, ୨୦୦୩ ।

୮. ସାମଲ, ବୈଷ୍ଣବ ଚରଣ, ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା, ଓଡ଼ିଶା ବୁକ୍‌ଷ୍ଟୋର, ବିନୋଦବିହାରୀ, କଟକ, ୨୦୦୪ ।


❖ ❖ ❖

DOI : https://doi.org/10.5281/zenodo.12789790 ମୂଳ ପ୍ରବନ୍ଧ

# ଗାଳ୍ପିକ ଅଖିଳମୋହନ ପଟ୍ଟନାୟକଙ୍କ ଗଳ୍ପରେ ନାଟକୀୟ ତାର ସ୍ୱର ଓ ସ୍ୱାକ୍ଷର

**ରୁଦ୍ର ପ୍ରସାଦ ମିଶ୍ର**

ସମାଜ ସହିତ ସାହିତ୍ୟର ସମ୍ପର୍କ ଅତି ନିବିଡ଼ ଅଟେ । ସାହିତ୍ୟ ସମାଜପାଇଁ ଏବଂ ସମାଜର ବୃହତ୍ତର କଲ୍ୟାଣ ପାଇଁ ସୃଷ୍ଟି ହୁଏ । ସମାଜର ବୃହତ୍ତର ସ୍ୱାର୍ଥ ଆଖିଆଗରେ ରଖି ସାହିତ୍ୟିକଟିଏ ସାହିତ୍ୟ ରଚନା କରେ । ସାହିତ୍ୟରେ ସମାଜ ଚେତନା ଏକ ପ୍ରମୁଖ ବିଷୟ ଅଟେ । ବସ୍ତୁରୂପ ଓ ଭାବରୂପର ମିଳନରେ ଶିଳ୍ପୀ ଆଙ୍କେ ସାହିତ୍ୟର ନୈସର୍ଗିକ ରୂପ । ସାହିତ୍ୟ ଏହି ନୈସର୍ଗିକ ସମାଜ ସହ ତାଳଦେଇ ଆଗକୁ ଆଗକୁ ବଢିଚାଲେ । ସ୍ୱାଧୀନତାର ପ୍ରାକ୍‌କାଳରୁ କ୍ଷୁଦ୍ରଗଳ୍ପ ରଚନା କରି ସ୍ୱାଧୀନତା ପରବର୍ତ୍ତୀ କାଳରେ ଜଣେ ମନସ୍ୱୀ କଥାକାର ଭାବରେ ଶ୍ରୀଯୁକ୍ତ ଅଖିଳ ମୋହନ ପଟ୍ଟନାୟକ ପ୍ରତିଷ୍ଠା ଅର୍ଜନ କରିଥିଲେ । ଅବିଭକ୍ତ ପୁରୀ ଜିଲ୍ଲା ଅନ୍ତର୍ଗତ ଖୋର୍ଦ୍ଧାଠାରେ (ଅଧୁନା ଖୋର୍ଦ୍ଧା ଜିଲ୍ଲା) ଏହି ଯଶସ୍ୱୀ କଥାକାରଙ୍କ ଜନ୍ମ ହୋଇଥିଲା । 'ଝଡ଼ର ଈଗଲ ଓ ଧରଣୀର କୃଷ୍ଣସାର', 'ଅନ୍ଧଗଳି', 'ପ୍ରଥମ ଓ ଶେଷ', 'ନଦୀର ନାମ ଗଣତନ୍ତ୍ର' ଇତ୍ୟାଦି ଗଳ୍ପ ପୁସ୍ତକ ପାଇଁ ସେ ପ୍ରସିଦ୍ଧ । 'ଗୋଟିଏ କୁକୁରର କଥା' ଗଳ୍ପଟି ମାନବତାର ଚରିତ୍ର ମାଧ୍ୟମରେ ମଣିଷ ଜୀବନର ଜୀବନ ପ୍ରତି ଏକ ସମ୍ବେଦନାତ୍ମକ ଅଭିବ୍ୟକ୍ତି । ୧୯୨୭ ମସିହାରେ ଜନ୍ମିତ ଶ୍ରୀଯୁକ୍ତ ଅଖିଳ ମୋହନ ପଟ୍ଟନାୟକ ୧୯୮୨ ମସିହାରେ ଧରାଧାମ ତ୍ୟାଗ କରିଥିଲେ ସୁଦ୍ଧା ଓଡ଼ିଆ ଗଳ୍ପ ସାହିତ୍ୟରେ ସୁସ୍ପଷ୍ଟ ପଦାଙ୍କ ଛାଡ଼ି ଦେଇଗଲେ । ଅଖିଳ ମୋହନଙ୍କ ଶିକ୍ଷାଗତ ଯୋଗ୍ୟତା ଥିଲା ସ୍ନାତକ ଓ ଆଇନ୍‌ଶାସ୍ତ୍ରରେ ସ୍ନାତକ । ବୃତ୍ତିରେ ସେ ଜଣେ ଓକିଲ ଥିଲେ । କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ, ଗଳ୍ପ ଓ ଭ୍ରମଣକାହାଣୀ ରଚନାକାରୀ ଅଖିଳ ମୋହନ ନିଜସ୍ୱ ପରିଚୟ ଗଳ୍ପ ମାଧ୍ୟମରେ ହିଁ ଦେଇ ପାରିଥିଲେ ।

ଅଖିଳ ମୋହନଙ୍କ କ୍ଷୁଦ୍ରଗଳ୍ପର ମାର୍କସୀୟ ଆଭିମୁଖ୍ୟଟି ଏକ ଭିନ୍ନ ମୋଡ଼ ନେଇଛି । ସ୍ୱାଧୀନତା ପରେ ପରେ ଏ ଦେଶର ତ୍ୟାଗୀ ଗାନ୍ଧିବାଦୀମାନେ ଅତ୍ୟନ୍ତ ଭୋଗୀ ପାଲଟି ଯାଇଛନ୍ତି । ଫଳରେ ଭାରତବର୍ଷକୁ ସୁନ୍ଦର ଓ ଅନୁପମ କରି ଗଢ଼ିବାର ସଂକଳ୍ପଟି ଆଜି ଅଶେଷ ପ୍ରତାରଣା ଯୋଗୁଁ ଭାଙ୍ଗିରୁଜି ଯାଇଛି । ଏହା ଦ୍ୱାରା ଯେମିତି ଧନୀ ଲୋକଙ୍କର ଧନ ବଢ଼ିଛି, ସେମିତି ବି ଦେଶରେ ଦୁର୍ନୀତି ବଢି ଚାଲିଛି । ତେଣୁ ଏହି ସମୟରେ କ୍ଷୁଦ୍ରଗଳ୍ପ ମାଧ୍ୟମରେ ଅନ୍ୟ ସମସାମୟିକ ଓଡ଼ିଆ ଗାଳ୍ପିକମାନଙ୍କ ପରି ଅଖିଳମୋହନ ମଧ୍ୟ ପୁଞ୍ଜିପତିମାନଙ୍କର ସ୍ୱାର୍ଥ ବିଷୟରେ ପ୍ରଶ୍ନ ଉଠାଇ ପ୍ରତିକ୍ରିୟାଶୀଳ ହୋଇଛନ୍ତି ।

ଦୁଇ ଦୁଇଟି ବିଶ୍ୱଯୁଦ୍ଧର ଭୟାବହତା ଅଖିଳ ମୋହନଙ୍କର ପରୋକ୍ଷ ଅନୁଭୂତି ହେଲେ ହେଁ କ୍ରମଶଃ ଏହାର ପ୍ରଭାବ ତାଙ୍କ ଗଳ୍ପରେ ପ୍ରତିଫଳିତ ହୋଇଛି । ମାନବ ସଭ୍ୟତାର ଇତିହାସରେ ଏପରି ନାରକୀୟ ଘଟଣାର ଜୀବନ ମରଣ ଭିତରେ ଗାଳ୍ପିକ ଆଉ କୌଣସି ପାର୍ଥକ୍ୟ ଦେଖିପାରି ନାହାନ୍ତି । ଏହି ସଂକଟରୁ ମଣିଷର ଅସ୍ତିତ୍ୱକୁ ନେଇ ତାଙ୍କ ମନରେ ନାନା ପ୍ରଶ୍ନ ଉଠିଛି ଏବଂ ଆଗାମୀ ଦିନଗୁଡ଼ିକ ନାନା ଅନ୍ଧକାର ମଧ୍ୟରେ ବିଲୁପ୍ତ ହେବାର ଅନୁଭବ ମଧ୍ୟ ଆସିଛି । ଗାଳ୍ପିକ ଅଖିଳମୋହନ ପାରମ୍ପରିକ ସୂତ୍ରଟିକୁ ଧରି ଭାଗ୍ୟ ଓ ଭଗବାନଙ୍କ ନିକଟରେ ଋଣୀ ହେବାକୁ ତତ୍କାଳୀନ ସମୟର ଆହ୍ୱାନରେ ଆଉ ଚାହିଁ ନାହାନ୍ତି । ସମସ୍ୟାଟି ସୁଦୂର ହେଲେ ବି ତାହା ତାଙ୍କ ମାନସିକ ସ୍ତରକୁ ଛୁଇଁବାରେ ବିଳମ୍ବ କରିନାହିଁ । ଫଳରେ ତାଙ୍କ ଭାବନା ଆନ୍ତର୍ଜାତିକ ଭାବାପନ୍ନ ହୋଇଉଠି ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଓଡ଼ିଆ କ୍ଷୁଦ୍ରଗଳ୍ପ ଜଗତରେ ଦେଖା ଦେଇଥିବା ପରିବର୍ତ୍ତନ ଧାରା ସହିତ ସାମିଲ୍ ହୋଇଯାଇଛି । ତାଙ୍କ ଗଳ୍ପଗୁଡ଼ିକରେ ବ୍ୟକ୍ତିର ଉଭୟ ସାମାଜିକ

**ଯୋଗାଯୋଗ :**
ଡ. ରୁଦ୍ର ପ୍ରସାଦ ମିଶ୍ର, (ଓଡ଼ିଆ ବିଭାଗ)
କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ
**E-Mail ID:** rudrabindas2009@gmail.com
**ORCID ID:** -https://orcid.org/0009-0001-2285-7983

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨୪.୫.୨୦୨୪ | ୧୮.୬.୨୦୨୪ | ୨୫.୬.୨୦୨୪ | ୧.୭.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମିଶ୍ର, ରୁଦ୍ର ପ୍ରସାଦ., ୨୦୨୪ । ଗାଳ୍ପିକ ଅଖିଳମୋହନ ପଟ୍ଟନାୟକଙ୍କ ଗଳ୍ପରେ ନାଟକୀୟ ତାର ସ୍ୱର ଓ ସ୍ୱାକ୍ଷର । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଘ, ପୃଷ୍ଠା :୪୧-୪୩ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at :
https://pracheenews.com/

DOI:
https://doi.org/10.5281/zenodo.12789790
ArticleNo-BPPP00210

ପରିପାର୍ଶ୍ୱ ଓ ତା' ବ୍ୟକ୍ତି ମନର ଖିଆଲ ବିଷୟବସ୍ତୁ ଭାବେ ପରିଦୃଷ୍ଟ ହୋଇଛି । ବ୍ୟକ୍ତି ମାନସର ଅନ୍ଧାରିମୂଳକ ଓ ବ୍ୟକ୍ତିପ୍ରବଣତା ମଧ୍ୟରୁ ଗାଳ୍ପିକଙ୍କ ମନରେ ଥିବା କାମନା ବାସନାର ଢେଉ ତାଙ୍କ କ୍ଷୁଦ୍ରଗଳ୍ପରେ ଗୁରୁତ୍ୱ ଲାଭ କରିଅଛି ।

ବିଭିନ୍ନ ସମସ୍ୟା ଓ ନିଃସଙ୍ଗତାରୁ ପଚାଶୋତ୍ତର ଓଡ଼ିଆ ଗଳ୍ପରେ ବ୍ୟକ୍ତି ଜୀବନର ଆଶା, ନିରାଶା, ନିଃସଙ୍ଗତାର ଚିତ୍ର, ମଣିଷର ବୌଦ୍ଧିକ ପ୍ରତାରଣା, ରାଜନୈତିକ କପଟତା ଓ ସାମାଜିକ ରୁଚିବୋଧ, ସ୍ଖଳନର ଚିତ୍ର ଅଙ୍କିତ ହେଲା । ମଣିଷର ପାରିବାରିକ ସଂପର୍କ ଓ ପ୍ରେମ ବ୍ୟାପାରକୁ ଫ୍ରୟେଡିୟ ମନସ୍ତତ୍ୱ ବଦଳାଇ ଦେଲା । ତେଣୁ ଅଖିଳମୋହନଙ୍କ ଗଳ୍ପ ମଧ୍ୟ ଅଧିକ ଜୀବନର ନିକଟତର ହୋଇଥିଲା । ସ୍ୱାଧୀନତା ପରେ ଆମର ସାମାଜିକ ଜୀବନ ସବୁଠାରୁ ଅଧିକ ପରିବର୍ତ୍ତିତ ହୋଇଥିଲା । ନୈତିକତା, ଆଧ୍ୟାତ୍ମିକ ପରଂପରା, ରକ୍ଷଣଶୀଳତା ପ୍ରଭୃତିରୁ ଧୀରେ ଧୀରେ ମୂଲ୍ୟବୋଧ ହ୍ରାସ ହେବାକୁ ଲାଗିଲା । ଏହା ବ୍ୟତୀତ ଅଖିଳମୋହନୀୟ ଗଳ୍ପ ସମ୍ଭାରକୁ ତତ୍କାଳୀନ ଅସ୍ତିତ୍ୱବାଦ ମଧ୍ୟ ପ୍ରଭାବିତ କରିଥିଲା । ସୀମାବଦ୍ଧ ନରହି ଅଖିଳମୋହନ ଭାରତ ତଥା ବିଶ୍ୱର ରାଜନୀତିକ, ଆର୍ଥିକ, ସାମାଜିକ, ସାଂସ୍କୃତିକ ପରିବେଶ ଆଡ଼କୁ ଦୃଷ୍ଟିନିକ୍ଷେପ କଲେ । ନୂତନ ଭାବବୋଧ ଓ ନୂତନ ଦୃଷ୍ଟିଭଙ୍ଗୀ ନେଇ ସେ ଗଳ୍ପ ରଚନାରେ ବ୍ରତୀ ହେଲେ । ତାଙ୍କ ରଚିତ 'ଡିମିରିଫୁଲ', 'ରୁବିର ରୁବାୟତ', 'ଝଡ଼ର ଇଗଲ ଓ ଧରଣୀର କୃଷ୍ଣସାର' ଆଦି ଓଡ଼ିଆ କ୍ଷୁଦ୍ରଗଳ୍ପ ସାହିତ୍ୟକୁ ନୂତନ ଚେତନା, ନୂତନ ରୂପ ଦେବାରେ ସମର୍ଥ ହେଲା ।

ଜୀବନର ଅର୍ଥ ଖୋଜିବା ନିଶ୍ଚିତ ଭାବରେ ଏକ ନୂତନ ଅନ୍ୱେଷା । ୧୯୫୦ ମସିହା ପରଠାରୁ ଓଡ଼ିଆ ଗାଳ୍ପିକମାନଙ୍କ ପରି ଅଖିଳମୋହନଙ୍କ ଗଳ୍ପ ମଧ୍ୟ ସବୁଠାରୁ ବେଶୀ ଖୋଜିଛି ବ୍ୟକ୍ତିଗତ ଜୀବନର ଅର୍ଥ ଓ ସ୍ୱରୂପ । ତେଣୁ ଗଳ୍ପଗୁଡ଼ିକରେ ନିଜସ୍ୱ ଜୀବନ ଓ ମୃତ୍ୟୁ ସଂପର୍କରେ ଅନ୍ୱେଷାର ଅନ୍ତ ନାହିଁ । ପୁଣି, ମଣିଷର ନିଃସଙ୍ଗତା, ନୈରାଶ୍ୟର କଥା ଅଧିକ ପରିମାଣରେ ତାଙ୍କ ଗଳ୍ପ ଗୁଡିକରେ ପରିଲକ୍ଷିତ ହୋଇଥାଏ । ଅଖିଳମୋହନ ନିଜ ଗଳ୍ପରେ ଏକ ଅସ୍ଥିର ମଣିଷ, ମୃତ୍ୟୁ ସଚେତନ କାତର ମଣିଷ, ସଂଗ୍ରାମୀ, ସମ୍ବେଦନଶୀଳ, ଭାବପ୍ରବଣ ଓ ଅସହାୟ ମଣିଷକୁ କେନ୍ଦ୍ରବିନ୍ଦୁ କରିଛନ୍ତି । ଯାହାକୁ କେହି ବୁଝିପାରନ୍ତି ନାହିଁ । ସେହି ମଣିଷର ବାହାର ଓ ଭିତର ଆବରଣରେ ପର୍ଥକ୍ୟ ରହିଛି । ବେକାରି ଯୁଗ୍ମ ଜୀବନର ଫାଟ, ପ୍ରେମ, ମୃତ୍ୟୁ, ଦାରିଦ୍ର୍ୟ ହିଁ ଓଡ଼ିଆ ଗଳ୍ପର ମୁଖ୍ୟ ବିଭବ । ତେଣୁ ଅଖିଳମୋହନଙ୍କ ଗଳ୍ପର ଜୀବନ ହେଉଛି ମଣିଷର ବ୍ୟକ୍ତିଗତ ଜୀବନର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ।

ମଣିଷର ଜୀବନ ହେଉଛି ଦ୍ୱନ୍ଦମୟ, ଏହି ଦ୍ୱନ୍ଦମୟ ଜୀବନକୁ ଯେତେବେଳେ କ୍ଷୁଦ୍ର ଗଳ୍ପରେ ରୂପାୟିତ କରାଯାଏ, ସେତେବେଳେ ଲେଖକକୁ ବିଶେଷ ଯତ୍ନଶୀଳ ହେବାକୁ ପଡ଼େ । ସମାଜରେ ମଣିଷ ସହିତ ମଣିଷର ଯେପରି ଦ୍ୱନ୍ଦ ଦେଖାଯାଏ, ସେହିଭଳି ସମାଜ ଆଦର୍ଶ, ଧର୍ମ ଓ ଅନ୍ୟାନ୍ୟ ଭାବଧାରା ସହିତ ତାର ଦ୍ୱନ୍ଦ ଦେଖାଯାଏ । ଦ୍ୱନ୍ଦ୍ୱ ହିଁ ମଣିଷର ମନରେ ସୃଷ୍ଟି କରେ ଆବେଗିକ ଉତ୍କଣ୍ଠା, ତେଣୁ କ୍ଷୁଦ୍ରଗଳ୍ପର ଦ୍ୱନ୍ଦ୍ୱ ଥିଲେ ତାହା ପାଠକକୁ ପଢିବା ପାଇଁ ପ୍ରେରଣା ଦେଇଥାଏ । ଆଜିର କ୍ଷୁଦ୍ରଗଳ୍ପର ଜଟିଳ ମାନସିକ ଦ୍ୱନ୍ଦ୍ୱକୁ ବିଶେଷ ଭାବରେ ସ୍ଥାନ ଦିଆଯାଇଛି । ଏହି ଦ୍ୱନ୍ଦ୍ୱ ହିଁ କ୍ଷୁଦ୍ରଗଳ୍ପରେ ସୃଷ୍ଟି କରେ ନାଟକୀୟ ବାତାବରଣ । ମୋ ପାଁସା ତେଣୁ "Dramatic violence" କୁ କ୍ଷୁଦ୍ରଗଳ୍ପରେ ମୁଖ୍ୟସ୍ଥାନ ଦେଇ ଅଛନ୍ତି । ଏହାଛଡା କ୍ଷୁଦ୍ରଗଳ୍ପରେ (climax) ମଧ୍ୟ ଥାଏ । ହୁଏ ତ ବେଳେ ବେଳେ କ୍ଷୁଦ୍ରଗଳ୍ପର ଆରମ୍ଭ ଏହି କ୍ଲାଇମାକ୍‌ସରୁ ହିଁ ହୁଏ । ପ୍ରାଚୀନ ଗଳ୍ପ ଭଳି ଆଧୁନିକ କ୍ଷୁଦ୍ରଗଳ୍ପର ଆରମ୍ଭ, ବିକାଶ ଶୀର୍ଷ ଅବତରଣ ଓ ପରିଣତି ନ ଥାଏ । ଆଜିର କ୍ଷୁଦ୍ରଗଳ୍ପରେ କୌଣସି ଧରାବନ୍ଧା ନୀତିନିୟମ ନାହିଁ । ତଥାପି ଦ୍ୱନ୍ଦ୍ୱ କ୍ଲାଇମାକ୍‌ସ ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ ।

ସବୁ ଯୁଗରେ ସାହିତ୍ୟ ବାସ୍ତବ ଓ କଳ୍ପନାର ମହାମିଳନରୁ ଜନ୍ମ ନେଇଥାଏ । ଏହା ଏକ ସଚେତନ ଅହଂର ବାସ୍ତବତା ପ୍ରତି ପ୍ରତିକ୍ରିୟା–କଳ୍ପନା ଦଗ୍‌ଧ ନିରୋଳା ଜୀବନ୍ତ ପ୍ରତିକ୍ରିୟା । ଆଧୁନିକ ସାହିତ୍ୟ ବହିର୍ମୁଖୀ କମ୍ ଓ ଅନ୍ତର୍ମୁଖୀ ଆଡ଼କୁ ଅଧିକ ମୁହାଁଇଛି । ଏ ଶତାବ୍ଦୀର ଗଳ୍ପ ମଧ୍ୟ ଆତ୍ମକୈନ୍ଦ୍ରିକ ହେବା ସ୍ୱାଭାବିକ । ସେହି ପରିପ୍ରେକ୍ଷୀରେ ଅଖିଳମୋହନଙ୍କ ଗଳ୍ପର ଭାଷା ବ୍ୟକ୍ତିଗତ, ଆବେଦନ ମଧ୍ୟ ବ୍ୟକ୍ତିଗତ । ଏ ସମୟର ଚରିତ୍ର ହେଉଛନ୍ତି 'ଡିମିରିଫୁଲ' ପରି ନିଜର ଓ ମଣିଷର ବ୍ୟକ୍ତିଗତ ମନସ୍ତତ୍ତ୍ୱକୁ ଗାଳ୍ପିକ ଅଖିଳମୋହନ ସମାଜ ଆଗରେ ସେଥିପାଇଁ ଅତ୍ୟନ୍ତ ସଫଳତାର ସହ ନିଜସ୍ୱ ଭାଷା, ଶୈଳୀ ମାଧ୍ୟମରେ ପରିପ୍ରକାଶ କରିଛନ୍ତି । ନିଜର ଓ ମଣିଷ ମନର ଲୁକ୍‌କାୟିତ ଚେତନାକୁ ସେ ଗଳ୍ପର ଚରିତ୍ର ମାଧ୍ୟମରେ ଦର୍ଶାଇଛନ୍ତି ।

ଅଖିଳ ମୋହନଙ୍କ ଗଳ୍ପକୁ ନାଟକୀୟତା ଚମତ୍କାର ଓ ଅସାଧାରଣ ସ୍ତରକୁ ନେଇପାରିଛି । 'ଗପର ଗଳ୍ପ' ପୁସ୍ତକର ଏକଶହ ଦୁଇ ପୃଷ୍ଠାରେ ଚିତ୍ତରଂଜନ ଦାସଙ୍କ ମନ୍ତବ୍ୟ ହେଲା- "ଆମର ଗାଳ୍ପିକତା ମଧ୍ୟରେ କବିତା ଥାଏ, ନାଟକ ଥାଏ, ନିରୋଳା ନାଟକୀୟତାଗୁଡ଼ାକ ମଧ୍ୟ ଅସୁମାରୀ ପରିମାଣରେ ଓ ଅହେତୁକୀ ନାନା ବ୍ୟଞ୍ଜନାରେ ପୂର୍ଣ୍ଣହୋଇ ରହିଥାଏ ।" ଏ ଦୃଷ୍ଟିରୁ କ୍ଷୁଦ୍ରଗଳ୍ପର ପ୍ରାରମ୍ଭ ଯେପରି ଆକସ୍ମିକ ହୋଇଥାଏ, ତା'ର ସମାପ୍ତି ମଧ୍ୟ ସେହିପରି ଆବେଗପୂର୍ଣ୍ଣ ଓ ଅସମାପ୍ତ ରହିଥାଏ । ସେଠାରେ ବସ୍ତୁତଃ ଜୀବନର ଏକ ଦ୍ୱନ୍ଦ୍ୱମୟ ମୁହୂର୍ତ୍ତଟି ଏକ ବିଶେଷ ଚରିତ୍ରର ଅବଲମ୍ବନରେ ଏପରି ନାଟକୀୟତା ସୃଷ୍ଟି କରେ । ଯାହା କ୍ଷୁଦ୍ରଗଳ୍ପର ଶୈଳୀକୁ ସାର୍ଥକ କରିବା ସଂଗେ ସଂଗେ ତା'ର ସମଗ୍ର ଅନୁଭୂତି ଓ ଆବେଦନକୁ ମଧ୍ୟ ରସାଣିତ କରିଦିଏ । ତେବେ କ୍ଷୁଦ୍ରଗଳ୍ପରେ ଏ ନାଟକୀୟତା ଅନେକ ସମୟରେ ଶୈଳୀଗତ । ଫଳରେ ଦ୍ୱନ୍ଦ୍ୱ, ଉତ୍କଣ୍ଠା, ବିସ୍ମୟ ନାନା ଭାବରେ, ନାନା ପରିସ୍ଥିତିରେ ସୃଷ୍ଟି ହୋଇଥାଏ ଏବଂ ଏହା ଗଳ୍ପକୁ ଅଶେଷ ଉତ୍କଣ୍ଠାରେ ଭରିଦିଏ । ଗଳ୍ପଟିର ପ୍ରବାହ ଭିତରେ ବେଳେବେଳେ ଆଶାତୀତ ଏକ ଏକ ଘଟଣା ଘଟେ ଏବଂ ତାହା ହିଁ ଗଳ୍ପଟିକୁ ନାଟକୀୟ ମୋଡ଼ ଦେଇଥାଏ । ତେଣୁ ପ୍ରକୃତରେ କ୍ଷୁଦ୍ରଗଳ୍ପରେ ନାଟକୀୟତା ସୃଷ୍ଟି ପାଇଁ ଏଠାରେ ଉତ୍କଣ୍ଠା ସହିତ ଆକସ୍ମିକତା ମଧ୍ୟ ସୃଷ୍ଟି କରାଯାଏ । ଘଟଣା ପ୍ରବାହ ଦ୍ୱାରା ଉତ୍କଣ୍ଠା ଜାଗ୍ରତ କରାଇ ଆକସ୍ମିକତା ଦ୍ୱାରା ଏହାର ଅବସାନ କରାଇ ବା ନକରାଇ ଚମତ୍କୃତ କରିବା ଗାଳ୍ପିକର ଲକ୍ଷ୍ୟ ହୁଏ । ଆଲୋଚକ ସୌରିନ୍ଦ୍ର ବାରିକଙ୍କ ମତରେ ଏପରି ଉତ୍କଣ୍ଠା ସୃଷ୍ଟି ତିନୋଟି ବିଶେଷ ପର୍ଯ୍ୟାୟ ଦେଇ କରାଯାଇଥାଏ ।

'ପ୍ରଥମତଃ ଏଠାରେ ଏକ ଘଟଣା ଘଟେ ଏବଂ ଘଟିବାର ପ୍ରବାହ ଭିତରେ ଧୀରେ ଧୀରେ ସତ୍ୟ ପ୍ରକଟିତ ହୋଇଯାଏ । ମାତ୍ର ପ୍ରକୃତରେ

ଯାହା ପ୍ରକଟିତ ହୁଏ, ତା'ଠାରୁ ଅଧିକ ଅପ୍ରକଟିତ ରହିଯାଏ । ଫକୀରମୋହନଙ୍କ 'ରାଣ୍ଡୀପୁଅ ଅନନ୍ତା', ଲକ୍ଷ୍ମୀକାନ୍ତଙ୍କ 'ବୁଢାଶଂଖାରୀ', କାଳିନ୍ଦୀଚରଣଙ୍କ 'ବିଟ୍‌ଘର ଓ ରେଳଗାଡି', ପ୍ରାଣବନ୍ଧୁ କରଙ୍କ 'ପରାହତ', 'ରାଶି', 'ଶିଶୁର ଜନ୍ମ', ଅନନ୍ତପ୍ରସାଦ ପଣ୍ଡାଙ୍କ 'କେଉଁବାଟ ଠିକ୍', 'ଶନିବାର ସନ୍ଧ୍ୟା', 'ଦିଲିକା ଲଡୁ', 'ଆବର୍ତ୍ତ', 'ତଳବରଡ଼ା', ହରିଶ୍ଚନ୍ଦ୍ର ବଡ଼ାଳଙ୍କ 'ସଉଦା', 'ପୂର୍ବବର୍ତ୍ତୀ', 'ମୃତ୍ୟୁର ଅଭିସାର', 'ଚିହ୍ନେ କିଏ', 'ନଦେଖିଲା ପୁଅ', ରାଜକିଶୋର ରାୟଙ୍କ 'ଶେଷ ହୋଇବି ଅଶେଷ', 'ଚରିତ୍ରହୀନ' ଆଦି ଗଳ୍ପରେ ଘାଟଣିକ ନାଟକୀୟତାର ସଫଳ ଚମତ୍କାର ପ୍ରୟୋଗ ଏହି ପ୍ରଥମ ଶ୍ରେଣୀର ।

'ଗଳ୍ପରେ ନାଟକୀୟ ଉତ୍କଣ୍ଠା ସୃଷ୍ଟିର ଦ୍ୱିତୀୟ ବିଶେଷ ପର୍ଯ୍ୟାୟରେ ଘଟଣା ଅତି ସାଧାରଣ ଭାବରେ ଘଟିଥାଏ, ମାତ୍ର ଶେଷରେ ହଠାତ୍ ସବୁ ବଦଳିଯାଏ । ଏହି ଏକ ଆକସ୍ମିକତା ସେଠାରେ ସବୁକିଛି ଓଲଟପାଲଟ କରିଦିଏ । ଗଳ୍ପର ଶେଷ ମୁହୂର୍ତ୍ତଟି ହିଁ ସାରା ଗଳ୍ପଟିକୁ ସଂପୂର୍ଣ୍ଣ ଭିନ୍ନ କରି ତୋଳେ । କଥାବସ୍ତୁର କ୍ରମଗତି ମଧ୍ୟରେ ଏକ ଏକ ଆଶ୍ଚର୍ଯ୍ୟ ଘଟଣା ଘଟେ, ଯାହା ପାଠକର ମନରେ ଉତ୍କଣ୍ଠା ଭରିଦିଏ ଏବଂ ପରିଶେଷରେ ଏପରି ଏକ ଆକସ୍ମିକ ଘଟଣା ଘଟେ ଯାହା ଗଳ୍ପଟିକୁ ସଂପୂର୍ଣ୍ଣ ପୃଥକ୍ ଅନୁଭବରେ ସାର୍ଥକ କରିଦିଏ । ବାଙ୍କନିଧି ପଟ୍ଟନାୟକଙ୍କ 'ଲଛମନିଆ', ରାଜକିଶୋର ରାୟଙ୍କ 'ଦଶହରା ଭେଟି', 'କଳିଙ୍ଗ ଶିଳ୍ପୀ' ଗଳ୍ପଗୁଡ଼ିକ ଏହି ପର୍ଯ୍ୟାୟଭୁକ୍ତ । ଏହି ପର୍ଯ୍ୟାୟଭୁକ୍ତ ଅଖିଳମୋହନ ପଟ୍ଟନାୟକଙ୍କ 'ପକ୍ଷାଘାତ' ଗଳ୍ପରେ କେଉଁଠି ଇନ୍ଦିରାର ଚନ୍ଦ୍ର-ବିଧୂରତା ଗଳ୍ପଟିକୁ ମନ୍ଦାକ୍ରାନ୍ତା କରି ତୋଳେ ତ କେଉଁଠି ଇନ୍ଦିରାର ସବୁ ସ୍ୱପ୍ନର ଇନ୍ଦ୍ରଧନୁ ଜୀବନ ସଂଗ୍ରାମର ଖିଆଲରେ ଅଚିରେ ଭାଙ୍ଗିରୁଜି ଯାଏ । ଏକ ବ୍ୟକ୍ତିବାଦୀ ସ୍ୱପ୍ନ ସଂଭାବନା ଓ ସୁଖ ସୌନ୍ଦର୍ଯ୍ୟର ନିରାଜନା ମଧ୍ୟରେ ଜୀବନର ଲାସ୍ୟମୟୀ ଧାରା ସର୍ବଶେଷରେ ନିଷ୍ଠୁର ବାସ୍ତବତା ନିକଟରେ ସ୍ତିମିତ ହେବାର ଲଗ୍ନ ଏ ଜୀବନକୁ ଯେଉଁ ବିରୋଧାଭାଷର ସମ୍ମୁଖୀନ କରାଏ, ତାହା ହିଁ ଗଳ୍ପଟିର ସାର୍ଥକତା ପାଇଁ ଦାୟୀ ରହେ । ସେଥିପାଇଁ ତାଙ୍କର 'ପୌଷର ଗୋଟିଏ ରାତ୍ରି' ଗଳ୍ପରେ ସ୍ୱପ୍ନ ଏବଂ ବାସ୍ତବତାର ମଝିରେ ଗଳ୍ପଟି ଅପୂର୍ବ ଦୋଳନ ସୃଷ୍ଟି କରି ଚାଲୁ ଚାଲୁ ତହିଁରେ ଯେଉଁ ଆର୍ଥନୀତିକ ସଂପର୍କକୁ ଯୋଡ଼ି ଦିଆଯାଏ, ତାହା ସୁକାନ୍ତକୁ ନୀହାରିକାର ସୁନାର ଦୁଲ୍ ଦୁଇଟିକୁ ହାସଲ କରିବାକୁ ବାଧ୍ୟ କରେ । ସୁକାନ୍ତର ଅପ୍ରତ୍ୟାଶିତ ଆଗମନ ଓ ଝଡ଼ପରି ପ୍ରତ୍ୟାଗମନ ଭିତରେ ଗଳ୍ପଟି ଯେଉଁ ନାଟକୀୟ ମୋଡ଼ ନିଏ, ପରିଣତିରେ ନିହାରିକାର ଆବେଗପୂର୍ଣ୍ଣ ପ୍ରତିକ୍ରିୟା ତାକୁ ଆହୁରି ଦ୍ୱିଗୁଣିତ କରିଦେଇଥାଏ । ମନୋଜ ଦାସଙ୍କ 'ରବିବାସରୀୟ ସଂଗୀତ', 'ବାବା ଚକ୍ରଧାରୀ ବୃତ୍ତାନ୍ତ' ଗଳ୍ପ ଏହି ଧରଣର । ଗଳ୍ପରେ ନାଟକୀୟ ଉତ୍କଣ୍ଠା ସୃଷ୍ଟିର ତୃତୀୟ ପର୍ଯ୍ୟାୟରେ 'ସମାପ୍ତି ପରେ ବି' ସବୁକିଛି ଘଟିଗଲା ପରେ ବି କିଛି ସମାଧାନ ହୁଏ ନାହିଁ । ଗଳ୍ପର ଶେଷରେ ଯେଉଁ ଉତ୍ତର ମିଳେ ତା' ଯେମିତି ସହସ୍ର ପ୍ରଶ୍ନବାଚୀ ।

କ୍ଷୁଦ୍ରଗଳ୍ପରେ ଚରିତ୍ର ଅଭିମୁଖୀ ସଂଳାପରେ ଏହି ନାଟକୀୟତା ଅଧିକ ସ୍ପଷ୍ଟ ହୋଇଉଠେ । ଅଖିଳ ମୋହନ ପଟ୍ଟନାୟକଙ୍କ 'ସୁକାନ୍ତ ମହାନ୍ତି' ଗଳ୍ପରେ ସଂଳାପ ଏହିପରି- "କିନ୍ତୁ ନିର୍ବୋଧ ମିଷ୍ଟର ଓ ମିସେସ୍ ଦାସ । ତମେ କ'ଣ ଜାଣ-ଇନ୍‌ସ୍ୟୁରାନ୍‌ସ କଂପାନୀର ଡାଇରେକ୍ଟରମାନେ ତମ ଜୀବନର ଦାୟିତ୍ୱ ଆଦୌ ଗ୍ରହଣ କରି ନାହାନ୍ତି ? ତମେ କ'ଣ ଜାଣ ତମର ପ୍ରଥମ କ୍ୱାଟର୍ଲି ପ୍ରିମିୟମ୍‌କୁ ତିଳେ ତିଳେ ଆତ୍ମସାତ୍ କରି ବିଗତ ଗୋଟାଏ ସପ୍ତାହ ଧରି ବଂଚି ଆସିଛି ଏଇ ସ୍ୱିଣ୍ଡଲ୍‌ର ସୁକାନ୍ତ ମହାନ୍ତି- ହାଃ ହାଃ ହାଃ ।" ପୁଣି ଅଖିଳ ମୋହନ 'ଗ୍ରୀନ୍‌ରୁମ୍' ଗଳ୍ପରେ ନିଦ୍ରା ମୁଖରେ ଜବାବ୍ ଦେଇଛନ୍ତି- "ଭ୍ରୁରୁ ଦୁଇଟାତ ଆଖିର ସହକାରୀ ଅଳଙ୍କାର କେବଳ-ମୋର ଆଜି କ'ଣ ଇଚ୍ଛା ହଉଛି ଜାଣ ସଜନ୍ ଆଜି ରାତିର ଅଭିନୟ ପାଇଁ ଯଦି ତମଠାରୁ ତମର ଉଜ୍ଜ୍ୱଳ ଆଖି ଦୁଇଟା ମୁଁ ଧାର ନେଇ ପାରନ୍ତି ।"

ଅଖିଳମୋହନ ପଟ୍ଟନାୟକଙ୍କ କ୍ଷୁଦ୍ରଗଳ୍ପରେ ଏହି ନାଟକୀୟତା ଭାଷା, ସଂଳାପ, ରୂପକଳ୍ପ, ଉତ୍କଣ୍ଠା, ବିସ୍ମୟ, ଆକସ୍ମିକତା, ଦ୍ୱନ୍ଦ୍ୱ ଓ ଚାରିତ୍ରିକ ରହସ୍ୟମୟତାକୁ ପ୍ରୋତ୍ସାହନ ଦିଆଯାଇ ଅଙ୍କନ କରିପାରିଛନ୍ତି । ଫଳରେ ତାଙ୍କ ରଚିତ ଗଳ୍ପ ପାଠକର ଅନୁଭୂତିକୁ ଏକ ବିଚିତ୍ର ନାଟକୀୟତା ପ୍ରଦାନ କରିଥାଏ ଏବଂ ଏହା ହିଁ ହୋଇଥାଏ ଗଳ୍ପର ନାଟକୀୟତା ।

**ସହାୟକ ଗ୍ରନ୍ଥସୂଚୀ :**


୧. ଆଚାର୍ଯ୍ୟ, ବୃନ୍ଦାବନ; ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ; (୧୯୭୫) ଗ୍ରନ୍ଥ ମନ୍ଦିର, କଟକ

୨. ଦାସ (ଡ) କୁଞ୍ଜବିହାରୀ; (ସଂ) ଆଧୁନିକ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା; (୧୯୭୨) ଓଡ଼ିଶା ସାହିତ୍ୟ ଏକାଡେମୀ

୩. ପଟ୍ଟନାୟକ, ବିଭୂତି; ସାଂପ୍ରତିକ ସାହିତ୍ୟ; (୧୯୫୯); ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ

୪. ପଟ୍ଟନାୟକ, ଅଖିଳ ମୋହନ; ଝଡ଼ର ଇଗଲ ଧରଣୀର କୃଷ୍ଣସାର (୧୯୭୯); ଓଡ଼ିଶା ବୁକ୍ ଷ୍ଟୋର
ନଦୀର ନାମ ଗଣତନ୍ତ୍ର (୧୯୮୪); ମିଲଜ୍ ବୁକ୍‌ସ, ଭୁବନେଶ୍ୱର ଓ ଅନ୍ଧଗଳି (୧୯୯୪); ଅଗ୍ରଦୂତ, ବାଙ୍କା ବଜାର, କଟକ
ଅଖିଳାୟନ, ଅଖିଳମୋହନ ଫାଉଣ୍ଡେସନ (୧୯୯୮), ଭୁବନେଶ୍ୱର

୫. ମହାନ୍ତି (ଡ) ଦେବେନ୍ଦ୍ର; ଓଡ଼ିଆ ସାହିତ୍ୟର ଗତି ଓ ପ୍ରବୃତ୍ତି; (୧୯୭୫); ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ

୬. ସାମଲ (ପ୍ର) ବୈଷ୍ଣବ ଚରଣ; ଓଡ଼ିଆ ଗଳ୍ପ ଗତି ଓ ପ୍ରକୃତି; ସାଥୀ ମହଲ, ବିନୋଦ ବିହାରୀ, କଟକ
ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିହାସ (ପ୍ରଥମ ଭାଗ), ବୁକ୍‌ସ ଏଣ୍ଡ ବୁକ୍‌ସ, କଟକ ପ୍ରଥମ ପ୍ରକାଶ-୧୯୯୦
ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିହାସ (ଦ୍ୱିତୀୟ ଭାଗ), ବୁକ୍‌ସ ଏଣ୍ଡ ବୁକ୍‌ସ, କଟକ , ପ୍ରଥମ ପ୍ରକାଶ-୧୯୯୨
କ୍ଷୁଦ୍ରଗଳ୍ପ ସ୍ରଷ୍ଟା ମାନସ, ବୁକ୍‌ସ୍ ଏଣ୍ଡ ବୁକ୍‌ସ,କଟକ, ୧୯୭୮

DOI : https://doi.org/10.5281/zenodo.12789820

ମୂଳ ପ୍ରବନ୍ଧ

# ମହୁମାଛିର ବିଷ

**କମଳାକାନ୍ତ ଜେନା**

## ୧. ଉପକ୍ରମ :

କ୍ଷୁଦ୍ର ଜୀବ ମହୁମାଛିମାନେ ଆମ ନିକଟରେ ବେଶ୍ ପରିଚିତ । ସେମାନେ ଆମ ପାଇଁ ଅତ୍ୟାବଶ୍ୟକୀୟ ପ୍ରଜାତି । ପୃଥିବୀରେ ପ୍ରାୟ ୨୦,୦୦୦ ଜାତିର ମାଛି ଅଛନ୍ତି । ଆହୁରି କେତେ ଜାତିର ମାଛି ରହିଥିବେ, ଯାହାର ଅଦ୍ୟାବଧି ସଠିକ୍ ଚିହ୍ନଟ ଓ ନାମକରଣ କରାଯାଇ ନାହିଁ । ଚିହ୍ନିତ ମାଛିମାନଙ୍କ ଭିତରେ ମାତ୍ର ୮ ପ୍ରକାର ମହୁମାଛି ଅଛନ୍ତି, ଯେଉଁମାନେ ଆଜି ପୃଥିବୀର ବିଭିନ୍ନ ଅଂଚଳରେ ରହୁଛନ୍ତି । ବରଫାବୃତ ଅଂଚଳ ଗୁଡ଼ିକରେ ମହୁମାଛି ପ୍ରାୟତଃ ଦେଖିବାକୁ ମିଳନ୍ତି ନାହିଁ । ବିଶେଷକରି ଆଫ୍ରିକା, ଇଉରୋପ ଓ ଏସିଆ ମହାଦେଶରେ ଅଧିକ ସଂଖ୍ୟାରେ ଓ ଅଧିକ ପ୍ରଜାତିର ମହୁମାଛି ଦେଖିବାକୁ ମିଳନ୍ତି । ଆମ ଦେଶରେ ବିଭିନ୍ନ ଜାତିର ମହୁମାଛି ଅଛନ୍ତି । କେତେବେଳେ ଗଛ କୋରଡ଼ରେ ଆମେ ମହୁ ବସା ଦେଖୁ ତ ଆଉ କେତେବେଳେ ପାଣିଟାଙ୍କି ତଳେ ଦେଖୁ । ମୋବାଇଲ୍ ଟାୱାରରେ, ମନ୍ଦିର ଫାଙ୍କରେ, ଏପରିକି ଆମ ରହିବା ଘରର ଟିକିଏ ଆଢୁଆଳରେ ରହୁଥିବା ଝରକାରେ ବି ବେଳେବେଳେ ମହୁ ବସା ଦେଖିବାକୁ ମିଳିଥାଏ । ତେଣୁ ଆମ ଦେଶର ଛୁଆଠାରୁ ବୁଢ଼ା ଯାଏ, ସମସ୍ତେ ମହୁମାଛି ସହିତ ପରିଚିତ । ଆମେ ସେମାନଙ୍କ ବିଷୟରେ ସବୁ କଥା ଜାଣିବା ଦରକାର । କାହିଁକି ନା, ସେମାନଙ୍କ ଜୀବନଶୈଳୀ ସହିତ ଆମ ଜୀବନର ଅନେକ ସଂପର୍କ ରହିଛି । ସବୁଠାରୁ ବଡକଥା, ଆମେ ଯେମିତି ସମାଜରେ କେତେକ ନୀତିନିୟମ ମାନି ଘରଦ୍ୱାର କରି ବସବାସ କରୁ, ମହୁମାଛିମାନେ ସେହିପରି ନିଜର ଘର ତିଆରି କରି ରହନ୍ତି, ଯାହାକୁ ଆମେ ମହୁବସା ବା ମହୁଫେଣା ବୋଲି କହୁ । କେବଳ ସେତିକି ନୁହେଁ, ସେମାନେ କ୍ଷୁଦ୍ରଜୀବ ହେଲେ ବିଶୃଙ୍ଖଳିତ ସାମାଜିକ ଜୀବନଯାପନ କରନ୍ତି ଓ ନୀତିନିୟମ ମାନି ଚଳନ୍ତି । ସବୁଠାରୁ ବଡକଥା, ସେମାନଙ୍କୁ ଆମେ ଆଘାତ ନ କଲେ, ସେମାନେ ଆମର କ୍ଷତି କରନ୍ତି ନାହିଁ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI : https://doi.org/10.5281/zenodo.12789820
Article No - BPPP00211

## ୨. ଶୁଙ୍କ

ମହୁମାଛିମାନଙ୍କ ସ୍ୱାଧୀନତାରେ ବାଧା ଆସିଲେ ସେମାନେ ଦଂଶକ ଶୁଙ୍କ ବା ନାହୁଡ଼ ସାହାଯ୍ୟରେ ଅନ୍ୟକୁ ଆକ୍ରମଣ କରନ୍ତି । ମହୁମାଛିର ଶୁଙ୍କ କଥା ପଡିଲେ ବିରୁଡ଼ିର ଶୁଙ୍କ କଥା ମନକୁ ଆସେ । ବିରୁଡ଼ିର ଶୁଙ୍କ ଛୁଞ୍ଚି ଭଳି ମସୃଣ ଓ ସିଧା । ତେଣୁ ବିରୁଡ଼ି ବିନ୍ଧିବା ପରେ ଶୁଙ୍କଟି ବାହାରିଯାଏ । କିନ୍ତୁ ମହୁମାଛିର ଶୁଙ୍କରେ ଦାଆ ପରି ଓଲଟା ଦାଢ଼ ଥାଏ । ମହୁମାଛି ବିନ୍ଧିବା ସମୟରେ ଶୁଙ୍କ ସହଜରେ ଆମର ଚ଼ମଡ଼ା ଭିତରକୁ ଗଳିଯାଏ, କିନ୍ତୁ ଓଲଟା ଦାଢ଼ ଥିବାରୁ ସହଜରେ ବାହାରେ ନାହିଁ । ତେଣୁ ଶୁଙ୍କଟି ମହୁମାଛିର ପଛଭାଗରୁ ଛିଣ୍ଡି ଆମ ଚ଼ମଡ଼ାରେ ଲାଗିକରି ରହିଯାଏ । ସେଭଳି ହେଉଥିବାରୁ ମହୁମାଛିଟି କିଛି ସମୟ ପରେ ମରିଯାଏ ।

## ୩. ଦଂଶନର ଭୟାବହତା

ଶୁଙ୍କ ଫୋଡ଼ିବା ସମୟରେ ମହୁମାଛି ଆମ ଶରୀର ଭିତରକୁ ବିଷ ଛାଡ଼ିଦିଏ । ସେହି ବିଷରେ ଏକାଧିକ ରାସାୟନିକ ପଦାର୍ଥ ରହିଥାଏ । ଏହାର ମୁଖ୍ୟ ଉପାଦାନ ହେଉଛି 'ମେଲିଟିନ୍' । ଏହି ପଦାର୍ଥ ଆମ ଚ଼ମଡ଼ାରେ ଥିବା କେତେକ ସ୍ନାୟୁପ୍ରାନ୍ତକୁ ଉତ୍ତେଜିତ କରେ

ଯୋଗାଯୋଗ :
ଡ. କମଳାକାନ୍ତ ଜେନା, ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ, ଭଦ୍ରକ ସ୍ୱୟଂଶାସିତ(ସରକାରୀ)ମହାବିଦ୍ୟାଳୟ, ଭଦ୍ରକ-୭୫୬୧୦୦
E-Mail ID: kkjena1@gmail.com
ORCID ID: https://orcid.org/0000-0001-7840-3289

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
| --- | --- | --- | --- |
| ୨.୫.୨୦୨୪ | ୧୭.୬.୨୦୨୪ | ୨୫.୬.୨୦୨୪ | ୧.୭.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଜେନା, କମଳାକାନ୍ତ., ୨୦୨୪ । **ମହୁମାଛିର ବିଷ** । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଘ; ପୃଷ୍ଠା : ୪୪-୪୫ ।

। ଆମ ଶରୀରରେ ପ୍ରତିରକ୍ଷା ବ୍ୟବସ୍ଥା ରହିଛି । ତେଣୁ ବାହାରୁ ଆସିଥିବା ବିଷକୁ ପ୍ରତିରୋଧ କରିବା ସକାଶେ ହିଷ୍ଟାମିନ୍ ଓ ସିରୋଟୋମିନ୍ ଭଳି ରାସାୟନିକ ପଦାର୍ଥ ଶୁଙ୍କ ଫୋଡ଼ିଥିବା ସ୍ଥାନକୁ ଆସିଯାଏ । ଫଳରେ ସେଠାରେ ଯନ୍ତ୍ରଣା ହୁଏ ଏବଂ ଫୁଲିଯାଏ । ଯଦିଓ ମହୁମାଛିର ବିଷ ସାପ ବିଷ ପରି ମାରାତ୍ମକ ନୁହେଁ, ତଥାପି ଏହାକୁ ସଂପୂର୍ଣ୍ଣ ଅବହେଳା କରାଯାଇ ପାରିବ ନାହିଁ । କାରଣ ଗୋଟିଏ ଦୁଇଟା ମାଛି ବିନ୍ଧିଲେ ଟିକିଏ ବିନ୍ଧା ଛିଟିକା ପରେ ସବୁ ଠିକ୍ ହୋଇଯାଏ । କିନ୍ତୁ ଅଧିକ ମାଛି ବିନ୍ଧିଲେ ମାରାତ୍ମକ ହୋଇଥାଏ । ୪୫୪ ଗ୍ରାମ୍ ବା ଏକ ପାଉଣ୍ଡ ପ୍ରତି ୮.୬ ଗୋଟି ମାଛି ବିନ୍ଧିଲେ ଅବସ୍ଥା ଗୁରୁତର ହୋଇଥାଏ । ସେହି ହିସାବରେ ଦେଖିଲେ ଯଦି ଜଣେ ଲୋକର ବସ୍ତୁତ୍ୱ ୫୦ କିଲୋଗ୍ରାମ୍ ଏବଂ ସେହି ବ୍ୟକ୍ତିକୁ ଏକକାଳୀନ ଅତି କମ୍‌ରେ ୯୪୭ ସଂଖ୍ୟକ ମହୁମାଛି ଆକ୍ରମଣ କରନ୍ତି, ତେବେ ଅବସ୍ଥା ଅତି ଅସମ୍ଭାଳ ହୋଇଯାଏ । ଏହି କ୍ଷେତ୍ରରେ ବ୍ୟକ୍ତିର ହୃଦ୍‌କ୍ରିୟା ବନ୍ଦ (ହାର୍ଟ ଆଟାକ୍) ହେବାର ଅଧିକ ସମ୍ଭାବନା ଥାଏ । ବିଶେଷକରି ଛୋଟ ଛୁଆ ଓ ୭୦-୮୦ ବର୍ଷର ବୁଢ଼ାବୁଢ଼ୀଙ୍କ ପାଇଁ ମହୁମାଛିର ଦଂଶନ ଅତି ମାରାତ୍ମକ । ବର୍ଷକୁ ପ୍ରାୟ ୧୦୦ ଜଣ ମହୁମାଛି ଦଂଶନରେ ମୃତ୍ୟୁବରଣ କରନ୍ତି ।

**୪. ଆଶୁଚିକିତ୍ସା**

ମହୁମାଛିର ଦଂଶନ ଜନିତ ଯନ୍ତ୍ରଣାରୁ ରକ୍ଷା ପାଇବାର ସହଜ ଓ ଫଳପ୍ରଦ ଉପାୟ ଗୁଡ଼ିକ ଉପରେ ଅନେକ ଗବେଷଣା କରାଯାଇଛି । ଗାଁଗହଳିର ଲୋକେ ଆଘାତ ସ୍ଥାନରେ ଟିକିଏ ଗୁଡ଼ାଖୁ ବା ଚୂନ ମାରିବାର ଦେଖାଯାଏ । ସେପରି କଲେ କିଛିଦିନ ପରେ ସେହି ସ୍ଥାନଟି ପାଚି ଯିବ ଓ ପାଚିବା ପରେ ପୂଜ ସହିତ ଶୁଙ୍କ ବାହାରି ଯିବ ବୋଲି ସେମାନେ ବିଶ୍ୱାସ କରନ୍ତି । ଆଉ କେତେକ ଲୋକ ଦଂଶନ ହୋଇଥିବା ସ୍ଥାନଟିକୁ ଚିପିଚିପି ଶୁଙ୍କଟିକୁ ପ୍ରଥମେ ବାହାର କରିବା ପରେ ସେଇ ଜାଗାରେ ପୁରୁଣା ଲୁହା ଉପକରଣକୁ ଧୀରେ ଧୀରେ ଘଷି ଦିଅନ୍ତି । ତେବେ ବିଭିନ୍ନ ଡାକ୍ତରୀ ପରୀକ୍ଷା ଓ ପ୍ରାଥମିକ ଚିକିତ୍ସାର ବିଧି ଅନୁଯାୟୀ ମହୁମାଛି ବିନ୍ଧିବା ପରେ ଗୋଟିଏ ଧାରୁଆ କଣ୍ଟା ବା ଛୁରୀରେ ଚମଡ଼ାରେ ଗଳିଥିବା ଶୁଙ୍କକୁ ପ୍ରଥମେ ସତର୍କତାର ସହିତ ବାହାରକୁ ବାହାର କରିବା ନିହାତି ଜରୁରୀ । କାରଣ ଚିପିବା ଦ୍ୱାରା ଶରୀର ଭିତରକୁ ଅଧିକ ବିଷ ପ୍ରବେଶ କରିବାର ସମ୍ଭାବନା ରହିଥାଏ । ତେବେ ପ୍ରାଥମିକ ଚିକିତ୍ସା ପୂର୍ବକ କ୍ଷତ ସ୍ଥାନରେ ବରଫ ଘଷିବା ପରେ ଖାଇବା ସୋଡ଼ାକୁ ଟିକିଏ ପାଣିରେ ମିଶେଇ ସେଇ ମଣ୍ଡ (ପେଷ୍ଟ)କୁ ତା' ଉପରେ ଲଗେଇ ଦେବା ଉଚିତ । ନଚେତ୍ ୨.୫ ପ୍ରତିଶତ ମାତ୍ରାର ଆମୋନିଆ ସଲ୍ୟୁସନ୍‌କୁ ମଧ କ୍ଷତସ୍ଥାନରେ ଦିନକୁ ତିନି-ଚାରିଥର ଲଗା ଯାଇପାରେ । ଯଦି ଏସବୁରେ ସୁଫଳ ନମିଳେ, ତା' ହେଲେ ପୀଡ଼ିତ ବ୍ୟକ୍ତିକୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯିବା ଦରକାର । ସେଠାରେ ଟପିକାଲ୍ ବା ଓରାଲ୍ ଷ୍ଟେରୋଏଡ୍ କିମ୍ବା ଆଣ୍ଟିହିଷ୍ଟାମିନ୍ ଇଞ୍ଜେକ୍ସନ୍ ଦିଆଯାଇ ରୋଗୀର ଯନ୍ତ୍ରଣା ଉପଶମ କରାଯାଇପାରିବ ।

**୫. ଗବେଷଣା**

ଏପର୍ଯ୍ୟନ୍ତ ଆମେ ବିଭିନ୍ନ ଉପାୟ ବିଷୟରେ ଆଲୋଚନା କଲୁ । କିନ୍ତୁ, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଶୁଙ୍କ ବାହାର କରିବାର ସମୟ । 'ଦି ଜୋର୍ଣ୍ଣାଲ୍ ଅଫ୍ ଆଲର୍ଜି ଆଣ୍ଡ କ୍ଲିନିକାଲ୍ ଇମ୍ୟୁନୋଲୋଜି' ତଥା ବ୍ରିଟିଶ୍ ମେଡ଼ିକାଲ୍‌ଜୋର୍ଣ୍ଣାଲ୍ 'ଲାନସେଟ୍'ରେ ପ୍ରକାଶିକ ପ୍ରବନ୍ଧରେ ଗବେଷକମାନେ ଜଣାଇଛନ୍ତି ଯେ, ମାଛିର ଶରୀରରୁ ଉପାଡ଼ି ଆସିଥିବା ଶୁଙ୍କରେ ଏକାଧିକ ସ୍ନାୟୁ ଓ ମାଂସପେଶୀ ରହିଥାଏ । ଦଂଶନ ପରେ ମଧ ଚମଡାରେ ଲାଖି ରହିଥିବା ଶୁଙ୍କର ସେହି ସ୍ନାୟୁ ଓ ମାଂସପେଶୀଗୁଡିକ ଆମ ଶରୀର ଭିତରକୁ ବିଷ ଛାଡ଼ିବା ଜାରି ରଖନ୍ତି । ଆମ ଶରୀରକୁ ପଶୁଥିବା ବିଷର ୯୦ ପ୍ରତିଶତ ପ୍ରଥମ ୨୦ ସେକେଣ୍ଡ ଭିତରେ ଶୁଙ୍କ ଛାଡ଼ିଥାଏ । ଶୁଙ୍କଟି ଏକ ସେକେଣ୍ଡ ଲାଖି ରହିଲେ କ୍ଷତସ୍ଥାନ ଯେତିକି ଫୁଲି ଥାଆନ୍ତା, ୮ ସେକେଣ୍ଡ ରହିଲେ ତାହାର ତିନିଗୁଣ ଫୁଲିଯିବ । ତେଣୁ ଚମଡ଼ାରୁ ଯେତେ ଶୀଘ୍ର ସମ୍ଭବ ଶୁଙ୍କଗୁଡ଼ିକୁ ବାହାର କରିଦେବା ଆବଶ୍ୟକ ।

**୬. ସତର୍କତା**

ମହୁମାଛିମାନେ ସୁଗନ୍ଧ ଓ ରଙ୍ଗ ପ୍ରତି ସବୁବେଳେ ଆକର୍ଷିତ ହୁଅନ୍ତି । ତେଣୁ ମହୁମାଛି ପ୍ରବଣ ଅଂଚଳକୁ ଯାଉଥିଲେ ଚକମକିଆ ରଙ୍ଗବେରଙ୍ଗର ପୋଷାକ ନପିନ୍ଧି ଧୂସର ବା କଳାରଙ୍ଗର ପୂରାହାତ ପୋଷାକ ସହିତ ପୂରାଜୋତା ପିନ୍ଧିଲେ ଭଲ । ଅତର, ପାଉଡର, ବଡିଲୋସନ୍ ଓ ବଡିସ୍ପ୍ରେ ଲଗାଇଥିବା ବ୍ୟକ୍ତିଙ୍କୁ ମହୁମାଛି ଆକ୍ରମଣ କରିବାର ସମ୍ଭାବନା ଅଧିକ । ତେବେ ଆଶ୍ଚର୍ଯ୍ୟର କଥା, କେତେକ ଲୋକ ମହୁମାଛିର ଦଂଶନ ସହିବା ଅଭ୍ୟାସ କରନ୍ତି । ସେମାନେ ଆଜି ଗୋଟିଏ ମହୁମାଛିର ଦଂଶନ, କାଲି ଦୁଇଟି ମହୁମାଛିର ଦଂଶନ, ପରଦିନ ତିନୋଟି ମହୁମାଛିର ଦଂଶନ- ଏମିତି ବର୍ଦ୍ଧିତ ହାରରେ ଦଂଶନ ସହିବା ଅଭ୍ୟାସ କରନ୍ତି । ଏମିତି କରିବା ଫଳରେ ପ୍ରାୟ ପନ୍ଦର କୋଡ଼ିଏ ସପ୍ତାହ ପରେ ମହୁମାଛି ବିନ୍ଧିଲେ ସେମାନେ କିଛି ଯନ୍ତ୍ରଣା ଅନୁଭବ କରନ୍ତି ନାହିଁ । ଫଳରେ ସେମାନେ ଜଙ୍ଗଲ ଜଙ୍ଗଲ ବୁଲି ମହୁଫେଣାରୁ ନିର୍ଭୟରେ ମହୁ ସଂଗ୍ରହ କରି ପାରନ୍ତି ।

❖ ❖ ❖

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

# ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ